R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ

ସଂଖ୍ୟା : ୩୨୭

ତିଥି : ଦ୍ୱାଦଶୀ

୦୪ ସେପ୍ଟେମ୍ବର ୨୦୨୫, ଗୁରୁବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 327

04 Sept 2025, Thursday

Sambalpur

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur


भारत सरकार
GOVERNMENT OF INDIA

## ଦେଶ ପାଇଁ ଐତିହାସିକ ଦୀପାବଳି ଉପହାର

# ପରବର୍ତ୍ତୀ-ପିଢ଼ିର ଜିଏସ୍‌ଟି ସଂସ୍କାର

## ସହଜ ଜୀବନଯାପନ ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ

**କୃଷକଙ୍କଠାରୁ ଉଦ୍ୟୋଗ ପର୍ଯ୍ୟନ୍ତ, ପରିବାରରୁ ବ୍ୟବସାୟ ପର୍ଯ୍ୟନ୍ତ, ପରବର୍ତ୍ତୀ-ପିଢ଼ିର ଜିଏସ୍‌ଟି ସମସ୍ତଙ୍କ ପାଇଁ ଖୁସି ଆଣିଥାଏ!**

### ଦୈନନ୍ଦିନ ଆବଶ୍ୟକୀୟ ଜିନିଷପତ୍ରରେ ବହୁତ ସଞ୍ଚୟ କରନ୍ତୁ

| ସାମଗ୍ରୀ | ଏତେରୁ | ଏତେକୁ |
|---|---|---|
| କେଶ ତେଲ, ସାମ୍ପୁ, ଟୁଥପେଷ୍ଟ, ଟଏଲେଟ୍ ସାବୁନ୍ ବାର୍, ଦାନ୍ତ ସଫା ବ୍ରସ୍, ସେଭିଂ କ୍ରିମ୍ | ୧୮% | ୫% |
| ଲହୁଣି, ଘିଅ, ଛେନା ଏବଂ ଦୁଗ୍ଧଜାତ ପଦାର୍ଥ ସ୍ପ୍ରେଡ୍ | ୧୨% | ୫% |
| ପୂର୍ବରୁ ପ୍ୟାକେଜ୍ ହୋଇଥିବା ନମକିନ୍, ଭୁଜିଆ ଏବଂ ମିକଶ୍ଚର | ୧୨% | ୫% |
| ବାସନକୁସନ | ୧୨% | ୫% |
| ଫିଡିଂ ବୋତଲ, ଶିଶୁଙ୍କ ପାଇଁ ନାପକିନ ଏବଂ କ୍ଲିନିକାଲ୍ ଡାଏପର୍ସ | ୧୨% | ୫% |
| ସିଲାଇ ମେସିନ୍ ଏବଂ ଉପକରଣ | ୧୨% | ୫% |

### କୃଷକ ଓ କୃଷିକୁ ଉନ୍ନତ କରିବା

| ସାମଗ୍ରୀ | ଏତେରୁ | ଏତେକୁ |
|---|---|---|
| ଟ୍ରାକ୍ଟର ଟାୟାର ଓ ଯନ୍ତ୍ରାଂଶ | ୧୮% | ୫% |
| ଟ୍ରାକ୍ଟର | ୧୨% | ୫% |
| ନିର୍ଦ୍ଦିଷ୍ଟ ଜୈବ-କୀଟନାଶକ ଶୁକ୍ଷ୍ମ ପୁଷ୍ଟିକର | ୧୨% | ୫% |
| ବୁନ୍ଦା ଜଳସେଚନ ପ୍ରଣାଳୀ ଓ ସ୍ପ୍ରିଙ୍କଲର | ୧୨% | ୫% |
| ମୃତ୍ତିକା ପ୍ରସ୍ତୁତି, ଚାଷ, ଅମଳ ଓ ଖଳାପାଇଁ କୃଷି, ଉଦ୍ୟାନ କିମ୍ବା ବନୀକରଣ ମେସିନ | ୧୨% | ୫% |

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରିଲିଫ୍

| ସାମଗ୍ରୀ | ଏତେରୁ | ଏତେକୁ |
|---|---|---|
| ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା | ୧୮% | ନାହିଁ |
| ଥର୍ମୋମିଟର୍ | ୧୮% | ୫% |
| ମେଡିକାଲ୍ ଗ୍ରେଡ୍ ଅକ୍ସିଜେନ୍ | ୧୨% | ୫% |
| ସମସ୍ତ ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ରିଏଜେଣ୍ଟ | ୧୨% | ୫% |
| ଗ୍ଲୁକୋମିଟର୍ ଏବଂ ଟେଷ୍ଟ ଷ୍ଟ୍ରିପ୍ | ୧୨% | ୫% |
| ସଂଶୋଧନାତ୍ମକ ଚଷମା | ୧୨% | ୫% |

### ସୁଲଭ ମୂଲ୍ୟରେ ଅଟୋ ମୋବାଇଲ୍

| ସାମଗ୍ରୀ | ଏତେରୁ | ଏତେକୁ |
|---|---|---|
| ପେଟ୍ରୋଲ ଓ ପେଟ୍ରୋଲ ହାଇବ୍ରିଡ୍, ଏଲ୍‌ପିଜି, ସିଏନ୍‌ଜି କାର (୧୨୦୦ ସିସି ଓ ୪୦୦୦ ମିମି ରୁ ଅଧିକ ନୁହେଁ) | ୨୮% | ୧୮% |
| ଡିଜେଲ ଓ ଡିଜେଲ ହାଇବ୍ରିଡ୍ କାର (୧୫୦୦ ସିସି ଓ ୪୦୦୦ ମିମି ରୁ ଅଧିକ ନୁହେଁ) | ୨୮% | ୧୮% |
| ତିନି ଚକିଆ ଯାନ | ୨୮% | ୧୮% |
| ମୋଟରସାଇକେଲ (୩୫୦ସିସି ଓ ତଳକୁ) | ୨୮% | ୧୮% |
| ସାମଗ୍ରୀ ପରିବହନ ପାଇଁ ମୋଟର ଯାନ | ୧୮% | ୧୮% |

### ସୁଲଭ ଶିକ୍ଷା

| ସାମଗ୍ରୀ | ଏତେରୁ | ଏତେକୁ |
|---|---|---|
| ମାନଚିତ୍ର, ଚାର୍ଟ ଓ ଗ୍ଲୋବ୍ସ | ୧୨% | ନାହିଁ |
| ପେନ୍‌ସିଲ, ସାର୍ପନର, କ୍ରେଅନ୍ ଓ ପାଷ୍ଟେଲ | ୧୨% | ନାହିଁ |
| ଏକ୍ସରସାଇଜ ବୁଗ ଓ ନୋଟ ବୁକ୍ | ୧୨% | ନାହିଁ |
| ଇରେଜର | ୫% | ନାହିଁ |

### ଇଲେକ୍ଟ୍ରୋନିକ ଉପକରଣ ଉପରେ ସଂଚୟ କରନ୍ତୁ

| ସାମଗ୍ରୀ | ଏତେରୁ | ଏତେକୁ |
|---|---|---|
| ଏୟାର କଣ୍ଡିସନର | ୨୮% | ୧୮% |
| ଟେଲିଭିଜନ ( ୩୨ ଇଞ୍ଚରୁ ଅଧିକ) (ଏଲଇଡି ଏବଂ ଏଲସିଡି ଟିଭି ସମେତ) | ୨୮% | ୧୮% |
| ମନିଟର ଓ ପ୍ରୋଜେକ୍ଟର | ୨୮% | ୧୮% |
| ଡିସ୍ ୱାସିଂ ମେସିନ | ୨୮% | ୧୮% |

### ପ୍ରକ୍ରିୟା ସଂସ୍କାର

**ପଞ୍ଜିକରଣ**

ଆବେଦନକାରୀଙ୍କ ପାଇଁ ୩ କାର୍ଯ୍ୟ ଦିବସ ମଧ୍ୟରେ ସ୍ୱୟଂଚାଳିତ ପଞ୍ଜୀକରଣ :
- ତଥ୍ୟ ବିଶ୍ଳେଷଣ ଉପରେ ଆଧାର କରି ସିଷ୍ଟମ ଦ୍ୱାରା ଚିହ୍ନଟ ।
- କିଏ ନିର୍ଣ୍ଣୟ କରେ ଯେ ସେ ପ୍ରତି ମାସରେ ୨.୫ ଲକ୍ଷରୁ ଅଧିକ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାସ୍ କରିବେ ନାହିଁ ଏବଂ ଯୋଜନା ପାଇଁ ବାଛିଥାଏ ।

**ରିଫଣ୍ଡ**

ସିଷ୍ଟମ ମାଧ୍ୟମରେ ଉପଯୁକ୍ତ ଅଧିକାରୀ ଦ୍ୱାରା ଅସ୍ଥାୟୀ ରିଫଣ୍ଡ ମଞ୍ଜୁର ଏଥିପାଇଁ :
- ଶୂନ୍ୟ ହାରଯୁକ୍ତ ଯୋଗାଣ
- ଯୋଗାଣ ସହିତ ଓଲଟା ଡ୍ୟୁଟି ଷ୍ଟ୍ରକ୍‌ଚର



"ଏହି ଦୀପାବଳିରେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାର ଏକ ଉପହାର । ସାଧାରଣ ଜନତାଙ୍କ ପାଇଁ ଟିକସ ଯଥେଷ୍ଟ ହ୍ରାସ ପାଇବ । ଆମର ଏମ୍‌ଏସ୍‌ଏମ୍‌ଇ ଏବଂ କ୍ଷୁଦ୍ର ଉଦ୍ୟୋଗୀମାନେ ବିପୁଳ ଲାଭ ପାଇବେ । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଶସ୍ତା ହେବ ଏବଂ ଏହା ଅର୍ଥନୀତିକୁ ଏକ ନୂତନ ପ୍ରୋତ୍ସାହନ ମଧ୍ୟ ଦେବ ।"

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

**ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି-ଉତ୍ତମ ଓ ସରଳ**

ଦୟାପୂର୍ବକ ସବିଶେଷ ସୂଚନା ପାଇଁ ଦେଖନ୍ତୁ ସିବିଆଇସି ୱେବସାଇଟ୍ **www.cbic.gov.in**

CBC 15502/13/0006/2526


@cbic_india | @cbicindia | @CBICINDIA | @cbicindia | @CBICIndia | www.cbic.gov.in

## ଆଜି ଜନ୍ମଦିନ
# ଦାଦାଭାଇ ନାରୋଜି



୧୮୨୫ ମସିହା ସେପ୍ଟେମ୍ବର ୪ରେ ଜନ୍ମିତ ଦାଦାଭାଇ ନାରୋଜି ଭାରତର 'ଗ୍ରାଣ୍ଡ ଓଲ୍ଡ ମ୍ୟାନ' ଭାବେ ବେଶ୍ ପରିଚିତ । ସେ ହେଉଛନ୍ତି ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠାତା ସଦସ୍ୟ । ସେ କଂଗ୍ରେସର ତିନିତିନିଥର ସଭାପତି ଭାବେ ଦାୟିତ୍ୱ ସମ୍ଭାଳିଛନ୍ତି । ଏହାସହିତ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ଲେଖକଭାବେ ମଧ୍ୟ ସୁଖ୍ୟାତି ଅର୍ଜନ କରିଛନ୍ତି । ପିଲାଦିନୁ ଖୁବ ମେଧାବୀ ଥିଲେ ଦାଦା ଭାଇ । ନିଜ ଜୀନନରେ ସେ ଭାରତୀୟଙ୍କ ପାଇଁ ଖୁବ କାର୍ଯ୍ୟ କରିଛନ୍ତି, ଯାହାକୁ ଆଜି ବି ଲୋକ ମନେରଖିଛନ୍ତି । ଏହି ମହାନ ସଂଗ୍ରାମୀଙ୍କର ୧୯୧୭ ଜୁନ୍ ୩୦ରେ ଦେହାନ୍ତ ହୋଇଥିଲା । ସେ ଅନେକଙ୍କ ପାଇଁ ଆଜି ବି ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ।

# ବଢୁଛନ୍ତି କର୍କଟ ରୋଗୀ



କ୍ୟାନ୍ସର ରୋଗ ନାଁ ଶୁଣିଲେ ସମସ୍ତେ ଖୁବ ଭୟଭୀତ ହୋଇଥାଆନ୍ତି । ପ୍ରତିବର୍ଷ ଭାରତରେ ଅନେକ ଲୋକ କ୍ୟାନ୍ସରରେ ଜୀବନ ହରାଉଛନ୍ତି । ନିକଟରେ ପପୁଲେସନ ବେସ୍ଡ କ୍ୟାନ୍ସର ରେଜିଷ୍ଟ୍ରିସ୍ ପକ୍ଷରୁ ଏକ ଗବେଷଣା କରାଯାଇଥିଲା । ଏଥିରେ ମିଳିଥିବା ତଥ୍ୟ ଅନୁସାରେ ଭାରତରେ କ୍ୟାନ୍ସର ବା କର୍କଟ ରୋଗୀଙ୍କ ସଂଖ୍ୟା ବଢୁଛି । ଏହି ରିପୋର୍ଟରେ ମିଳିଥିବା ତଥ୍ୟ ଅନୁସାରେ ଭାରତରେ ପ୍ରତି ୧୦୦ ଜଣରେ ୧୧ ଜଣ କ୍ୟାନ୍ସରରେ ପୀଡିତ ଚିହ୍ନଟ ହେଉଛନ୍ତି । ୨୦୨୪ରେ ପାଖାପାଖି ୧୫.୬ ଲକ୍ଷ ନୂଆ କ୍ୟାନ୍ସର ରୋଗୀ ଚିହ୍ନଟ ହୋଇଛନ୍ତି । ସେହିଭଳି ପାଖାପାଖି ୮.୭୪ ଲକ୍ଷ ଲୋକଙ୍କର ମୃତ୍ୟୁ କ୍ୟାନ୍ସର କାରଣରୁ ହୋଇଛି । ତେବେ ଏହି ଗବେଷଣା କେବଳ ୨୩ଟି ରାଜ୍ୟକୁ ନେଇ କରାଯାଇଛି । ତଥ୍ୟ ଅନୁସାରେ ୫୧.୧ ପ୍ରତିଶତ ମହିଳା କ୍ୟାନ୍ସର ରୋଗୀ ପ୍ରତିବର୍ଷ ଭାରତରେ ଚିହ୍ନଟ ହେଉଛନ୍ତି । ହେଲେ ମହିଳାଙ୍କ କ୍ଷେତ୍ରରେ କ୍ୟାନ୍ସରରେ ମୃତ୍ୟୁହାର ପୁରୁଷଙ୍କ ଅପେକ୍ଷା କମ ରହୁଛି । ଏହାର କାରଣ ମହିଳାଙ୍କ କ୍ଷେତ୍ରରେ ଯେଉଁ କ୍ୟାନ୍ସର (ସ୍ତନ କର୍କଟ କିମ୍ବା ଓଭାରି କ୍ୟାନ୍ସର) ହେଉଛି ସେଗୁଡିକ ଶୀଘ୍ର ଚିହ୍ନଟ କରିହେଉଛି । ହେଲେ ପୁରୁଷଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଥିବା କ୍ୟାନ୍ସର (ଯକୃତ କିମ୍ବା ଫୁସ୍‌ଫୁସ୍ କର୍କଟ) ଡେରିରେ ଚିହ୍ନଟ ହୋଇଥାଏ, ଯାହା ଏହାର ଭୟାବହତାକୁ ବଢାଇଥାଏ । ଏହାସହିତ ଏଗୁଡିକ ଘାତକ ହୋଇଥାଆନ୍ତି ।



# ଦାରୁମା କଣ୍ଢେଇ

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜାପାନ ଯାତ୍ରା ସମୟରେ ତାଙ୍କୁ ଦାରୁମା ଜୀ ମନ୍ଦିରର ମୁଖ୍ୟ ପୁଜାରୀ ଏକ କଣ୍ଢେଇ ଉପହାର ଭାବେ ଦେଇଥିଲେ । ଏହି କଣ୍ଢେଇଟି ଜାପାନ ସଂସ୍କୃତିର ଏକ ମୁଖ୍ୟ ଅଂଶ । ଏହାକୁ ଦାରୁମା କଣ୍ଢେଇ ନାମରେ ସମସ୍ତେ ଜାଣିଥାଆନ୍ତି । ଏହି କଣ୍ଢେଇଟି ସମସ୍ତଙ୍କ ମନସ୍କାମନା ପୂର୍ଣ୍ଣ କରିଥାଏ ବୋଲି ବିଶ୍ୱାସ ରହିଛି । ଏହାକୁ କାଗଜରୁ ପ୍ରସ୍ତୁତ କରାଯାଇଥାଏ । ଏହାକୁ ପଞ୍ଚମ ଶତାବ୍ଦୀରେ ଜେନ ବୌଦ୍ଧ ଧର୍ମର ସଂସ୍ଥାପକ ବୋଧିଧର୍ମର ଆଧାରରେ ପ୍ରସ୍ତୁତ କରାଯାଇଥିଲା । ଏହାକୁ ସେଠାରେ ଦୃଢତା ଓ ସୌଭାଗ୍ୟର ପ୍ରତୀକ ଭାବେ ବିବେଚନା କରାଯାଇଥାଏ । ଏଠାରେ ନିଜର ଲକ୍ଷ ପୂରଣ କରିବାକୁ କଣ୍ଢେଇ ସହିତ ଏକ ପାରମ୍ପରିକ ନୀତି କରାଯାଇଥାଏ । ସୂଚନା ଅନୁସାରେ ଯଦି କୌଣସି ବ୍ୟକ୍ତି ନିଜର ଲକ୍ଷ ନିର୍ଦ୍ଧାରିତ କରିବାକୁ ଚାହାଁନ୍ତି ତେବେ ସେ ଏହି କଣ୍ଢେଇର ଗୋଟିଏ ଆଖିକୁ ରଙ୍ଗ କରିଥାଆନ୍ତି । ଏହାପରେ ଯଦି ତାଙ୍କ ମାନସିକ ପୂରଣ ହୋଇଥାଏ ତେବେ ଏହାର ଅନ୍ୟ ଆଖିକୁ ବି ରଙ୍ଗ କରନ୍ତି । ଏହାକୁ ସେଠିକାର ଜୀବନରେ କେବେ ହାର ନମାନିବାର ପ୍ରତୀକ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ । ବିଶ୍ୱାସ ଅନୁସାରେ ଏହାର ନାମ କାଞ୍ଚିପୁରମର ଭାରତୀୟ ବୋଧିଧର୍ମର ଭିକ୍ଷୁ ଦାରୁମା ଦାଶଇଙ୍କ ନାମରେ ରଖାଯାଇଛି । ସେ ଜଣେ ବିଶିଷ୍ଟ ତପସ୍ୱୀଥିଲେ, ଯିଏ ବୌଧ ଧର୍ମର ପ୍ରଚାର ପ୍ରସାର ପାଇଁ ଅନେକ କାର୍ଯ୍ୟ କରିଥିଲେ । କୁହାଯାଏ ସେ ତାଙ୍କର ଯାତ୍ରା ଭାରତରୁ ଆରମ୍ଭ କରିଥିଲେ ।

## ସୋସିଆଲ କୋଟ୍ସ



"ଟିଭି ଆକ୍ଟର ମାନଙ୍କୁ ବିଟାଉନରେ କାମ ମିଳିବା ସବୁବେଳେ କଷ୍ଟ ହୋଇଥାଏ । ଫିଲ୍ମ ଛଡା ୱେବ ସିରିଜ୍‌ରେ ମଧ୍ୟ କାମ ମିଳି ନଥାଏ । ଏହି ଟ୍ୟାଗ ଆମକୁ କଷ୍ଟ ଦେଇଥାଏ ।

ରାହୁଲ ସୁଧିର, ଅଭିନେତା



"ଯେଉଁମାନେ ମିଡିଆ ସାମନାରେ ଅଧିକ ମିଠା ମିଠା କଥା କୁହନ୍ତି, ଏମାନେ ତାଙ୍କୁ ଲାଜବନ୍ତୀର ଆଖ୍ୟା ଦେଇଥାଆନ୍ତି । ତେଣୁ ମୁଁ ସେଭଳି ଲାଜବନ୍ତୀ ହୋଇ ପାରିବି ନାହିଁ ।

ତାପସୀ ପନ୍ନୁ, ଅଭିନେତ୍ରୀ



"ବାପା ପ୍ରମିସ କରୁଛି ଯେତେ କଷ୍ଟ ହେଲେ ବି ପରିବାର ପାଇଁ ଲଢିବି । ଜୀବନରେ ହାରିବି ନାହିଁ । ତୁମେ ମୋତେ ଯାହା ଶିଖାଇଛ ତାହାକୁ କାମରେ ଲଗାଇବି ।

ବାବିଲ୍ ଖାନ୍, ଅଭିନେତା



# ସୁନା ଖୋଳୁଥିବା ମୂଷା

ହିମାଳୟରେ ଏଭଳି ଏକ ମୂଷା ବାସ କରିଥାଏ ଯାହାକୁ ସୁନା ଖୋଳୁଥିବା ମୂଷାର ନାଁରେ ଡକାଯାଇଥାଏ । ଏହି ମୂଷା ଯେଉଁମାଟି ଖୋଳିଥାଏ ସେଠାରେ ସୁନା ମିଳିଥାଏ ବୋଲି ବିଶ୍ୱାସ ରହିଛି । ଏହାକୁ ହିମାଲୟାନ ମରମୋଟର ଆଖ୍ୟା ଦିଆଯାଇଥାଏ । ଏହି ମୂଷା ଗୁଡିକଙ୍କର ଲମ୍ବ ୫୦ରୁ ୭୦ ସେମି ଥିବାବେଳେ ଓଜନ ୪ ରୁ ୯ କିଗ୍ରା ହୋଇଥାଏ । ଏହା ସମୁଦ୍ର ପତନଠାରୁ ୩,୫୦୦ ରୁ ୫୦୦୦ ମିଟର ଉଚ୍ଚରେ ଏମାନେ ରହିଥାଆନ୍ତି । ଏହି ମୂଷା ଗୁଡିକ ଲଦାଖ, ଅରୁଣାଚଳ ଓ ସିକ୍କିମ୍‌ରେ ଦେଖିବାକୁ ମିଳିଥାଏ । ସୂଚନା ଅନୁସାରେ ଏହି ମୂଷା ଯେଉଁସ୍ଥାନରେ ମାଟି ଖୋଳିଥାଏ ଖୁବ ଅଧିକ ଗଭୀର ଗାତ କରିଥାଏ ତେଣୁ ଅଧିକ ପରିମାଣରେ ମାଟି ବାହାରକୁ ଆସିଥାଏ । ଏହାସହିତ ଏହି ମାଟିରେ ସୁନାର କଣିକା ମିଶି ରହିଥାଏ ବୋଲି ସୂଚନା ରହିଛି । ତେଣୁ ସବୁବେଳେ ସ୍ଥାନୀୟ ଲୋକ ଏହି ମୂଷା କେଉଁଠି ମାଟି ଖୋଳୁଛି ତାହାକୁ ଜଗି ରହିଥାଆନ୍ତି । କିଛି ବୈଜ୍ଞାନିକଙ୍କ ମତରେ ହିମାଳୟର ଉଚ୍ଚସ୍ଥାନରେ ଥିବା ମାଟିରେ ସୁନା କଣିକା ମିଶି ରହିଥାଏ । ହିମାଚଳରେ ଏହି ମୂଷାକୁ ଖୁବ ଶୁଭପ୍ରାଣୀ ବୋଲି ମାନିଥାଆନ୍ତି ।



ବଲିଉଡ ଅଭିନେତା ଶାହରୁଖ ଖାନ୍‌ଙ୍କ ଝିଅ ସୁହାନା ଖାନ ବର୍ତ୍ତମାନ ଅଡୁଆରେ ଫସିଛନ୍ତି । ଏକ ଯମି କିଣା ଡିଲ୍‌କୁ ନେଇ ସୁହାନାଙ୍କ ଅସୁବିଧା ବଢିଛି । ସୂଚନା ଅନୁସାରେ ମହାରାଷ୍ଟ୍ର ସରକାର କୃଷକଙ୍କୁ ଦେଇଥିବା ଭୂମିକୁ ସୁହାନା କିଣିଛନ୍ତି । ଏହି ଯମିକୁ କିଣିବାକୁ ସ୍ଥାନୀୟ ଜିଲ୍ଲାପାଳଙ୍କର ମଞ୍ଜୁରୀ ଆବଶ୍ୟକତା ହୋଇଥାଏ । ହେଲେ ସୁହାନା ଏହି ଅନୁମତି ନେଇ

# ଅଡୁଆରେ ସୁହାନା

ନଥିବା ଜଣା ପଡିଛି । ଏହି ଯମିକୁ ସୁହାନା ୧୨ କୋଟିରୁ ଅଧିକ ଟଙ୍କାରେ କିଣିଥିବା ଜଣା ପଡିଛି । ହେଲେ ଘଟଣା ଜଣା ପଡିବାପରେ ବର୍ତ୍ତମାନ ଏହା ଉପରେ ସରକାରୀ ତଦନ୍ତ ଆରମ୍ଭ ହୋଇଛି । ଖବରଟି ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । କିଛି ଟ୍ରୋଲର ଏଥିରେ ସୁହାନାଙ୍କୁ ଟ୍ରୋଲ କରୁଥିବାର ମଧ୍ୟ ଦେଖିବାକୁ ମିଳୁଛି । ତେବେ ଘଟଣାକୁ ନେଇ ସୁହାନା କିମ୍ବା ଶାହରୁଖ ଖାନଙ୍କ ପକ୍ଷରୁ କୌଣସି ମନ୍ତବ୍ୟ ମିଳିନାହିଁ ।

# କେଶବିନ୍ୟାସ ବାୟୁପ୍ରଦୂଷଣର କାରଣ



ଝିଅମାନେ ସାଧାରଣତଃ ନିଜ କେଶକୁ ନୂଆ ଲୁକ ଦେବାକୁ ଅନେକ ଗ୍ୟାଜେଟ୍ ବ୍ୟବହାର କରନ୍ତି । ଏଥିରେ ଅନେକ କେମିକାଲ ସାମଗ୍ରୀ ସହିତ ଷ୍ଟ୍ରେଟନିଂ ମେସିନ ଓ ଡ୍ରାୟର ସାମିଲ ରହୁଛି । ଯେଉଁଗୁଡିକ ଉତ୍ତାପ ବା ହିଟ୍‌କୁ ବ୍ୟବହାର କରି କେଶକୁ ଷ୍ଟାଇଲ କରିଥାଏ । ହେଲେ ବର୍ତ୍ତମାନ ଏକ ତଥ୍ୟ ଅନୁସାରେ ଏହି ମେସିନ ଗୁଡିକ ବାୟୁ ପ୍ରଦୂଷଣର କାରଣ ହୋଇଥାଏ । ଏଗୁଡିକ ଚାଲିବା ସମୟରେ ଶତାଧିକ ନାନୋପାର୍ଟିକିଲ ବା ଛୋଟଛୋଟ କଣିକା ରିଲିଜ୍ କରିଥାଏ । ଏଗୁଡିକଙ୍କର ଆକାର ୫୦୦ ନାନୋ ମିଟର ହୋଇଥାଏ । ଏହି ଅଣୁଗୁଡିକ ବାୟୁରେ ମିଶି ଯଦି ଆମ ଶରୀରକୁ ଯାଏ ତେବେ ବିଭିନ୍ନ ରୋଗର କାରଣ ସାଜିପାରେ ବୋଲି ଏହି ଗବେଷଣାରେ ଜଣା ପଡିଛି । ତେଣୁ ଆମର ପ୍ରତିଦିନ ହେୟାର ଷ୍ଟାଇଲିଂ ରୁଟିନ୍ କାରଣରୁ ମଧ୍ୟ ବାୟୁ ପ୍ରଦୂଷଣ ହେଉଛି । ସେହିଭଳି ଏଗୁଡିକ ବନ୍ଦ ଘରେ ହେଉଥିବାରୁ ଏହାଦ୍ୱାରା ଆମର ଘରର ବାୟୁ ବିଶେଷଭାବେ ପ୍ରଦୂଷିତ ହେଉଥିବାନେଇ ଏଥିରେ ପ୍ରକାଶ କରାଯାଇଛି । ଏହି ରିପୋର୍ଟଟି ଏନ୍‌ଭାରିଆମେଣ୍ଟାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚରେ ସ୍ଥାନ ପାଇଛି ।

# ଦମ୍ ବିରିୟାନି ରିଜୋତ



**ସାମଗ୍ରୀ–** ଅଲିଭ ଅଏଲ୍, ବଟର, ରସୁଣ କଟା, ପିଆଜ କଟା, କଟା ହୋଇଥିବା ସେଲେରି, ଲିକ୍ (ପିଆଜ ସଣ୍ଢା ଭଳି ଏକ ପ୍ରକାର ପତ୍ର ଜାତୀୟ ପରିବା), ବିରିଆନୀ ମସଲା, ତନ୍ଦୁରୀ ଚିକେନ୍, ମଖାନୀ ଗ୍ରେଭି, ଧନିଆ ପତ୍ର କଟା, ପୋଦିନା ପତ୍ର କଟା, ରିଜୋତ, କ୍ରିମ, ଗୋଲମରିଚ ଗୁଣ୍ଡ, ୧୦ ଗ୍ରାମ ଭଜା ପିଆଜ ।

**ପ୍ରଣାଳୀ–** ପ୍ରଥମେ ତେଲ ଓ ବଟରରେ ପିଆଜ, ରସୁଣ, ସେଲେରି, ଲିକ୍‌କୁ ଭାଜି ନିଅନ୍ତୁ । ଏଥିରେ ବିରିୟାନୀ ମସଲା ପକାଇ ତନ୍ଦୁରି ଚିକେନ୍ ପକାଇ ଭାଜନ୍ତୁ । ଭାଜି ହେବା ପରେ ଏଥିରେ ରିଜୋତ ମିଶାଇ ଭଲ କରି ଗୋଳାନ୍ତୁ । ଆଉ ଏକ ପ୍ୟାନରେ ମଖାନୀ ଗ୍ରେଭିକୁ ଗରମ କରନ୍ତୁ । ଏଥିରେ ମଧ୍ୟ କିଛି ରିଜୋତ ମିଶାନ୍ତୁ । ଏହାପରେ ଆଉ ଏକ ପ୍ୟାନ୍‌ରେ ବଟର ଓ କ୍ରିମ ସହିତ ରିଜୋତକୁ ମିଶାଇ ଭାଜନ୍ତୁ । ଏହାପରେ ଗୋଟିଏ ପ୍ଲେଟରେ ସମସ୍ତ ସାମଗ୍ରୀକୁ ଲେୟାର ଲେୟାର କରି ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ଦମ୍ ବିରିୟାନି ରିଜୋତ ।

## ଘଟଣାଚକ୍ର

**୧୬୬୫–** ମୋଗଲ ଏବଂ ଛତ୍ରପତି ଶିବାଜୀ ମହାରାଜଙ୍କ ମଧ୍ୟରେ ପୁରନ୍ଧର ଚୁକ୍ତି ସ୍ୱାକ୍ଷର ।

**୧୮୨୫–** ପ୍ରମୁଖ ରାଜନୀତିଜ୍ଞ ଦାଦାଭାଇ ନାରୋଜୀଙ୍କ ଜନ୍ମ ।

**୧୮୮୦–** ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ, ଲେଖକ ତଥା ସମାଜଶାସ୍ତ୍ରୀ ଭୂପେନ୍ଦ୍ରନାଥ ଦତ୍ତଙ୍କ ଜନ୍ମ ।

**୧୮୮୮–** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଇଂଲଣ୍ଡ ପାଇଁ ସାମୁଦ୍ରିକ ଯାତ୍ରା ଆରମ୍ଭ ।

**୧୯୦୬–** ପ୍ରସିଦ୍ଧ ହିନ୍ଦୀ ପତ୍ରକାର, ସମୀକ୍ଷକ, ସାହିତ୍ୟିକ, ଆଲୋଚକ ନନ୍ଦଦୁଲାରେ ବାଜପେୟୀଙ୍କ ଜନ୍ମ ।

**୧୯୪୯–** ଭାରତରେ ଅନ୍ତରୀଣ ସରକାର ଗଠିତ ।

**୧୯୮୫–** ଦୀର୍ଘ ୭୩ ବର୍ଷ ପୂର୍ବେ ସମୁଦ୍ରରେ ବୁଡିଥିବା ଟାଇଟାନିକ୍ ଜାହାଜର ପ୍ରଥମ ଫଟୋ ସାମନାକୁ ଆସିଲା ।

**୨୦୦୦–** ସିଡ୍‌ନୀରେ ୨୭ତମ ଅଲିମ୍ପିକ୍ ଖେଳର ଶୁଭାରମ୍ଭ ।

**୨୦୦୪–** ବ୍ରିଟିଶ ନାଗରିକ ଗୁରିନ୍ଦର ଚଢ୍‌ଢ଼ାଙ୍କୁ ୱିମେନ୍ ଅଫ୍ ଦି ଇଅର୍ ସମ୍ମାନ ।

**୨୦୦୫–** ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଗିରିଜା ପ୍ରସାଦ କୋଇରାଲାଙ୍କୁ ଗିରଫ ।

**୨୦୦୯–** କୋଇଲା କମ୍ପାନୀ ଏସ୍‌ସିସିଏଲ୍‌କୁ ମିନି ରତ୍ନ କମ୍ପାନୀ ସମ୍ମାନ ସ୍ୱାୟତ୍ତା ପ୍ରଦାନ କରାଗଲା ।

**୨୦୦୯–** ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ଉପରେ ଅସବନ୍ତ ସିଂହଙ୍କ ଲିଖିତ ବହି ଉପରୁ ଗୁଜୁରାଟ ହାଇକୋର୍ଟ ପ୍ରତିବନ୍ଧକ ହଟାଇଲେ ।

**୨୦୧୨–** ପାରା ଅଲିମ୍ପିକ ଖେଳରେ ଗିରିଶ ହୋସଙ୍ଗାରା ନାଗରାଜେ ଗୌଡ ଭାରତକୁ ପ୍ରଥମ ପଦକ ଦେଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୨୭
ତିଥି : ଦ୍ୱାଦଶୀ
୦୪ ସେପ୍ଟେମ୍ବର ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 327
04 Sept 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଲଗାଣ ବର୍ଷାରେ ବାଲେଶ୍ୱର ଜଳମଗ୍ନ

- ଦୁଇଦିନ ଧରି ଲାଗି ରହିଛି ପ୍ରବଳ ବର୍ଷା
- ରାସ୍ତାଘାଟ, ସାହି-ବସ୍ତିରେ ଭାଙ୍ଗୁଛି ଲହଡ଼ି



ବାଲେଶ୍ୱର, ୩।୯ (ସବ୍ୟୁ) : ଦୁଇଦିନ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ପୌର ପାଳିକାର ପନ୍ଦରଟି ୱାର୍ଡ ସମେତ ରେମୁଣା ଏନଏସି ଓ ରେମୁଣା ବ୍ଲକର ଅନେକ ପଞ୍ଚାୟତରେ ରାସ୍ତା ଘାଟ ବୁଡି ଯାଇଥିଲା । ଅନେକଲୋକଙ୍କ ଘରେ ମଧ୍ୟ ପାଣି ପଶିଯାଇଥିଲା । ମୋତିଗଞ୍ଜ ବଜାର, ଦଉଡି ଭଙ୍ଗା, ଆଜିମାବାଦ ମଠ ସାହି, କରଞ୍ଜିଆ ପଂଚାୟତ, ବାଲିଆ ପଞ୍ଚାୟତ ସମେତ ବିଭିନ୍ନ ସାହି ବସ୍ତିରେ ପାଣିର ସୁଅ ଛୁଟିଥିଲା । ବଉଲା ପୋଖରୀ, ଚୂନ ଭାଟିର ଉପର ଓ ତଳ ସାହି, ଗୋଡି ପଦାର ଅବସ୍ଥା ବେହାଲ ହୋଇପଡ଼ିଥିଲା ।ଗତ ସୋମବାର ରାତିରେ ବର୍ଷା ଫଳରେ ନୂଆ ସାହି ଛକରେ ଥିବା ଏକ ସପିଂ ମଲ ଭିତରେ ବର୍ଷା ଜଳ ପଶି ଲକ୍ଷାଧିକ ଟଙ୍କା ମୂଲ୍ୟର ଜିନିଷ ପତ୍ର ନଷ୍ଟ ହୋଇଯାଇଛି । ସେହିପରି ଜାନୁଗଞ୍ଜ ଗୋଲେଇ ନିକଟରେ ବର୍ଷା ଜଳ ଜମି ରହିବାରୁ ପଥଚାରୀମାନେ ଅସୁବିଧା ଭୋଗିଥିଲେ । ମଙ୍ଗଳବାର ସକାଳେ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ବିଜେଡ଼ି ନେତା ବିଶ୍ୱଜିତ ମହାପାତ୍ର, ( ୯ ପୃଷ୍ଠାରେ)

## ମହିଳା କଲେଜରେ ପାଣି

ନୀଳଗିର, ୩।୯ (ସବ୍ୟୁ): ନୀଳଗିରିରେ ଲଘୁଚାପ ବର୍ଷା ସୋମବାର ରାତ୍ରି ଠାରୁ ଲାଗିରହିଥିବା ବେଳେ ମଙ୍ଗଳବାର ରାତ୍ରିରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା । ଫଳରେ ନୀଳଗିରି ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ସମୟ ଧରି ବର୍ଷା ପାଣିର ସୁଅ ଛୁଟିଥିଲା । ଏହି ଲଗାଣ ବର୍ଷା ପାଣି ନୀଳଗିରି ଏନ୍.ଏ.ସି. ଅଧିନ ନିଜଗଡ ଠାରେ ଥିବା ମହିଳା ମହାବିଦ୍ୟାଳୟ ପରିସରେ ଆଣ୍ଠୁଏ ପାଣି ହେବା ସହ ଶ୍ରେଣୀ ଗୃହରେ ପାଣି ପଶିଥିବା ଦେଖିବାକୁ ମିଳିଥିଲା। ଶ୍ରେଣୀ ଗୃହ ଭିତରେ ପାଣି ଥିବା ବେଳେ ଚେୟାର ବେଞ୍ଚରେ ବସି ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟାର ପାଇଁ ପରୀକ୍ଷା ଦେଉଥିଲେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ। ମହାବିଦ୍ୟାଳୟରେ ( ୯ ପୃଷ୍ଠାରେ)

### ଲା-ନିନା ଯୋଗୁ ପ୍ରଭାବିତ ହେବ ଜଳବାୟୁ

# ଏବର୍ଷ ହାଡ଼ଭଙ୍ଗା ଶୀତ

ଭୁବନେଶ୍ୱର, ୩।୯ (ସବ୍ୟୁ) : ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲ୍ୟୁଏମ୍ଓ)ର ଚେତାବନୀ । ସେପେଟମ୍ବରରେ ପୁଣି ଫେରୁଛି ଲା-ନିନା । ପ୍ରଭାବିତ ହେବ ଜଳବାୟୁ ବ୍ୟବସ୍ଥା । ବଡ଼ ବର୍ଷା ପରେ ହାଡ଼ ଭଙ୍ଗା ଶୀତ ।ପ୍ରଶାନ୍ତ ମହାସାଗରର ପେରୁ ତଟରେ ପେରୁ କରେଣ୍ଟ ଓଲଟା ବୋହିବା ଆରମ୍ଭ ହୋଇଗଲାଣି । ଚଳିତମାସ ସୁଦ୍ଧା ଲାନିନୋ ବିକଶିତ ହେବ । ଏହି ଥଣ୍ଡା ଜଳଧାରା ଭାରତ ମହାସାଗରରେ ପହଞ୍ଚି କ୍ଲାଇମେଟ୍ ସିଷ୍ଟମ ପ୍ରଭାବିତ କରିବ । "ଲା-ନିନା' ପାଇଁ ସେପେଟମ୍ବରରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । କେବଳ ବର୍ଷା ନୁହେଁ ଚଳିତବର୍ଷ ଭୀଷଣ ଶୀତର ପୂର୍ବାନୁମାନ କରି ଚେତାବନୀ ଦେଇଛି ବିଶ୍ୱ ପାଣିପାଗ ସଂଗଠନ । ଦିନରେ ତାପମାତ୍ରା ସର୍ବନିମ୍ନ ସ୍ତରକୁ ଖସିଯିବ । ବିଶେଷ କରି ଉତ୍ତର ଭାରତରେ ହାଡ଼ ଭଙ୍ଗା ଶୀତ ଅନୁଭୂତ ହେବ ।

ଡବ୍ଲ୍ୟୁଏମଓ ରିପୋର୍ଟ ଅନୁସାରେ, ଲା-ନିନାର ଅସ୍ଥାୟୀ ଶୀତଳ ପ୍ରଭାବ ସତ୍ତ୍ୱେ ଦୁନିଆ ଅଧିକାଂଶ ସ୍ଥାନରେ ବୈଶ୍ୱିକ ତାପମାତ୍ରା ହାରହାରି ଠାରୁ ଅଧିକ ରହିବାର ସମ୍ଭାବନା ରହିଛ । ତେବେ ଏଲ୍‌ନିନୋ ଏବଂ ଲାନିନୋ ପ୍ରଶାନ୍ତ ମହାସାଗରରେ ଚାଲୁଥିବା ଜଳଚକ୍ର ଦୁଇଟି ବିପରୀତ ଧାରା । ଏଲ୍‌ନିନୋ ଦକ୍ଷିଣ ଆମେରିକାର ପେରୁ ନିକଟବର୍ତ୍ତୀ ସମୁଦ୍ରରେ ଚାଲୁଥିବା ଏକ ଗରମ ଜଳଧାରା । ଏହି ୱାର୍ମ କରେଣ୍ଟ ବିଶେଷ କରି ଟ୍ରେଡ୍ ୱିଣ୍ଡକୁ ଦୁର୍ବଳ କରିବା ସହିତ ଭାରତରେ ମୌସୁମୀକୁ ପ୍ରଭାବିତ କରିଥାଏ । ଯାହା ଫଳରେ ଭାରତରେ ଜୁନ ଏବଂ ଜୁଲାଇ ମାସରେ ନିଅଣ୍ଟିଆ ବର୍ଷା ହେବା ସଙ୍ଗେ ସଙ୍ଗେ ଚାଷ ମଧ୍ୟ ପ୍ରଭାବିତ ହୋଇଥାଏ ।

ମାତ୍ର ଲା-ନିନା ହେଉଛି ଏଲ-ନିନୋର ବିପରୀତ । ଏହା ଦକ୍ଷିଣ ଆମେରିକା ତଟବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ଏକ ଥଣ୍ଡା ( ୯ ପୃଷ୍ଠାରେ)

### ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ବୈଠକ

# ଏସ୍ଓପି ପରେ ଧାଡ଼ି ଦର୍ଶନ

## ୧୪ ସବ୍ କମିଟି ଗଠନ

ପୁରୀ, ୩।୯ (ସବ୍ୟୁ) : ଚଳିତ ବର୍ଷ ଅଗଷ୍ଟ ୨୬ତାରିଖରେ ନୂତନ ପରିଚାଳନା କମିଟି ଗଠନ ହେବା ପରେ ବୁଧବାର ନିଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହୋଇଛି ପ୍ରଥମ ବୈଠକ । ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସଂଖ୍ୟା ୧୮ ଅଟେ । ଏହାର ସ୍ଥାୟୀ ସଦସ୍ୟ ଗଜପତି ମହାରାଜ ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଜଣେ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ପାହ୍ୟାର ଜଣେ ସଦସ୍ୟ ମୁଖ୍ୟ ପ୍ରଶାସକ,ଜିଲାପାଳ ଉପ ମୁଖ୍ୟ ପ୍ରଶାସକ,ଆଇନ ବିଭାଗର ଅତିରିକ୍ତ ସଚିବ,ଦେବୋତ୍ତର କମିଶନର,ଆରକ୍ଷୀ ଅଧିକ୍ଷକ ଏବଂ ଏଏସଆଇ ଅଧିକ୍ଷଣ ଯନ୍ତ୍ରୀ କମିଟିରେ ସଦସ୍ୟ ରହିଥାନ୍ତି । ଏମାନଙ୍କ ଛାଡ଼ି ୧୦ ଜଣ ମନୋନୀତ ସଦସ୍ୟ ରହିଥାନ୍ତି। ଏମାନଙ୍କ ମଧ୍ୟରେ ୫ ଜଣ ସେବାୟତ ପ୍ରତିନିଧି,ଜଣେ ମଠ ପ୍ରତିନିଧି, ଜଣେ ମୁକ୍ତି ମଣ୍ଡପ ପ୍ରତିନିଧି, ଜଣେ ଚାଟାର୍ଡ଼ ଆକାଉଣ୍ଟାଣ୍ଟ ଏବଂ ଅନ୍ୟ ୨ଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ରହିଛନ୍ତି। ବୈଠକ ଆରମ୍ଭରେ ପରିଚାଳନା କମିଟିର ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ଗତ ରଥଯାତ୍ରା ପୂର୍ବରୁ ୨୬ ମଇ ମାସରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକର ବିବରଣୀ ପଠନ ଓ ଦୃଢୀକରଣ କରାଯାଇଥିଲା।

ଶ୍ରୀମନ୍ଦିର ପରିଚାଳନା କମିଟିର ସୁପରିଚାଳନା ପାଇଁ ( ୯ ପୃଷ୍ଠାରେ)

# ଓଡ଼ିଶା ପାଭିଲିଅନରେ ୨୬୫୫ କୋଟିର ଏମ୍ଓୟୁ



ଭୁବନେଶ୍ୱର, ୩।୯ (ସବ୍ୟୁ) : ନୂଆଦିଲ୍ଲୀରେ ଅନୁଷ୍ଠିତ ସେମିକନ ଇଣ୍ଡିଆ ୨୦୨୫ ଅବସରରେ ଓଡ଼ିଶା ପାଭିଲିଅନରେ ୨୬୫୫ କୋଟିର ସେମି କଣ୍ଡକ୍ଟର ପ୍ରକଳ୍ପ ଲାଗି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ପାଭିଲିଅନରେ ଟପ୍ ଟ୍ରାକ୍, ହାଇଟେକ୍ ପିସିବି ପ୍ରାଇଭେଟ୍ ଲିମିଟେଡ୍ ସହ ୧୦୦୫ କୋଟି ଓ ସାମକୋଡ ଟେକ୍ନୋଲୋଜି ସହ ସିଲିକନ ସହଭାଗିତାରେ ଇନାରୀ ଆମରେଟନ୍ ବ୍ରେହାଟ ଓ ଏପିଆଇଆର୍‌ସି ପେନାଙ୍ଗ ମଧ୍ୟରେ ୧୬୦୫ କୋଟି ଟଙ୍କାର ଏମ୍ଓୟୁ ହୋଇଛି। ଏହି କମ୍ପାନୀଗୁଡ଼ିକ ଇନ୍‌ଟେଲ୍, ମାଇକ୍ରନ୍, ୱେଷ୍ଟର୍ଣ୍ଣ ଡିଜିଟାଲ, ରେନାନ୍ସ ଓ ସିମେନ ସହ କାର୍ଯ୍ୟ କରୁଛି।

ଓଡ଼ିଶାକୁ ବିଶ୍ୱର ସେମିକଣ୍ଡକ୍ଟର ଓ ଆଡଭାନ୍ସ ଇଲେକ୍ଟ୍ରୋନିକ୍ସ ଶିଳ୍ପର ପ୍ରମୁଖ କେନ୍ଦ୍ର କରିବା ପାଇଁ ( ୯ ପୃଷ୍ଠାରେ)

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା!

ଭୁବନେଶ୍ୱର, ୩।୯ (ସବ୍ୟୁ) : ରାଜଧାନୀର ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ସେ ଆତ୍ମହତ୍ୟା କରିଥିବା ନିଶା ନିବାରଣ କେନ୍ଦ୍ର ପକ୍ଷରୁ କୁହାଯାଇଥିଲେ ମଧ୍ୟ ପରିବାର ଲୋକେ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଏହି ଘଟଣାକୁ ମିଶାଇ ରାଜଧାନୀରେ ଥିବା ବିଭିନ୍ନ ନିଶା ନିବାରଣ କେନ୍ଦ୍ରରେ ୪ଜଣଙ୍କ ମୃତ୍ୟୁ ହେଲାଣି । ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହେଉଥିଲେ ମଧ୍ୟ ନିଶା ନିବାରଣ କେନ୍ଦ୍ରର ମାଲିକ କିମ୍ବା କର୍ମଚାରୀ ଗିରଫ ହେବା ନଜିର ନାହିଁ ।

ଅଗଷ୍ଟ ଶେଷ ସପ୍ତାହରେ ବାଙ୍କିର ସୂର୍ଯ୍ୟକାନ୍ତ ମହାପାତ୍ର ଭରତପୁର ଅଞ୍ଚଳରେ ଥିବା ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ପରିବାର ପକ୍ଷରୁ ପୁଅ ରହିବା ପାଇଁ ଟଙ୍କା ମଧ୍ୟ ଦେଇଥିଲେ । ଏହି କେନ୍ଦ୍ରରେ ନୁହଁ, ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହେଲେ ମାସିକ ଖର୍ଚ୍ଚ ପରିବାର ପକ୍ଷରୁ ଦେବାକୁ ହୋଇଥାଏ । ଭରତପୁର ନିଶା ନିବାରଣ କେନ୍ଦ୍ରରେ ନିଶାଡି ଯୁବକ ଦୁଷ୍ଟାମୀ କରିବାରୁ ତାକୁ ପିଟି ପିଟି ହତ୍ୟା କରାଯାଇଥିବା ପରିବାର ଲୋକେ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ତାଙ୍କ ଅଭିଯୋଗ ଗ୍ରହଣ ( ୯ ପୃଷ୍ଠାରେ)

# ସୁକ୍‌ମାରେ ୨୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩।୯ (ସବ୍ୟୁ) : ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲ୍ଲା ପୋଲିସ ନିକଟରେ ୨୦ ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଛତିଶଗଡ଼ ସରକାରଙ୍କ ତରଫରୁ ଆରମ୍ଭ ହୋଇଥିବା "ଘରକୁ ଫେରିଆସ' ଓ ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାବିତ ହୋଇ ନକ୍ସଲ ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି ।

ଆଜି(ବୁଧବାର) ସୁକମା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ପି କିରଣ ଚୌହାନ, ସିଆରପିଏଫ୍ କମାଣ୍ଡାଣ୍ଟ ରାଜେଶ କୁମାର ପାଣ୍ଡେଙ୍କ ନିକଟରେ ଏହି ୨୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯ ଜଣ ମହିଳା ମାଓବାଦୀ ଅଛନ୍ତି । ସେମନଙ୍କ ମୁଣ୍ଡରେ ୩୩ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେମାନେ ବହୁ ହିଂସାରେ ଜଡିତ ଥିବା ପୋଲିସ କହିଛି । ସେମାନଙ୍କ ମଧ୍ୟରୁ ଜଣେ ହାର୍ଡକୋର ମହିଳା ମାଓବାଦୀ ଥିବା ଜଣାପଡ଼ିଛି ।

ମାଓବାଦୀମାନେ ବିଭିନ୍ନ ସଂଗଠନର ସଦସ୍ୟ ବୋଲି ପୋଲିସ କହିଛି । ୨ ମାଓବାଦୀଙ୍କ ନାମରେ ୮ ଲକ୍ଷ ପୁରସ୍କାର ରହିଥିବା ବେଳେ ଜଣେ ମାଓବାଦୀ ନାମରେ ୫ ଲକ୍ଷ, ୩ ମାଓବାଦୀ ନାମରେ ୪ ଲକ୍ଷ ଲେଖାଏଁ ଏବଂ ଅନ୍ୟ ମାଓବାଦୀମାନେ ପାର୍ଟି ସଦସ୍ୟ ରହିଛନ୍ତି । ପୋଲିସ ତରଫରୁ ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ସମସ୍ତ ମାଓବାଦୀଙ୍କୁ ଆତ୍ମନିର୍ଭୀରଶୀଳ କରାଯିବ। ମାଓବାଦୀ ସଂଗଠନରେ ହେଉଥିବା ଭେଦଭାବ, ନିର୍ଯାତନା ଏବଂ ପୋଲିସର ଘନ ଘନ ଚଢାଉ ଯୋଗୁଁ ଏମାନେ ଭୟଭୀତ ହୋଇ ରହିଥିଲେ । ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ଖୁସିରେ କଟାଇବୁ ବୋଲି ମାଓବାଦୀମାନେ କହିଛନ୍ତି ।

### ସାମ୍ବାଦିକଙ୍କ ଉପରେ ଆକ୍ରମଣ

# ଓଡ଼ିଶା ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍

ଭୁବନେଶ୍ୱର, ୩।୯ (ସବ୍ୟୁ) : ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଏକ ଗଣମାଧ୍ୟମ ରିପୋର୍ଟର ସ୍ୱତଃ ସଂଜ୍ଞାନ ନେଇଛନ୍ତି, ଯେଉଁଥିରେ ଦର୍ଶାଯାଇଥିଲା ଯେ ୨୯ ଅଗଷ୍ଟ, ୨୦୨୫ ରେ ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ଅଞ୍ଚଳରେ ଜଣେ ସାମ୍ବାଦିକଙ୍କୁ ଜନୈକ ନିଶାଶକ୍ତ ବ୍ୟକ୍ତି ଅନେକ ଥର ଛୁରାମାଡ଼ କରିଥିଲେ । ତାଙ୍କ ବିରୁଦ୍ଧରେ ଅଭିଯୋଗ କରିବାରୁ ସେ ଏହି ଆକ୍ରମଣ କରିଥିଲେ । ପୀଡିତ ସାମ୍ବାଦିକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

କମିଶନ କହିଛନ୍ତି ଯେ, ଯଦି ଏହି ଖବର ସତ୍ୟ ତେବେ ଏହା ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ପ୍ରସଙ୍ଗ ଅଟେ । ତେଣୁ, କମିଶନ ଓଡ଼ିଶାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ବିସ୍ତୃତ ରିପୋର୍ଟ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ତଦନ୍ତର ସ୍ଥିତି ଏବଂ ଆହତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସୂଚନା ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି । ( ୯ ପୃଷ୍ଠାରେ)

# ଦିଲ୍ଲୀ ଗସ୍ତରେ ମନମୋହନ

ଭୁବନେଶ୍ୱର, ୩।୯ (ସବ୍ୟୁ) : ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତରେ ଅଛନ୍ତି । ଉଭୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କ ଦିଲ୍ଲୀ ଗସ୍ତ ନେଇ ବିଜେପି ମହଲରେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

କିଛିଦିନ ତଳେ ଉଭୟେ ମୁଖ୍ୟମନ୍ତ୍ରୀ ଓ ସଭାପତି ଦିଲ୍ଲୀ ଗସ୍ତରେ ଥିଲେ। ଏହି ସମୟରେ ସାଂସଦମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ତେବେ ମନମୋହନଙ୍କ ଦିଲ୍ଲୀ ଗସ୍ତର କାରଣ


# ନିଗମ, ବୋର୍ଡରେ ନିଯୁକ୍ତି କଳ୍ପନାଜଳ୍ପନା



ଯଦିଓ ଦଳୀୟ ସୂତ୍ରରୁ କିଛି ସୂଚନା ଦିଆଯାଇନାହିଁ । ତେବେ ଏହି ଗସ୍ତ ସମୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ, ସମ୍ପ୍ରସାରଣ, ନିଗମ ଓ ବୋର୍ଡରେ ନିଯୁକ୍ତି ଏବଂ ଦଳୀୟ ପଦାଧିକାରୀ ନିଯୁକ୍ତି ନେଇ ଶୀର୍ଷ ନେତୃତ୍ୱ ସହ ଆଲୋଚନା ହୋଇପାରେ ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ମୋହନ ମାଝୀଙ୍କ ନେତୃତ୍ୱରେ ଗଠିତ ବିଜେପି ସରକାର ବର୍ଷେ ପୂରଣ କରିସାରିଲାଣି। ମାତ୍ର ଏ ପର୍ଯ୍ୟନ୍ତ ନିଗମ ଓ ବୋର୍ଡଗୁଡ଼ିକରେ ନିଯୁକ୍ତି ହୋଇନାହିଁ। ସୂଚନା ଅନୁଯାୟୀ ଦଳୀୟ ସ୍ତରରେ ବାରମ୍ବାର ଏନେଇ ବୈଠକ ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଅନୁମାନ କରାଯାଉଛି ଏ ସମ୍ପର୍କରେ ଉଭୟେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିପାରନ୍ତି। ମନ୍ତ୍ରିମଣ୍ଡଳରେ ମଧ୍ୟ ୬ ପଦବୀ ଖାଲି ରହିଛି। ତାହା ମଧ୍ୟ ପୂରଣ ହୋଇନାହିଁ। ବାରମ୍ବାର ଏନେଇ ଅନେକ କଳ୍ପନା ଜଳ୍ପନା ପ୍ରକାଶ ପାଉଛି। ଅବଶ୍ୟ ଏବେ ମନ୍ତ୍ରିମଣ୍ଡଳ ଅଦଳବଦଳ ବା ସମ୍ପ୍ରସାରଣ ହେବାର ଆଶା କ୍ଷୀଣ ରହିଛି। କାରଣ ୧୮ ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳରେ କୌଣସି ଅଦଳ ବଦଳ କରିବାକୁ ହୁଏତ ମୁଖ୍ୟମନ୍ତ୍ରୀ ଚାହିଁ ନ ପାରନ୍ତି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ସରକାର ବିରୋଧରେ ଅନାସ୍ଥା ଅଣାଯିବ ବୋଲି କୁହାଯାଇଥିଲା। ସଂଖ୍ୟା ଦୃଷ୍ଟିରୁ କଂଗ୍ରେସର ଅନାସ୍ଥା ଆସିଲେ ସରକାରଙ୍କ ପ୍ରତି ସେଭଳି କିଛି ବିପଦ ନାହିଁ। ତେବେ ଏହି ସମୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବାର ଆଶା ଦିଶୁନାହିଁ। ତେବେ ମନମୋହନଙ୍କ ଏହି ଦିଲ୍ଲୀ ଗସ୍ତର କାରଣ ବା ( ୯ ପୃଷ୍ଠାରେ)

# ଦୁଇ ଥାକିଆ ଟିକସ ସ୍ଲାବ୍ ଅନୁମୋଦିତ

- ଜିଏସ୍‌ଟି ପରିଷଦ ବୈଠକ
- ସେପ୍ଟେମ୍ବର ୨୨ରୁ ଲାଗୁ
- ଜୀବନ ରକ୍ଷାକାରୀ ଔଷଧ ଟିକସ ମୁକ୍ତ
- କ୍ଷୀର, ପନୀର ଜିଏସ୍‌ଟି ମୁକ୍ତ
- ଅଟୋମୋବାଇଲ, ଗୃହ କ୍ଷେତ୍ରକୁ ବଡ ଆଶ୍ୱସ୍ତି



ନୂଆଦିଲ୍ଲୀ, ୩।୯ : ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ୫୬ତମ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ପରିଷଦ ବୈଠକ ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ଦୁଇଦିନ ଧରି ହେବାକୁ ଥିବା ଏହି ବୈଠକ ଆଜିଠୁ ଆରମ୍ଭ ହୋଇଛି।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜିଏସ୍‌ଟିରେ ଥିବା ୪ ଥାକିଆ ଟିକସ ବ୍ୟବସ୍ଥାର ସରଳୀକରଣ କରାଯିବ। ନୂଆ ବ୍ୟବସ୍ଥାରେ ୧୮% ଓ ୫% ଟିକସ ବ୍ୟବସ୍ଥା ରହିବ। ଏହାକୁ ପରିଷଦ ବୈଠକରେ ଅନୁମୋଦନ କରାଯାଇଛି। ୧୭୫ ସାମଗ୍ରୀ ଉପରୁ ଜିଏସ୍‌ଟି ହ୍ରାସ ହେବ। ତେବେ ୪୦% ଟିକସ ସୌଖୀନ ସାମଗ୍ରୀ ଉପରେ ଲାଗିପାରେ। ଅଢ଼େଇ ହଜାରରୁ କମ ମୂଲ୍ୟ ଥିବା ଜୋତା ଓ ପୋଷାକ ସାମଗ୍ରୀ ଶସ୍ତା ହୋଇପାରେ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଜିଏସ୍‌ଟି ବୈଠକ ( ୯ ପୃଷ୍ଠାରେ)

# କଂଗ୍ରେସର ସଙ୍ଗଠନ ଶ୍ରୀଜନ ଅଭିଯାନ, ବଛା ହେବେ ଜିଲ୍ଲା ସଭାପତି

କଟକ, (ସବ୍ୟୁ): କଟକ ନଗର ଜିଲ୍ଲା କଂଗ୍ରେସ ପାଇଁ ସଙ୍ଗଠନ ଶ୍ରୀଜନ ଅଭିଯାନ କାର୍ଯ୍ୟକ୍ରମ କଟକ ସର୍କିଟ ହାଉସ ଠାରେ ପୂର୍ବତନ ବିଧାୟକ ତଥା ପିସିସି ପର୍ଯ୍ୟବେକ୍ଷକ ପଞ୍ଚାନନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ସରକାରଙ୍କ ମୁଖ୍ୟ ସଚେତକ ସଲିମ୍ ଅହମ୍ମଦ ଯୋଗଦେଇ କଟକ ନଗର କଂଗ୍ରେସ ସଭାପତି କିପରି ଭାବେ ବଛାଯିବ ସେ ଦିଗରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଚାରିଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଂଗ୍ରେସ ସଭାପତି ଖଡଗେ ଜି ଓ ରାହୁଲ ଗାନ୍ଧୀ ଯେଉଁ ବାର୍ତ୍ତା ଦେଇଛନ୍ତି ତୃଣମୂଳ ସ୍ତରକୁ ଯାଇ କର୍ମୀମାନଙ୍କ ମତ ନେଇ ଜିଲ୍ଲା ସଭାପତି ଚୟନ କରାଯିବ । ସେଥିପାଇଁ ସମସ୍ତ ବରିଷ୍ଠ ନେତା, ପୂର୍ବତନ ବ୍ଲକ କଂଗ୍ରେସ, କର୍ପୋରେଟର, ପୂର୍ବତନ କର୍ପୋରେଟର, କର୍ପୋରେଟର, ୱାର୍ଡ ସଭାପତି, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଆଦି ସମସ୍ତ ବିଭାଗ ମୁଖ୍ୟ ମାନଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ଆଲୋଚନା କରି , ଏହାର ସମସ୍ତ ରିପୋର୍ଟ ଏଆଇସିସି କୁ ପଠେଇ ଦିଆଯିବ। ଏହାକୁ ବିଚାର କରାଯାଇ ଜିଲ୍ଲା ସଭାପତି ଚୟନ କରାଯିବ ବୋଲି ଶ୍ରୀ ଅହମ୍ମଦ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ମାନସ ଚୌଧୁରୀ, ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଉଚ୍ଛବ ସାହୁ, ସତ୍ୟବ୍ରତ ଦାସ, ନିକୁଞ୍ଜ ପସାୟତ, ଗିରିବାଳା ବେହେରାଙ୍କ ସମେତ ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।




# ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀ ଗୁରୁତର

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ବେସରକାରୀ ସ୍କୁଲରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଗଣିତ ଶିକ୍ଷୟିତ୍ରୀ ମାଡ ମାରି ଆଖି ଫଟାଇ ଦେଇଛନ୍ତି । ଛାତ୍ରୀଙ୍କୁ ତାଙ୍କ ବାପା ଏକ ବେସରକାରୀ ହସ୍ପିଟାଲକୁ ନେଇ ଚିକିତ୍ସା କରାଉଥିବା ବେଳେ ଗଣିତ ଶିକ୍ଷୟିତ୍ରୀ ସାହାଯ୍ୟ କରୁଥିବା କୁହାଯାଉଛି । ଛାତ୍ରୀଙ୍କ ଆଖିରେ ଷ୍ଟିଚ୍ ପଡିଥିବାରୁ ଅବସ୍ଥା ଗମ୍ଭୀର ଥିବା ଡାକ୍ତର କହିଛନ୍ତି । ଡୁମୁଡୁମା ଫେଜ୍-୨ରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର । ସେହି ସ୍କୁଲର ଚତୁର୍ଥ ଶ୍ରେଣୀରେ ପଢନ୍ତି ସର୍ମିକା ଅସଦ ବେଗଙ୍କ ଝିଅ । ସେ ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ବୁଧବାର ଗଣିତ କ୍ଲାସ୍‌ରେ ଗଣିତ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଢାଉଥିଲେ । ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ଦେଇଥିବା ଗଣିତ ନଆସିବାରୁ ତାଙ୍କୁ ମାଡ ମାରି ଆଖି ଫଟାଇ ଦେଇଥିବା କୁହାଯାଉଛି । ହେଲେ ଛାତ୍ରୀଙ୍କ ବାପା ଖଣ୍ଡଗିରି ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସ୍କୁଲର ବକେୟା ଟଙ୍କା ଦେଇନଥିବାରୁ ତାଙ୍କ ଝିଅକୁ ଏପରି ମାଡ ମରାଯାଇଛି । ଖଣ୍ଡଗିରି ଥାନା ପୋଲିସ ଶ୍ରୀ ବେଗ୍‌ଙ୍କ ଅଭିଯୋଗ ଗ୍ରହଣ କରି ମାମଲା ରୁଜୁ କରି ତଦନ୍ତ କରୁଛି । ଶିକ୍ଷାୟତନ ଦଣ୍ଡମୁକ୍ତ ହୋଇଥିବା ବେଳେ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ କାହିଁକି ମାଡ ମାରିଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ସାର ସ୍ଥିତି ସମୀକ୍ଷା

# କଳାବଜାରୀ କରିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ

ଖୋର୍ଦ୍ଧା, (ସବ୍ୟୁ): ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଖୋର୍ଦ୍ଧା ଗସ୍ତରେ ଆସି ଜିଲ୍ଲାରେ ସାର ସ୍ଥିତି ସମୀକ୍ଷା କରିଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀ, ପ୍ୟାକ୍ସ ଓ ଲାମ୍ପସର କେତେଜଣ ସଭାପତି, ସମ୍ପାଦକଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ରବି ନାରାୟଣ ସେନାପତି, ସମବାୟ ସମୂହ ସହ ଉପ ନିବନ୍ଧକ ଭାଗବତ ମାରାଣ୍ଡି, ଏଡିଓ(ଖୋର୍ଦ୍ଧା) ସୁବ୍ରତ କୁମାର ରଥ, ଏଡିଓ(ଭୁବନେଶ୍ୱର) ମନୋରଞ୍ଜନ ରାଉଳ, ଏଡିଓ(ଟାଙ୍ଗୀ) ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକା ଗୋବିନ୍ଦ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମିଶ୍ର,ପୂର୍ବତନ ଜିଲା ସଭାପତି କେଳୁଚରଣ ଜଗଦ୍ଦେବ, ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଖରିଫ ଚାଷ ପାଇଁ ୭ହଜାର ମେଟ୍ରିକଟନ ୟୁରିଆ ସାର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯ହଜାର ୩୦୩ ମେଟ୍ରିକ ଟନ ସାର ମହଜୁଦ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ୧୯୮ ଜଣ ସରକାରୀ ସ୍ୱିକୃତିପ୍ରାପ୍ତ ଡିଲର ଏବଂ ୧୧୨ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ବଂଟନ ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ସାର ବଂଟନରେ ଯେଉଁ ମାନେ ବିଶୃଙ୍ଖଳା ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ସାହୁ ଚେତାବନୀ ଦେଇଛନ୍ତି। ସାର ବଂଟନରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରୁଥିବା ୩ଜଣ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୫୬ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ରାଜ୍ୟ ସଭାପତି ସାହୁ କହିଛନ୍ତି।



### ସ୍କୁଲ ସହ ଯୋଡ଼ିହେବ ଅଙ୍ଗନବାଡ଼ି କେନ୍ଦ୍ର, ଗାଇଡଲାଇନର ଶୁଭାରମ୍ଭ

# ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁଙ୍କର ଶତ-ପ୍ରତିଶତ ଯତ୍ନ ନେବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ କରକମଳରେ ଗୋଟିଏ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ସହିତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥାପନା ପାଇଁ ଗାଇଡଲାଇନର ଶୁଭାରମ୍ଭ ହୋଇଯାଇଛି । ନୂଆ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ୱ ଉପରେ ଗାଇଡଲାଇନରେ ଜୋର୍ ଦିଆଯାଇଛି । ଶିକ୍ଷା ମନ୍ତ୍ରଣାଳୟ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଅଭିନବ ପଦକ୍ଷେପ ପାଇଁ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ'ର ମାନବ ପୁଞ୍ଜି ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏକ ସଫଳ ପଦକ୍ଷେପ ହେବ । ବିକଶିତ ଭାରତର ଲକ୍ଷ୍ୟ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଆଗାମୀ ଦିନରେ ଶତ-ପ୍ରତିଶତ ଗର୍ଭବତୀ ମହିଳା, ନବଜାତ ଶିଶୁ ଏବଂ ସ୍କୁଲ ଯିବାକୁ ଥିବା ଶିଶୁମାନଙ୍କର ଯତ୍ନ ନେବା ।

ଏହି ଅବସରରେ ଶ୍ରୀ ପ୍ରଧାନ + ୨ ପର୍ଯ୍ୟନ୍ତ ପାଠ ପଢିନଥିବା ଏବଂ ଆଗକୁ ପାଠ ପଢିବା ପାଇଁ ଇଚ୍ଛା ରଖୁଥିବା ଅଙ୍ଗନବାଡ଼ି ଦିଦିଙ୍କ ପାଇଁ ମଡ୍ୟୁଲ ପ୍ରସ୍ତୁତ କରିବାକୁ ମହିଳା, ଶିଶୁ ବିକାଶ ଓ ଶିକ୍ଷା ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି ଏଆଇ ସମେତ ଅନ୍ୟ ଜ୍ଞାନକୌଶଳ ମାଧ୍ୟମରେ ବିଶ୍ୱରେ ଜୀବନଶୈଳୀ ସହଜ ହୋଇଛି ।ଏଥିପାଇଁ ଆମକୁ ଏଆଇର ଉପଯୋଗ କରି ପିଲାମାନଙ୍କ ଭବିଷ୍ୟତ ନିର୍ମାଣ କରିବା ଉପରେ ଦୃଷ୍ଟି ଦେବା ଉଚିତ୍ । ଆମର ଅଙ୍ଗନବାଡ଼ି ଦିଦିମାନେ ପିଲାମାନଙ୍କର ପ୍ରଥମ ଗୁରୁ ଏବଂ ଏଆଇ ମାଧ୍ୟମରେ ଭାରତୀୟ ଭାଷାରେ ଶିକ୍ଷାକୁ ଅଧିକ ସରଳ କରାଯାଇପାରିବ । ଆଗାମୀ ୩ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨ ଲକ୍ଷ ବେସରକାରୀ ଏବଂ ସରକାରୀ ହାଇସ୍କୁଲରେ ବ୍ରଡବ୍ରାଣ୍ଡ ଇଣ୍ଟରନେଟ୍ ସଂଯୋଗ କରାଯିବ । ଆସର୍ ଏବଂ ପରଖ ରିପୋର୍ଟର ସାମ୍ପ୍ରତିକ ତଥ୍ୟାନୁସାରେ ଗାଁରେ ପିଲାମାନଙ୍କର ଶିକ୍ଷଣ ଫଳାଫଳରେ ସହର ଅପେକ୍ଷା ଭଲ ହୋଇଛି । ଏହି ଅଭୁତପୂର୍ବ ସଫଳତା ଆମର ଅଙ୍ଗନବାଡି ଦିଦିମାନଙ୍କର କଠିନ ପରିଶ୍ରମର ପ୍ରତିଫଳନ । ବର୍ତ୍ତମାନ ସମୟରେ ଆମର ଦାୟିତ୍ୱ ହେଉଛି, ଦେଶର ପ୍ରାୟ ୧୫ କୋଟି ପିଲାମାନଙ୍କର ଉପଯୁକ୍ତ ଯତ୍ନ ନେଉ, ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାର ଯତ୍ନ ନେଉ, ତେବେ ଯାଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଏବଂ ନିପୁଣ ଭାରତର ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗର ସହଯୋଗରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ପାଇଁ ଗାଇଡଲାଇନ ଜାରି କରାଯାଇଛି । ଏହି ପଦକ୍ଷେପ ବିକଶିତ ଭାରତର ମାନବ ସମ୍ବଳ ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଜାତୀୟ ଶିକ୍ଷା ନୀତି ଅଧୀନରେ ଏହି ଗାଇଡଲାଇନ, ଅଙ୍ଗନବାଡ଼ି ଓ ସ୍କୁଲକୁ ଗୋଟିଏ କ୍ୟାମ୍ପସରେ ପ୍ରତିଷ୍ଠା କରିବା ସହ ସମନ୍ୱିତ ମଡେଲ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାର ମହତ୍ତ୍ୱ ଉପରେ ଯୋର୍ ଦେଉଛି । ସମଗ୍ର ଭାରତବର୍ଷରେ ସ୍କୁଲ ପରିସରରେ ପୂର୍ବରୁ ୨.୯ ଲକ୍ଷରୁ ଅଧିକ ଅଙ୍ଗନୱାଡି କେନ୍ଦ୍ର ରହିଛି । ଏଥିପାଇଁ ଏହି ଗାଇଡଲାଇନ୍ ବା ନିର୍ଦ୍ଦେଶାବଳୀ ପରିଚାଳନା ସମ୍ବନ୍ଧୀୟ ଆବଶ୍ୟକ ସ୍ପଷ୍ଟତା ପ୍ରଦାନ କରିବ ଏବଂ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ମଡେଲକୁ ପ୍ରଭାବଶାଳୀ ଢଙ୍ଗରେ ଆଗକୁ ବଢାଇବା ଦିଗରେ ସମର୍ଥ କରିବ । ଏହି କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ଏବଂ ସାକ୍ଷରତା ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ଉଭୟ ବିଭାଗର ପ୍ରତିନିଧି ଏବଂ ଅଙ୍ଗନୱାଡି କର୍ମଚାରୀମାନେ ଯୋଗଦେଇଥିଲେ ।




## ନିଶାମୁକ୍ତ ଭସାଣି, ପ୍ରାଣଘାତୀ ଡିଜେ ମୁକ୍ତ ରୋଷଣି ଦାବି କଲା ବରିଷ୍ଠ ନାଗରିକ ମଞ୍ଚ

ଖୋର୍ଦ୍ଧା, (ସବ୍ୟୁ): ପାର୍ବଣ ଋତୁରେ ଦେବା ଦେବୀଙ୍କ ବିସର୍ଜନ ଏବଂ ବିବାହ ଉତ୍ସବର ବରଯାତ୍ରୀଙ୍କ ଶୋଭାଯାତ୍ରାକୁ ଆନନ୍ଦମୟ କରିବାକୁ ସଙ୍ଗୀତ, ନୃତ୍ୟ, ରୋଷଣୀ ଆମ ସାମାଜିକ ଜୀବନର ଅଂଶ ବିଶେଷ। କିନ୍ତୁ ବର୍ତ୍ତମାନ ଏଥିରେ ଦେଖାଦେଇଥିବା ସ୍ଖଳନ ଉଦବେଗଜନକ ସ୍ଥିତିରେ ପହଁଚିଲାଣି। ଏହାର ପ୍ରତିକାର ଦିଗରେ ସମାଜର ପ୍ରତ୍ୟେକ ବର୍ଗ ଆଗେଇ ଆସିବାକୁ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ନିବେଦନ କରାଯାଇଅଛି। ନିଶାମୁକ୍ତ ଭଷାଣୀ ଓ ପ୍ରାଣଘାତୀ ଡିଜେ ମୁକ୍ତ ରୋଷଣୀ ଦାବି କରିଛି ମଂଚ। ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ମଂଚ ର ସଭାଗୃହରେ ଅନୁଷ୍ଠିତ ବୈଠକରେ ଦେବପ୍ରସାଦ ମଜୁମଦାର ପୌରହିତ କରିଥିଲେ। ସହସମ୍ପାଦକ ସନ୍ତୋଷ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କେଦାରନାଥ ରାୟ, ଦୁର୍ଗାପ୍ରସାଦ ମିଶ୍ର, ମନୋରଞ୍ଜନ ଜେନା, ଅଖିଳ କୁମାର ପ୍ରଧାନ, ଡାକ୍ତର ବାସୁଦେବ ପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆମର ଆନନ୍ଦ ଅନ୍ୟମାନଙ୍କ ଦୁଃଖର କାରଣ ହେବା ଉଚିତ ନୁହେଁ। ଏବେ ମଧ୍ୟ ଓଡ଼ିଶାର ପାରମ୍ପାରିକ ବାଦ୍ୟର ତାଳେ ତାଳେ ଆନନ୍ଦ ଉଲ୍ଲାସର ସହିତ ବିଭିନ୍ନ ଶୋଭାଯାତ୍ରା ଅନୁଷ୍ଠିତ ହେଉଅଛି। ପ୍ରାଣଘାତୀ ଶବ୍ଦ ସୃଷ୍ଟିକାରୀ ଡିଜେ ଗାଡି ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଅବସ୍ଥିତ ଗୃହରେ ବୟସ୍କ ବ୍ୟକ୍ତି, ଅସୁସ୍ଥ ରୋଗୀ, ଗର୍ଭବତୀ ମହିଳା, ଶିଶୁମାନଙ୍କ ଯନ୍ତ୍ରଣାଦାୟକ ଅବସ୍ଥାକୁ ବିଚାର କରିବା ଉଚିତ ବୋଲି ସଭାରେ ମତ ପ୍ରକାଶ କରାଯାଇ ଅଛି। ନିଶା ମୁକ୍ତ ଭଷାଣୀ ସହିତ ଡିଜେ ମୁକ୍ତ ରୋଷଣୀ କୁ ବିଚାର କରି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପୂଜା କମିଟିର କର୍ମକର୍ତ୍ତା ଏବଂ ବିବାହ ଶୋଭାଯାତ୍ରାରେ ବରଯାତ୍ରୀ ଦଳଙ୍କୁ ବରିଷ୍ଠ ନାଗରିକ ମଂଚ ନିବେଦନ କରିଅଛି। ମଂଚ ପକ୍ଷରୁ ଆୟୋଜିତ ବୈଠକରେ ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଂଘ ର ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ସାମ୍ବାଦିକ ରଞ୍ଜିତ କେ.ଏନ୍. ସାମନ୍ତରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଂଚର ଦେଢଶହ ରୁ ଉଦ୍ଧ୍ୱର୍ ସଦସ୍ୟ/ସଦସ୍ୟା ସାମିଲ ଥିଲେ। ଶେଷରେ ମଂଚର ସମ୍ପାଦକ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ : ଚନ୍ଦ୍ର ଗ୍ରହଣ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

ପୁରୀ (ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲାପାଳ ଦି ବ୍ୟ ଜ୍ୟୋ ତି ପ ରି ଡ଼ା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ୭ ତାରିଖ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟକୁ ଛତିଶା ନିଯୋଗ ପକ୍ଷରୁ ବୈଠକରେ ଅନୁମୋଦନ କରାଯାଇଛି। ନୀତି ଅନୁମୋଦନ ମୁତାବକ,ରାତ୍ର ୨ ଟାରେ ଦ୍ୱାର ଫିଟା, ୨ଟା ୪୦ ରେ ମଙ୍ଗଳଆଳତି ବଢି ଅନ୍ୟାନ ନୀତିକାନ୍ତି ହେବ। ଦିନ ୧୨ ଟା ୩୦ ସୁଦ୍ଧା ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହେବ। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କୁ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ଚଳିତ ମାସ ୧୫ ତାରିଖରେ ଶ୍ରୀମନ୍ଦିରରେ ପରୀକ୍ଷାମୂଳକଭାବେ ଧାଡ଼ି ଦର୍ଶନ ପାଇଁ କିଭଳି ପ୍ରସ୍ତୁତି ହେବ। ସେନେଇ ସମସ୍ତ ନିଯୋଗର ସେବାୟତଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବୁଧବାର ତଥା ୩ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପରିଚାଳନା କମିଟି ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି। ଅନ୍ୟ ପକ୍ଷରେ ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାଁରେ ସଞ୍ଚାର ମାଧ୍ୟମରେ ନକଲି ୱେବସାଇଟ ଖୋଲିଥିବା ସଂସ୍ଥା ବିରୋଧରେ ସିଂହଦ୍ୱାର ଥାନାରେ ମାମଲା ରୁଜୁ କରାଯାଇଛି। ପରବର୍ତ୍ତି ଅବସ୍ଥାରେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ପୋଲିସ ପ୍ରଶାସନ ସହ ବ୍ୟାପକ ଆଲୋଚନା କରାଯାଇଛି ବୋଲି ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରସାଶକ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ, ବରିଷ୍ଠ ସେବାୟତ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇ ଥିଲେ।



# ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ 'ରାଜଭାଷା ହିନ୍ଦୀ ଏବଂ ପୋଷଣ ମାସ' କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ, (ସିବିସି) ପ୍ରାଦେଶିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ବୁଧବାର "ରାଜଭାଷା ହିନ୍ଦୀ କର୍ମଶାଳା ସହ ପୋଷଣ ମାସ" କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପିଆଇବି ଓ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ବିଶେଷ ଅତିଥିଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡକ୍ଟର ସ୍ନେହଲତା ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ମହିଳା ଏବଂ ଶିଶୁ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, ରାଜଭାଷା ବିଭାଗର ସହାୟକ ନିର୍ଦ୍ଦେଶକ ସୁଶ୍ରୀ କିର୍ତ୍ତୀ ସିଂଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାର ସହିତ ସରକାରୀ କାର୍ଯ୍ୟରେ ଏହାର ପ୍ରୟୋଗକୁ ପ୍ରୋତ୍ସାହିତ କରିବା ଏବଂ ପୋଷଣ ମାସ ପରିପ୍ରେକ୍ଷୀରେ ସାମାଜିକ ସଚେତନତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆମନ୍ତ୍ରିତ ବିଶେଷଜ୍ଞମାନେ ରାଜଭାଷା ହିନ୍ଦୀର ଗୁରୁତ୍ୱ, ସରକାରୀ କାମରେ ଏହାର ପ୍ରୟୋଗ ଓ ପୋଷଣ ସମ୍ବନ୍ଧୀୟ ବିଭିନ୍ନ ପ୍ରାସଙ୍ଗିକ ବିଷୟରେ ଆଲୋକପାତ କରିଥିଲେ। ଭାଷା ଓ ପୋଷଣ ଉଭୟକୁ ସମାନ ଗୁରୁତ୍ୱ ଦେଇ ସମୃଦ୍ଧିର ପଥରେ ବଢିବା ଆବଶ୍ୟକ ବୋଲି ସେମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପିଆଇବି ଏଡିଜି ଶ୍ରୀ ମିଶ୍ର କହିଥିଲେ, ରାଜଭାଷା ହିନ୍ଦୀ କେବଳ ଏକ ମାଧ୍ୟମ ନୁହେଁ, ବରଂ ଦେଶର ସାମାଜିକ ଏବଂ ସାଂସ୍କୃତିକ ଏକତାର ପ୍ରତୀକ। ସରକାରୀ କାର୍ଯ୍ୟକଳାପରେ ରାଜଭାଷାର ସୁଚିନ୍ତିତ ପ୍ରୟୋଗ ଦ୍ୱାରା ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପିତ ହୁଏ। ସେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ଏବଂ ସଚେତନତା କାର୍ଯ୍ୟକ୍ରମକୁ ହିନ୍ଦୀ ସହିତ ସ୍ଥାନୀୟ ଭାଷାରେ ଉପସ୍ଥାପନ କରିଲେ, ସାଧାରଣ ଲୋକଙ୍କ ପାଇଁ ଏହା ଅଧିକ ବୋଧଗମ୍ୟ ହୁଏ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରତ୍ୟେକ କାର୍ଯ୍ୟରେ ଭାଷାର ସମନ୍ୱୟକୁ ସୁନିଶ୍ଚିତ କରାଯାଉଛି।

ପୋଷଣ ମାସ ବିଷୟରେ ସେ କହିଥିଲେ ଯେ, ପୋଷଣ ସମ୍ପର୍କୀୟ ସଚେତନତା ମହିଳା, ଶିଶୁ ଓ ପରିବାର ପାଇଁ ସବୁଠାରୁ ଆବଶ୍ୟକ। ସୁସ୍ଥ ପରିବାର ହେଉଛି ସୁସ୍ଥ ସମାଜର ଆଧାର, ଏବଂ ସୁସ୍ଥ ସମାଜ ବିନା ଜାତୀୟ ଉନ୍ନତି ସମ୍ଭବ ନୁହେଁ। ସେ ଜୋର ଦେଇ କହିଥିଲେ, "ସୁସ୍ଥ ଜୀବନ ପାଇଁ ସମସ୍ତେ "ସଚେତନ ଓ ଉତ୍ତମ ଖାଦ୍ୟାଭ୍ୟାସ" ମନ୍ତ୍ରକୁ ଅନୁସରଣ କରିବା ଆବଶ୍ୟକ। ସଚେତନ ଖାଦ୍ୟାଭ୍ୟାସ ମହିଳା, ଶିଶୁ ଓ ପରିବାରର ସ୍ୱାସ୍ଥ୍ୟକୁ ମଜବୁତ କରିଥାଏ ଏବଂ ସୁସ୍ଥ ସମାଜ ଗଠନରେ ପ୍ରମୁଖ ଭୂମିକା ନିର୍ବାହ କରେ ବୋଲି ସେ କହିଥିଲେ। ବିଶେଷ ଅତିଥି ଡକ୍ଟର ସ୍ନେହଲତା ଦାଶ କହିଥିଲେ, ରାଜଭାଷା ହିନ୍ଦୀ ହେଉଛି ଦେଶର ସାମାଜିକ, ସାହିତ୍ୟିକ ଓ ପ୍ରଶାସନିକ ଏକତାର ସେତୁ। ସେ କହିଥିଲେ, ହିନ୍ଦୀ କେବଳ ଏକ ଭାଷା ନୁହେଁ, ଏହା ଲକ୍ଷାଧିକ ଜନମାନସର ଭାବନା, ସଂସ୍କୃତି ଓ ଐତିହ୍ୟର ପ୍ରତୀକ।

ସ୍ୱତନ୍ତ୍ର ଅତିଥି ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, କହିଥିଲେ ଯେ, ରାଜଭାଷାର ପ୍ରଚାର-ପ୍ରସାର ଏବଂ ସରକାରୀ କାର୍ଯ୍ୟକଳାପରେ ଏହାର ସଚେତନ ପ୍ରୟୋଗ ଏକ ଜାତୀୟ ଦାୟିତ୍ୱ। "ଭାଷା ହେଉଛି ସମ୍ପ୍ରସାରଣର ମୂଳ ଆଧାର। ରାଜଭାଷାର ବ୍ୟବହାର ବୃଦ୍ଧି ପାଇଲେ, ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ଅଧିକ ସ୍ୱଚ୍ଛ, ସୁଗମ ଓ ସୁଦୃଢ ହେବ" ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ସୁଶ୍ରୀ କିର୍ତି ସିଂହ, କହିଥିଲେ ଯେ, ରାଜଭାଷା ହିନ୍ଦୀ ଆମ ଦେଶର ପରିଚୟ, ଏକତା ଓ ସାଂସ୍କୃତିକ ସମ୍ପଦର ପ୍ରତୀକ। ଏହା ରାଷ୍ଟ୍ରୀୟ ଏକତା, ସାହିତ୍ୟିକ ଅଭିବ୍ୟକ୍ତି ଓ ପ୍ରଶାସନୀୟ ପାରଦର୍ଶିତାର ଦୃଢ ଭିତ୍ତି।

ସେ ଉଲ୍ଲେଖ କରିଥିଲେ ଯେ, ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଓ ବିଭାଗରେ ରାଜଭାଷାର ଲେଖନୀ ଶୈଳୀରେ ପାର୍ଥକ୍ୟ ଦେଖାଯାଏ । କେଉଁଠି ଏହା ଅଧିକ ପ୍ରାୟୋଗିକ ଭାବରେ, କେଉଁଠି ସରଳ ରୂପରେ ପ୍ରୟୋଗ ହୋଇଥାଏ। କିନ୍ତୁ, ଏହି ପାର୍ଥକ୍ୟ ସତ୍ତ୍ୱେ ରାଜଭାଷା ହିନ୍ଦୀର ମୂଳ ଉଦ୍ଦେଶ୍ୟ ସମାନ, ସରଳ, ସ୍ପଷ୍ଟ ଏବଂ ସମସ୍ତଙ୍କ ପାଇଁ ବୁଝିବା ଯୋଗ୍ୟ । ଏହି କାର୍ଯ୍ୟକ୍ରମରେ ଦୂରଦର୍ଶନ ସମାଚାର ବିଭାଗ ମୁଖ୍ୟ ଡା. ଅଭିଷେକ ମିଶ୍ରା, ଆକାଶବାଣୀ ସମାଚାର ବିଭାଗ ମୁଖ୍ୟ ଡ. ସତ୍ୟନାରାୟଣ ପଟ୍ଟନାୟକ ଓ ସହାୟକ ନିର୍ଦ୍ଦେଶକ ତପନ କୁମାର ମହାରଣା, କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ସହାୟକ ନିର୍ଦ୍ଦେଶକ ମନମୋହନ ପାଢ଼ୀ, ଜିତେନ୍ଦ୍ର ପ୍ରଧାନ, ପାର୍ଥସାରଥୀ ମଲ୍ଲିକ, କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା, ପତ୍ର ସୂଚନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ମନୋଜ କୁମାର ଜାଲି ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପିଆଇବିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ତାପସ ପାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ହବିଷିଆଳି ବ୍ରତ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, (ସବ୍ୟୁ) : ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ମାସ ୭ ତାରିଖ ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ ।ଏହାକୁ ସୁଚାରୁ ରୁପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପବିତ୍ର କାର୍ତ୍ତିକ ବ୍ରତରେ ହବିଷ୍ୟାଳୀ ମା ମାନେ ଏକ ମାସ ଧରି ଶ୍ରୀକ୍ଷେତ୍ରରେ ରହିବାକୁ ଆସୁଥିବାରୁ ସେମାନଙ୍କ ସମସ୍ତ ସୁବିଧା ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ। ମା ମାନଙ୍କର ସୁରକ୍ଷିତ ରହଣି, ସ୍ନାନ, ଶୌଚ ବ୍ୟବସ୍ଥା,ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,ଦର୍ଶନ ଯାତାୟାତ ପାଇଁ ଗାଡି ବ୍ୟବସ୍ଥା,ସଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବିଷୟକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରାଯିବ ।ଏଥିପାଇଁ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ସୂଚନା ଦିଆଯିବ। ହବିଷ୍ୟାଳୀ ମା ମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମସ୍ତ ଙ୍କୁ ସ୍ୱାଗତ କରି ବିଗତ ବର୍ଷ ବୃନ୍ଦାବତୀ ନିବାସ ,ଅକ୍ଷୟ ପାତ୍ର ,ବଗଲା ଧର୍ମଶାଳା ,ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ହବିଷ୍ୟାଳୀ ମା ମାନଙ୍କର ରହଣି ର ବ୍ୟବସ୍ଥା ହୋଇଥିଲା ବୋଲି କହିଥିଲେ।

ମା ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀ ମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବା ର ଆବଶ୍ୟକତା ଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ ।ତେଣୁ ଏହି କାର୍ଯ୍ୟ କୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଙ୍କୁ ପରାମର୍ଶ ଦେଇଥିଲେ ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା , ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ , ଅତିରିକ୍ତ ଏସପି ସଚିନ ପାଟିଲ,ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ହନୁମାନ ବିଗ୍ରହଙ୍କ ଗଦାକୁ ଗ୍ରାମ୍ୟ କମିଟିଙ୍କୁ ହସ୍ତାନ୍ତର, ଦୁଇ ଗିରଫ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଲଣ୍ଡାବାଉଁଶ ଗ୍ରାମର ହନୁମାନ ବିଗ୍ରହଙ୍କ ୫ କିଲୋ ଓଜନର ଗଦା ଚୋରୀ ସହ ଗତ କିଛି ଦିନ ହେଲା ଗ୍ରାମରେ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାନେଇ ଗ୍ରାମ୍ୟ କମିଟି ଛତ୍ରପୁର ଥାନା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ଏନେଇ ଏକ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗକୁ ଭିତ୍ତି କରି ପୋଲିସ ୫୯୫/୨୫ ନଂ ଏକ ମାମଲା ରୁଜୁ କରିଥିଲା । ସେହିଦିନ ଠାରୁ ଘଟଣାର ସରଜମିନ ତଦନ୍ତ ଆରମ୍ଭ କରିଥିଲା ଛତ୍ରପୁର ଥାନା ପୋଲିସ, ଏହି ମାମଲାରେ ଜଡିତ ଲଣ୍ଡାବାଉଁଶ ଗ୍ରାମର ସନ୍ତୋଷ କୁମାର ଗୌଡ଼ (୪୬) ଓ ଶିବ ସାହୁ (୨୫) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ଠାରୁ ହନୁମାନ ବିଗ୍ରହଙ୍କ ୫ କିଲୋ ଓଜନର ଗଦାକୁ ଜବତ କରିଛି । ପରେ ଉକ୍ତ ଗଦାକୁ ଗ୍ରାମ୍ୟ କମିଟିକୁ ହସ୍ତାନ୍ତର କରାଯାଇଥିବା ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି ।

## ପାରଳାଖେମୁଣ୍ଡିରେ ହାଇଟେକ୍ ମେଡିକାଲ ପ୍ରତିଷ୍ଠା ପାଇଁ ପରିବହନ ମନ୍ତ୍ରୀଙ୍କ ପ୍ରସ୍ତାବ



ପାରଳାଖେମୁଣ୍ଡି, (ସବ୍ୟୁ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ଗଜପତି ଜିଲ୍ଲାରେ ଲୋକଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଏକ ହାଇଟେକ୍ ତଥା ଉନ୍ନତ ମାନର ଅତ୍ୟାଧୁନିକ ମେଡିକାଲ ନିର୍ମାଣ କରିବା ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ - ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଶିଳ୍ପପତି ତଥା ହାଇଟେକ୍ ମେଡିକାଲ କଲେଜ ଅଧ୍ୟକ୍ଷ ଶିକ୍ଷାବିତ୍ ଡ଼ଃ ତିରୁପତି ପାଣିଗ୍ରାହୀଙ୍କୁ ସାକ୍ଷାତ କରି ନିଶ୍ଚିତ କରିବାକୁ ଅନୁରୋଧ କରିଛନ୍ତି । ପରେ ମନ୍ତ୍ରୀ ଶ୍ରୀ ଜେନା ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କୁ ଦେଖିବା ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିବା ପାଇଁ ହାଇଟେକ୍ ମେଡିକାଲ କଲେଜକୁ ଯାଇଥିଲେ । ମେଡିକାଲ କଲେଜରେ ରୋଗୀ ମାନଙ୍କ ଉତ୍ତମ ଚିକିତ୍ସା ସେବା ବ୍ୟବସ୍ଥା ସହ ସେଠାକାର ପରିବେଶ, ସଫାସୁତୁରା ଓ ଅନ୍ୟାନ୍ୟ ବ୍ୟବସ୍ଥା ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକଟ କରିଥିଲେ । ପରେ ସେଠାରେ ସେ ହାଇଟେକ୍ ମେଡିକାଲ୍ କଲେଜର ଅଧ୍ୟକ୍ଷ ଡ଼ଃ ତିରୁପତି ପାଣିଗ୍ରାହୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଉଭୟଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ଜେନା, ଅଧ୍ୟକ୍ଷ ଡ଼ଃ ତିରୁପତି ପାଣିଗ୍ରାହୀଙ୍କୁ ଅନୁରୋଧ କରି କହିଥିଲେ ଯେ , ଆଦିବାସୀ ବହୁଳ ଗଜପତି ଜିଲ୍ଲାରେ ଲୋକଙ୍କ କାଁ ଭାଁ କେତୋଟି ରୋଗକୁ ଛାଡ଼ି ଦେଲେ ଅନ୍ୟ ରୋଗ ମାନଙ୍କ ଚିକିତ୍ସା କ୍ଷେତ୍ରରେ କୌଣସି ବ୍ୟବସ୍ଥା ନାହିଁ । ଏମିତି କି ସାମାନ୍ୟ ରୋଗାକ୍ରାନ୍ତ ହେଲେ ବି ଲୋକେ ଚିକିତ୍ସା ସୁବିଧା ପାଇଁ ପଡୋଶୀ ଆନ୍ଧ୍ରର ଶ୍ରୀକାକୁଲମ ନଚେତ ବିଶାଖାପାଟଣା ସହରକୁ ଯାଇ ସେଠାରେ ଥିବା ମେଡିକାଲରେ ଭର୍ତ୍ତି ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇ ଚିକିତ୍ସିତ ହେବାକୁ ବାଧ ହେଉଛନ୍ତି । ତେଣୁ ପାରଳାଖେମୁଣ୍ଡି ଠାରେ ଏକ ଉଚ୍ଚକୋଟିର ତଥା ଅତ୍ୟାଧୁନିକ ମାନର ମେଡ଼ିକାଲ ନିର୍ମାଣ କରିବା ପାଇଁ ଅନୁରୋଧ କରିଥିଲେ । ମନ୍ତ୍ରୀ ଶ୍ରୀ ଜେନାଙ୍କ ଅନୁରୋଧକୁ ରକ୍ଷା କରି ଅଧ୍ୟକ୍ଷ ଡ଼ଃ ପାଣିଗ୍ରାହୀ କହିଥିଲେ ଯେ ନିଶ୍ଚିତ ଭାବେ ଆଗାମୀ କିଛିଦିନ ମଧ୍ୟରେ ପାରଳାଖେମୁଣ୍ଡି ଠାରେ ଏକ ଅତ୍ୟାଧୁନିକ ମେଡିକାଲ୍ ନିର୍ମାଣ କରି ଗଜପତିବାସୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା କ୍ଷେତ୍ରରେ ଏକ ବଳିଷ୍ଠ ଉପହାର ଦିଆଯିବ । ଏହି ସାକ୍ଷାତକାର କାର୍ଯ୍ୟକ୍ରମରେ ହାଇଟେକ୍ ମେଡକାଲ କଲେଜ ନିର୍ଦ୍ଦେଶକ ରାକେଶ କୁମାର ପାଣିଗ୍ରାହୀଙ୍କ ସମେତ ମହେନ୍ଦ୍ରଗିରି ଆଶ୍ରମର ବାବା ସୀତାରାମ ଜୀ ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ବିଦ୍ୟୁତ ସଂସ୍ପର୍ଶରେ ଆସି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟାନଗର ଦିତ୍ୱୀୟ ଲାଇନରେ ରହୁଥିବା ବି. ଶ୍ରୀନିବାସ ରାଓଙ୍କ ପୁଅ ବି.ଜ୍ୟୋତି ସ୍ୱରୂପ (୨୪) । ଗୋଶାଣିନୁଆଗାଁ ପୋଲିସ ଏମକେସିଜିରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଥିଲା । ବ୍ୟବଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂଚନା ଦେଇଛି । ପ୍ରକାଶ ଯେ, ଉକ୍ତ ଶକ୍ତିନଗର ନିକଟ ଓଁ ବିହାରରେ ଏକ ଆପାର୍ଟମେଣ୍ଟ କାମ ଚାଲିଛି । ଜ୍ୟୋତି ସ୍ୱରୂପ ବୁଧବାର ମଧ୍ୟାହ୍ନରେ ସେଠାରେ ଭାଇବ୍ରେଟ ମେସିନ ଅପରେଟର ଭାବେ କାମ କରୁଥିଲେ । ହଟାତ ବିଦ୍ୟୁତ ଆଘାତରେ ଆସି ସେ ଗୁରୁତର ହୋଇପଡିଥିଲେ । ସେଠାରେ କାମ କରୁଥିବା କିଛି ଲୋକ ଜ୍ୟୋତିଙ୍କ ଘରକୁ ଫୋନ କରି ଜଣାଇଥିଲେ । ପରିବାର ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ଶ୍ରୀନିବାସ ବିଏମସି'ର ପୂର୍ବତନ କର୍ପୋରେଟର ଥିବା ବେଳେ ଏଭଳି ଦୁଃଖଦ ଖବର ଶୁଣି ତାଙ୍କର ସମର୍ଥକ ମାନେ ସେଠାରେ ରୁଣ୍ଡ ହୋଇଥିଲେ ।

## ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିରରେ ଦନ୍ତ ଚିକିତ୍ସା ଶିବିର



ବ୍ରହ୍ମପୁର, (ସବ୍ୟୁ): ବୁଧବାର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର ବ୍ରହ୍ମପୁର ପରିସରରେ ଦନ୍ତ ଚିକିତ୍ସା ମହାସଂଘ ବ୍ରହ୍ମପୁର ଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ଦନ୍ତ ଚିକିତ୍ସକ ଶିବିରରେ ଆୟୋଜନ କରାଯାଇଥିଲା । ଏହି ଅବସରରେ ବ୍ରହ୍ମପୁର ସହରର ୨୫ ଜଣ ବରିଷ୍ଠ ଅଭିଜ୍ଞ ଦନ୍ତ ଚିକିତ୍ସକମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଦାନ୍ତ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଯୋଗଦେଇଥିବା ଅଭିଜ୍ଞ ଡାକ୍ତରମାନେ ହେଲେ ଡା. ଲଲାଟେନ୍ଦୁ ଦାଶ, ଡା. ଚିନ୍ମୟ କୁମାର ସାମନ୍ତରାୟ, ଡା. କେ.ଆର୍. ସ୍ମିତା, ଡା. ଅନ୍‌ମୋଲ୍ ପାଣିଗ୍ରାହୀ, ଡା. ୱାଇ. ସାହିତ୍ୟା, ଡା. ଶ୍ୱେତା ମହାପାତ୍ର, ଡା. ପ୍ରତିଶ୍ ପଟ୍ଟନାୟକ, ଡା. ମହେଶ ମହାପାତ୍ର, ଡା. ରୋହିଣୀ ସାହୁ, ଡା. ଶିବାନୀ ମହାରଣା, ଡା. ଧନ୍ୟାନ୍ତ୍ରୀ, ଡା. ସିଲ୍ଲା ସୁବ୍ରତ, ଡା. ୱାଇ. ସୂର୍ଯ୍ୟ କିରଣ, ଡା. ସୁନିତା ଦାଶ, ଡା. କେ. ରୁପା, ଡା. ଶୁଭାଶିଷ ଦାଶ, ଡା. ଆଶୁତୋଷ ଚୌଧୁରୀ, ଡା. ମାଧୁରୀ ଚୌଧୁରୀ, ଡା. କେ. ପ୍ରେମ୍ ସାଗର, ଡା. ଗୌରବ କୁମାର ସାହୁ, ଡା. କେ.ଆର୍. ସ୍ମିତା, ଡା. ବୀଣାଦେବୀ ଶତପଥୀ ଏବଂ ଡା. ପଦ୍ମଜା ନାୟକ । ଏହି ଶିବିର ମାଧ୍ୟମରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ କାର୍ଯ୍ୟରତ ବହୁ ସେବାବ୍ରତୀ ଉପକୃତ ହୋଇଥିଲେ । ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ ଏବଂ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷରେ ପ୍ରୋତ୍ସାହନ ଏବଂ ମାର୍ଗଦର୍ଶନରେ ଶିବିରଟି ସୁଚାରୁ ରୂପେ ପରିଚାଳନା କରାଯାଇଥିଲା । ଅନୁଷ୍ଠାନର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କର ସମ୍ପୂର୍ଣ୍ଣ ସହଯୋଗରେ ଯଥା ସରସ୍ୱତୀ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶିଶୁମନ୍ଦିରର ପ୍ରାଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ଡିଗ୍ରୀ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମଟି ପରିଚାଳନା କରାଯାଇଥିଲା ।

## ଆରମ୍ଭ ହେଲା ଦୁଇଦିନିଆ ସମରାଭ୍ୟାସ



ପାରାଦୀପ ,( ଜି ପ୍ର ): ପାରାଦ୍ୱୀପ ରେ ଆରମ୍ଭ ହୋଇଛି ଦୁଇ ଦିନିଆ ମିଳିତ ସମରାଭ୍ୟାସ ସାଗର କବଚ-୨। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତ୍ୟକ ବର୍ଷ ଦୁଇଥର ଆୟୋଜିତ ହେଉଛି ଏହି ମିଳିତ ସମରାଭ୍ୟାସ ସାଗର କବଚ। ତେବେ ଚଳିତ ବର୍ଷର ୨ୟ ସମରାଭ୍ୟାସ ସାଗର କବଚ-୨ ଦୁଇଦିନ ଧରି ଗଭୀର ସମୁଦ୍ରରେ ସ୍ଥଳଭାଗରେ ଆରମ୍ଭ ହୋଇଛି। ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକାରୀକୁ କିପରି ପ୍ରତିରୋଧ କରାଯାଇପାରିବ ଏହାର ସମସ୍ତ କଳାକୌଶଳ ପ୍ରଦର୍ଶନ କରିବେ ୧୮ ରୁ ଉର୍ଦ୍ଧ୍ୱ ବିଭାଗ। ଗଭୀର ସମୁଦ୍ରରେ ଇଣ୍ଡିଆନ ନ୍ୟାଭି, ସମୁଦ୍ର କୂଳ ଠାରୁ ୨୦ ଫାଦାନ ବାହାରେ କୋଷ୍ଟଗାର୍ଡ, ସମୁଦ୍ର କୂଳରେ ମତ୍ସ୍ୟ ବିଭାଗ ଓ ମେରାଇନ ପୋଲିସ ସହିତ ଅନ୍ୟ ବିଭାଗ ଗୁଡ଼ିକ ପଇଁତରା ମାରୁଛନ୍ତି। ଏଥିସହିତ ସ୍ଥଳଭାଗରେ ମଧ୍ୟ ବିଭିନ୍ନ ବିଭାଗ ସଜାଗ ରହିଛନ୍ତି। ଏହି ୧୮ ରୁ ଉର୍ଦ୍ଧ୍ୱ ବିଭାଗରେ ଇଣ୍ଡିଆନ ନ୍ୟାଭି, କୋଷ୍ଟଗାର୍ଡ, ସିଆଇଏସଏଫ, ମତ୍ସ୍ୟବିଭାଗ, ମେରାଇନ ପୋଲିସ, କଷ୍ଟମ ବିଭାଗ, ଅଗ୍ନିଶମ ବିଭାଗ ଓ ଓଡିଶା ପୋଲିସ , ବନ ବିଭାଗ, ପାରାଦ୍ୱୀପ ବନ୍ଦର, ଗୁଇନ୍ଦା ବିଭାଗ, ଓଡ୍ରାଫ, ଏନଡିଆରଏଫ ପ୍ରଭୃତି କୁ ଦୁଇଟି ବିଭାଗ ରେ ବିଭକ୍ତ କରାଯାଇଛି। ରେଡ ଟିମ ଆତଙ୍କବାଦୀଙ୍କ ବେଶରେ ଜଳପଥ ରୁ ଆସି ସ୍ଥଳପଥରେ ପ୍ରବେଶ କରି ଆକ୍ରମଣ କରିବାକୁ ଯୋଜନା କରିବେ ଏବଂ ଏହି ଆକ୍ରମଣକୁ ପଣ୍ଡ କରିବା ପାଇଁ ବ୍ଲୁ ଟିମ ସ୍ଥଳଭାଗରେ ପ୍ରତିରୋଧ କରିବା ସହିତ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିବେ ।

## କାର୍ ମାଲିକଙ୍କ ଗାଡି ଭଡାରେ ନେଇ ଠକେଇ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ କାର ମାଲିକଙ୍କ ଗାଡି ଭଡାରେ ନେଇ ଏବଂ ବିନା ସମ୍ମତିରେ ବନ୍ଧକ ରଖି ଠକେଇ କରିଥିବା ଅଭିଯୋଗରେ ସଦରଥାନା ପୋଲିସ ଜଣେ ଯୁବକଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଅଭିଯୁକ୍ତ ଜଣକ କୁକୁଡାଖଣ୍ଡି ସୂର୍ଯ୍ୟନଗରର ଶରତ ଚନ୍ଦ୍ର ତ୍ରିପାଠିଙ୍କ ପୁଅ ସଂଗ୍ରାମ ତ୍ରିପାଠୀ (୩୪) । ସଂଗ୍ରାମକୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ପୋଲିସ କହିଛି । ଅଭିଯୁକ୍ତ ଠାରୁ କାରର ପଞ୍ଜିକରଣ ପ୍ରମାଣପତ୍ର, ଭଡ଼ା ଚୁକ୍ତିନାମା ଏବଂ ଆଇଫୋନ ଜବତ କରିଛି । ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଅଭିଯୋଗ ପଞ୍ଜିକରଣ ଏବଂ ସେମାନଙ୍କ ଯାନ ଉଦ୍ଧାର ପାଇଁ ନିକଟସ୍ଥ ପୋଲିସ ଥାନାକୁ ଯୋଗାଯୋଗ କରିବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି । ପ୍ରକାଶ ଯେ, ନୟାଗଡ ଜିଲ୍ଲାର ସ୍ୱାଭିମାନ ପ୍ରଧାନ (୨୮) ନାମକ ଜଣେ ଯୁବକ ତାଙ୍କ ମାଆଙ୍କ ନାମରେ ମହିନ୍ଦ୍ରା ଫାଇନାନ୍ସରୁ ଋଣ ନେଇ ଏକ ମାରୁତି ବାଲେନୋ (ଓଡ଼ି ୦୨ ସିଟି- ୯୧୯୩ ) କିଣିଥିଲେ । ତାଙ୍କର ଆର୍ଥିକ ସମସ୍ୟା ଯୋଗୁଁ ସେ ସମୟ ମଧ୍ୟରେ କିସ୍ତି ଦେଇପାରି ନଥିଲେ ।ସେହି ସମୟରେ ବିଶ୍ୱମୋହନ ମହାପାତ୍ର ନାମକ ଜଣେ ବ୍ୟକ୍ତି ସ୍ୱାଭିମାନଙ୍କୁ ନେଇ ସଂଗ୍ରାମ ତ୍ରିପାଠୀଙ୍କୁ ପରିଚୟ କରାଇଥିଲେ । ସଂଗ୍ରାମ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ତାଙ୍କ ଗାଡିକୁ ତାଙ୍କ ଏସଟି ଏଣ୍ଟରପ୍ରାଇଜେସ୍ କମ୍ପାନୀରେ ଭଡ଼ାରେ ନେବେ ଏବଂ ଏବାବଦରେ ପ୍ରତି ମାସରେ ୩୦,୦୦୦ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସଂଗ୍ରାମଙ୍କ କଥାରେ ବିଶ୍ୱାସ କରି ସେ ତାଙ୍କ ଗାଡିକୁ କୁକୁଡାଖଣ୍ଡି ଆଣି ତାଙ୍କୁ ଦେଇଥିଲେ । ସେ ଗାଡ଼ି ନେଇ ପ୍ରଥମେ ବାଙ୍ଗାଲୋର ଏବଂ ତା'ପରେ ତାମିଲନାଡୁ ହୋସୁର ଯାଇଥିଲେ । ତ୍ରିପାଠି ଗାଡ଼ି ଭଡ଼ା ପାଇଁ ଚୁକ୍ତିପତ୍ର କାଗଜପତ୍ର ଆଣିଥିଲେ ଏବଂ ତାଙ୍କ ମାଆଙ୍କ ଦସ୍ତଖତ ନେଇଥିଲେ । ଆଜି ପର୍ଯ୍ୟନ୍ତ ସେ ରାଜି ହୋଇଥିବା ଭଡା ଦେଇନଥିଲେ । ଏପରିକି ଅଭିଯୁକ୍ତ ସଂଗ୍ରାମ ତାମିଲନାଡୁର ହୋସୁରରେ ଗାଡ଼ିଟିକୁ ବନ୍ଧକ ରଖିଥିଲେ ଏବଂ ସେପଟେ ଚୁକ୍ତି ଅନୁସାରେ ଭଡା ଦେଇନଥିଲେ । ଅଭିଯୋଗକାରୀ ତାଙ୍କୁ ବାରମ୍ବାର ଗାଡ଼ି ଫେରାଇବାକୁ କିମ୍ବା ସମୟ ମଧ୍ୟରେ କିସ୍ତି/ଭଡ଼ା ଦେବାକୁ କହିଥିଲେ କିନ୍ତୁ ସେ ଟଙ୍କା କିମ୍ବା ଗାଡ଼ି ଫେରାଇ ନଥିଲେ । ସ୍ୱାଭିମାନ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ସଂଗ୍ରାମ ଓଡ଼ିଶା ଛାଡି ବାହାର ରାଜ୍ୟକୁ ଚାଲିଯିବାକୁ ଯୋଜନା କରିଥିଲେ । ଏହାଜାଣିବା ପରେ ଶ୍ରୀ ପ୍ରଧାନ ସଦର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା ।

## ବାରିପଦାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉଦ୍‌ଯାପିତ



ବାରିପଦା, (ସବ୍ୟୁ) : ବାରିପଦା ପୌରପାଳିକା ତରଫରୁ ଅଗଷ୍ଟ ୩୧ତାରିଖ ଠାରୁ ୩ ଦିନ ଧାରି ପାଳନ ହୋଇ ଆସୁଥିବା ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୫ର ଉଦ୍‌ଯାପନୀ ଦିବସ ସମାରୋହ ଗତକାଲି ବାରିପଦା ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉପନଗରପାଳିକା ସୀମା ଦାସ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ନଗରପାଳ ଶ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ ରଖିବା ସହିତ ନଗରପାଳ ଭାବେ ନିଜ କାର୍ଯ୍ୟକାଳ ସମୟରେ ବାରିପଦା ସହରର ଉନ୍ନତି ମୂଳକ କାର୍ଯ୍ୟ ତଥା ସହରବାସୀଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧି ବିଷୟରେ ଉଲ୍ଲେଖ କରିବା ସହିତ ଆଗାମୀ ସମୟରେ ସହରର ସର୍ବାଙ୍ଗୀନ ଉନ୍ନତି କଳ୍ପେ ହାତକୁ ନିଆଯାଇଥିବା ଜନକଲ୍ୟାଣକାରି ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି କହିଥିଲେ ଯେ, ସହରାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଇତ୍ୟାଦି ମୌଳିକ ଆବଶ୍ୟକତା ସହଜରେ ଉପଲବ୍ଧ ହେଉଥିବାରୁ ଲୋକମାନେ ସହରାଭିମୁଖୀ ହେଉଛନ୍ତି । ସ୍ୱାୟତ୍ତ ଦିବସ ପାଳନ ଉଦଯାପନୀ ଅବସରରେ ବାରିପଦା ସହରରେ ଓ୍ୱାର୍ଡ ନମ୍ବର ୨୭ ତକତପୁର, ଓ୍ୱାର୍ଡ ନମ୍ବର ୨୧ ମୁର୍ଗାବାଡ଼ି, ଓ୍ୱାର୍ଡ ନମ୍ବର ୦୯ ବାରୁଣୀ ରୋଡ଼, କେସି ସାରକେଲରେ ମାର୍କେଟ କମ୍ପ୍ଲେକ୍ସ, ଚାରି ଚକିଆ ଇଲେକଟ୍ରି ଯାନ ପାଇଁ ଚରଜିଙ୍ଗ ଷ୍ଟେସନର ଶିଳାନ୍ୟାସ ସହିତ ବେଲଗଡ଼ିଆ ଠାରେ ଦୁଇ ଚକିଆ ଇଲେକଟ୍ରି ଯାନ ପାଇଁ ଚରଜିଙ୍ଗ ଷ୍ଟେସନ ଓ ମାର୍କେଟ କମ୍ପ୍ଲେକ୍ସ ଉଦଘାଟନ ବିଷୟରେ ଉଲ୍ଲେଖ କରିଥିଲେ । ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନେ ମଧ୍ୟ ବାରିପଦା ସହରର ବିକାଶ ଦିଗରେ ନିଜ ନିଜ ସୁଚିନ୍ତିତ ମତାମତ ଦେବା ସହ ସେଥିପାଇଁ ପୂର୍ଣ୍ଣ ସହଯୋଗ କରିବେ ବୋଲି ସ୍ୱଷ୍ଟୋକ୍ତି ରଖିଥିଲେ । ଏହି ଅବସରରେ ସହରର ବୟୋଜ୍ୟେଷ୍ଠ ସାମ୍ବାଦିକ ତଥା ସମାଜସେବୀ ଡ଼ଃ ବିଜୟ କୁମାର ଅଗ୍ରଓ୍ୱାଲ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ବହୁବାର ରକ୍ତଦାନ କରି ଅମୂଲ୍ୟ ଜୀବନ ବଞ୍ଚାଇଥିବା ସମାଜସେବୀ ଅମର ସେଠୀ, ଶବ ବାହକ ଗାଡିର ଚାଳକ ପ୍ରମୋଦ କୁମାର ବେହେରାଙ୍କୁ ତାଙ୍କର ମହତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ବାରିପଦା ପୌରପାଳିକା ସ୍ୱଚ୍ଛତା ପାଇଁ ବିଭିନ୍ନ ଉଇଙ୍ଗସରେ କାର୍ଯ୍ୟ କରୁଥିବା ଯଥା ମୋ ଖତ, ଏମସିସି ପ୍ଲାଣ୍ଟ, ଶୃଙ୍ଖଳା ବର୍ଜ୍ୟ ବସ୍ତୁର ପୃଥକିକରଣ କେନ୍ଦ୍ର, ମଳ ବିଶୋଧନ କେନ୍ଦ୍ର ଇତ୍ୟାଦିର କର୍ମଚାରୀ ମାନଙ୍କୁ ସେମାନଙ୍କ ମହତ ଅବଦାନ ପାଇଁ ପୁରସ୍କୃତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହାପରେ ପୌରପାଳିକା ତରଫରୁ ନିମନ୍ତ୍ରିତ ଅତିଥି ମାନଙ୍କୁ ଉତ୍ତରୀୟ, ଉପଢୌକନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟାନ୍ୟଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା କାନ୍ଦ୍ରା ସୋରେନଙ୍କ ସମେତ ବିଜେପିର ଅନ୍ୟାନ୍ୟ ନେତୃବୃନ୍ଦ, ରଜନୀ କାନ୍ତ ବିଶ୍ୱାଳ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରପାଳିକାର ବିଭିନ୍ନ ଓ୍ୱାର୍ଡର ପାରିଷଦ, ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱଚ୍ଛ ସାଥି, ସଫେଇ କର୍ମଚାରୀ, ଜମାଦାର, ସ୍ୱର୍ଗରଥ ଚାଳକ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରୋଟାରୀ ହେରିଟେଜ ତରଫରୁ ଦାନ୍ତରୋଗ କାରଣ ଓ ନିରାକରଣ ପରାମର୍ଶ ଶିବିର

ବାରିପଦା, (ସବ୍ୟୁ) : ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ତରଫରୁ ଦାନ୍ତ ରୋଗର କାରଣ ଓ ନିରାକରଣ ସମ୍ବନ୍ଧୀୟ ଏକ ପରାମର୍ଶ ଶିବିର ବିରେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋଟାରୀଆନ ବ୍ରହ୍ମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସଭାପତି ନଳିନ କୁମାର ଚୌଧୁରୀ, ସନ୍ତୋଷ କୁମାର କାସ୍ତ ସଭ୍ୟ ତରଣୀସେନ ଧଳ, ସଂଜୀବ କୁମାର ଦଣ୍ଡପାଟ, ଚିତ୍ତରଞ୍ଜନ ପଳତା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ।

କିସାନତଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦାନ୍ତ ଡାକ୍ତର ଚନ୍ଦ୍ର ମୋହନ ସିଂ ବିଡି ଏସ ଦାନ୍ତ ରୋଗର କାରଣ ଏବଂ ନିରାକରଣ ସମ୍ବନ୍ଧରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇବା ସହ ଛୟାଳିସ ଜଣ ଛାତ୍ରଛାତ୍ରୀଙ୍କର ଦାନ୍ତ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ତତ୍‌ସହିତ ପିଲାମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରି ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ନନ୍ଦିନୀ ବେହେରା, ନିଶା ଦେ ତଥା ଅନ୍ୟାନ୍ୟ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

## ଡ୍ରିମ୍‌ସରେ ବିଦ୍ୟାର୍ଥୀ ପରିଚୟ କାର୍ଯ୍ୟକ୍ରମ




କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧିନସ୍ଥ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଓ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜର ନବାଗତ ବିଦ୍ୟାର୍ଥୀଙ୍କ ପରିଚୟ କାର୍ଯ୍ୟକ୍ରମ ଆରମ୍ଭ-୨୦୨୫ ଅନୁଷ୍ଠିତ ହୋଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କଠିନ ପରିଶ୍ରମ, ପିତାମାତା ଓ ଗୁରୁଜନଙ୍କ ଆଶୀର୍ବାଦ ରହିଲେ ଜୀବନରେ ଲକ୍ଷ୍ୟ ହାସଲ ସମ୍ଭବ ବୋଲି କହିବା ସହ ନବାଗତ ଚବିଦ୍ୟାର୍ଥୀ ଏବଂ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଥିଲେ । କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ମ୍ୟାନେଜମେଣ୍ଟ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଜଣେ ସଫଳ ପରିଚାଳକ ଭାବରେ ନିଜକୁ ଗଢିତୋଳିବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ ଶୃଙ୍ଖଳା ଓ ନିଷ୍ଠାପର ସାଧନା ଦ୍ୱାରା ପିତାମାତାଙ୍କ ସ୍ୱପ୍ନ ସାକାର କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ଡ. ପ୍ରଣିତା ସାହୁ ଏବଂ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍ ର ଡିନ୍ ଡ. ବିଶ୍ୱରଂଜନ ଷଡଙ୍ଗୀ ବକ୍ତବ୍ୟ ପ୍ରଦାନ କରିବା ଅବସରରେ ଶିକ୍ଷାନୁଷ୍ଠାନର ଅଗ୍ରଗତି ସଂପର୍କରେ ସୂଚନା ଦେଇଥିଲେ । ଡ. ସ୍ମିତା ଦାସ, ଡ. ଅଞ୍ଜନ କୁମାର ଜେନା, ଶିବଚରଣ ବାରିକ, ସବ୍ୟସାଚୀ ବାରିକ, ସୁକନ୍ୟା ନିଶିଗନ୍ଧା ବିଶ୍ୱାଳ, ଶୁଭ୍ରଜିତା ସ୍ୱାଇଁ, ଦୁର୍ଗା ପ୍ରସାଦ ନାୟକ, ସୋମ୍ୟରଂଜନ ପୃଷ୍ଟି, ସ୍ୱାଗତମ୍ ପରିଡା, ଅବିନାଶ ଆଚାର୍ଯ୍ୟ, ଜଗବନ୍ଧୁ ବେହେରା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଗୋରୁଙ୍କୁ ରାସ୍ତାରୁ ହଟାଇବା ଓ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଲୋଡା : କମିଶନର

ବ୍ରହ୍ମପୁର, (ସବ୍ୟୁ): ବୁଲା ଗୋରୁଗାଈଙ୍କ ରାସ୍ତା ଅବରୋଧ ଓ କୁକୁରଙ୍କ ପ୍ରାଦୁର୍ଭାବରେ ସହରବାସୀଙ୍କ ଜନଜିବନ ପ୍ରଭାବିତକୁ ଦୃଷ୍ଟିରେ ରଖି ସୋମବାର ମହାନଗର ନିଗମ ତରଫରୁ ଏକ ବୈଠକ ଡେପୁଟି କମିଶନର ତଥା ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକରୀ ଆଶୀର୍ବାଦ ପରିଡ଼ାଙ୍କ ସଭାପତିତ୍ୱରେ ମହାନଗର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହାନଗର ନିଗମ କମିଶନର ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଯୋଗଦେଇ ନିଗମ ଅଞ୍ଚଳରେ ୨୪ ଘଣ୍ଟିଆ ପଶୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ପାଇଁ ଗୁରୁତ୍ୱଦେବା ସହ ବୁଲା ଗୋରୁଗାଈଙ୍କ ରାସ୍ତାରେ ନଛାଡ଼ିବା ପାଇଁ ଗାଈ ମାଲିକଙ୍କୁ ତାଗିଦ୍ କରିଛି ବିଏମ୍‌ସି । ଏହାକୁ ଅମାନ୍ୟ କଲେ ଗାଈକୁ ଉଠାଯାଇ ଆଶ୍ରୟସ୍ଥଳୀ ଠାରେ ସାମୟିକ ଭାବେ ରଖାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା । ୧୫ ଦିନ ମଧ୍ୟରେ ଗାଈ ମାଲିକ ତାଙ୍କ ଗାଈକୁ ନେବା ପାଇଁ ଆସିଲେ ଦୁଇ ହଜାର ଟଙ୍କା ଜରିମାନା ଦେବେ ଅନ୍ୟଥା ଉକ୍ତ ଗାଈକୁ ସେଠାରେ ଥିବା ଗୋଶାଳାକୁ ଚିର ଦିନ ପାଇଁ ହସ୍ତାନ୍ତର କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ବିୟୋଗରେ ଶୋକସଭା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ନୂତନ ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭାବେ ଯୋଗଦାନ କରିଥିବା କମଳ ଲୋ▸ନ ନାୟକ, ୨ତାରିଖ ତଥା ମଙ୍ଗଳବାର ସଂଧ୍ୟା ସମୟରେ ଇହଧାମ ତ୍ୟାଗ କରିଛନ୍ତି। ସେ ଅଗଷ୍ଟ ୩୦ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାରେ ନିଜର କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେ ଜଣେ ଜ୍ଞାନୀ, କୁଶଳୀ ଏବଂ ଦକ୍ଷ ଅଧିକାରୀ ଭାବେ ଖୁବ୍ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ବିୟୋଗରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟରେ ବୁଧବାର ଦିନ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଶ୍ରୀ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ ଏବଂ ତାଙ୍କର ବିୟୋଗ ସାରା ବିଭାଗରେ ଶୋକକୁଳ ପରିବେଶରେ ପରିଣତ ହୋଇଯାଇଅଛି। ପ୍ରଭୁ ଜଗନ୍ନାଥ, ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ଏ ଦୁଃଖରେ ସାହା ହୁଅନ୍ତୁ ବୋଲି ସମସ୍ତେ କାମନା କରିଅଛନ୍ତି।

# କବାଡି ଦୋକାନରୁ ଚୋରୀ ସାମଗ୍ରୀ ଜବତ, ୪ ଗିରଫ

ଅନୁଗୁଳ,(ସବ୍ୟୁ) : ଅନୁଗୁଳ ସହର ଶିମିଳିପଡ଼ା ଠାରେ ଥିବା କବାଡ଼ିଆ ଦୋକାନ ଉପରେ ପୋଲିସର ଚଢ଼ାଉ କରିବା ସହ ଚୋରି ସାମଗ୍ରୀ ଜବତ କରିଛି । ଏଥିସହ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ, ଅଗଷ୍ଟ ମାସରେ ଏକ ରେସୋରାରୁ ଗ୍ୟାସଚୁଲ୍ଲା, ୪ଟି ନୂଆ ସିଲଭର ହଣ୍ଡା, ଷ୍ଟିଲ ବାସନ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା ।

ସେହିପରି ପଞ୍ଚମୁଖୀ ମାର୍କେଟସ୍ଥିତ ଏକ ଦୋକାନର ଏସି ପାଇପ ବି ଚୋରି ହୋଇଥିଲା । ଅନ୍ୟପଟେ ଏକ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା ଛ ପୋଲିସ ଘଟଣାର ତଦନ୍ତ କରି ଶିମିଳିପଡାର ଏକ କବାଡ଼ିଆ ଦୋକାନ ଉପରେ ଚଢ଼ାଉ କରିଥିଲା । ସେଠାରୁ ଚୋରି ସାମଗ୍ରୀ ମଧ୍ୟ ଜବତ କରିଛି । ଚୋରିରେ ସମ୍ପୃକ୍ତି ଅଭିଯୋଗରେ ଅମଲାପଡାର ସେଖ ଇସିଲାମ(୨୦), ସେଖ ମୁନା ଓରଫ କାଳିଆ (୨୫), ଶିମିଳିପଡାର ରିଙ୍କୁ ଓରଫ ଶୁଭ୍ରଜ୍ୟୋତି ଜେନା (୩୫) ଏବଂ କବାଡି ଦୋକାନୀ ବାବୁ ବେହେରା(୪୯)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ।

# ଶିକ୍ଷକ ଅଭାବ: ବିଦ୍ୟାଳୟରେ ତାଲା

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଚଣ୍ଡୀପାଳ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ସ୍କୁଲ ଫାଟକରେ ଗ୍ରାମବାସୀ ଓ କମିଟି ମେମ୍ବର ତାଲା ପକାଇଛନ୍ତି। ଅନ୍ୟ ପକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖରେ କୌଣସି ଖବର ନଥିବା ଘଟଣା ପ୍ରଶ୍ନ ବାଚୀ ସୃଷ୍ଟି କରିଛି।ସୂଚନା ଯୋଗ୍ୟ, ଭୁବନ ବ୍ଲକ ଚଣ୍ଡୀପାଳ ଗାଁ ସ୍କୁଲରେ ଶିଶୁ ବାଟିକା ରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ମୋଟ ୧୫୭ ଜଣ ଛାତ୍ର ଛାତ୍ରୀଙ୍କୁ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି। ସେଥିପାଇଁ ଉପଯୁକ୍ତ ଶିକ୍ଷା ପାଇବାରୁ ଛାତ୍ର ଛାତ୍ରୀମାନେ ବଂଚିତ ରହୁଛନ୍ତି।ଏ ନେଇ ସ୍କୁଲ ପରିଚାଳନା କମିଟି ବାରମ୍ବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ବୁଧବାର ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇଛନ୍ତି। ସ୍କୁଲ ଖୋଲିବା ସମୟ ହୋଇଥିବାରୁ ବହୁ ଛାତ୍ର ଛାତ୍ରୀ ଫାଟକ ବାହାରେ ଠିଆ ହୋଇ ଶିକ୍ଷକ ନିଯୁକ୍ତି କରାଯାଉ ବୋଲି ଦାବି କରିଛନ୍ତି। ଖବର ପାଇ ଏଭିଓ ଦୁଷ୍ମନ୍ତ କୁମାର ମିଶ୍ର ଘଟଣାସ୍ଥଳରେ ପହଂଚି ବୁଝା ସୁଝା କରିଥିଲେ।ପ୍ରାୟ ଦେଢ଼ ଘଣ୍ଟା ପରେ ବିଦ୍ୟାଳୟ ଫାଟକ ଖୋଲାଯାଇଥିବା ଜଣାଯାଇଛି।ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଯାହା କୁହନ୍ତି, ସ୍କୁଲରେ ତାଲା ପଡିବା ଘଟଣା ମୁଁ ଜାଣିନାହିଁ. ପୂର୍ବରୁ କୌଣସି ଅଭିଯୋଗ ସମ୍ପର୍କରେ ମୁଁ କହିପାରିବିନି।ଏମିତି ବହୁ ଅଭିଯୋଗ ଆସୁଛି ସବୁ କଥା ମୋର ମନେ ନାହିଁ।କିନ୍ତୁ କୋଉ ସ୍କୁଲରେ ତାଲା ପଡିଛି ଏ ପର୍ଯ୍ୟନ୍ତ ମୋ ପାଖରେ କୌଣସି ଖବର ନାହିଁ।

## କଲ୍ୟାଣି ଷ୍ଟିଲ କାରଖାନା ପାଇଁ ଜନଶୁଣାଣି ଶିବିର

# ସପକ୍ଷବାଦୀ-ବିପକ୍ଷବାଦୀ ଟଣାଓଟରା

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ତାଳବରକୋଟ ଠାରେ କଲ୍ୟାଣି ଷ୍ଟିଲ ତରଫରୁ କାରଖାନା ପାଇଁ ପରିବେଶ ସଂକ୍ରାନ୍ତୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସପକ୍ଷବାଦୀ ଏବଂ ବିପକ୍ଷବାଦୀଙ୍କ ହୋ ହାଲ୍ଲା ମଧ୍ୟରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଗୋ ବ୍ୟାକ କଲ୍ୟାଣୀ ନାରାରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା। ସଦର ବ୍ଲକ ଅନ୍ତର୍ଗତ ସପ୍ତଶଯ୍ୟା ଗଜମରା ନିକଟରେ ୨୦୦୮-୦୯ ମସିହାରେ ୧୬ଶହ ମେଗାୱାଟ ଏନଟିପିସି ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ସରକାରଙ୍କ ସହିତ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ପ୍ରାୱାର ପ୍ଲାଣ୍ଟ ପାଇଁ ସିଆରିଆ,ପାତ୍ରଭାଗା,ମାଣିପୁର ଏବଂ ତାଳବର କୋଟ ପଞ୍ଚାୟତର ୭୯୭ ଏକର ୮୫ ଡେସିମିଲ ଘରୋଇ ଜମିରେ କାରଖାନା ସ୍ଥାପନ ପାଇଁ ଯୋଜନା କରାଯାଇଥିଲା। ମୋଟ ୧୧ଶହ ଏକର ଜମିରୁ ୯ଶହ ଏକର ଘରୋଇ ଜମି ରହିଥିବା ବେଳେ ୨ଶହ ଏକର ସରକାରୀ ଜମି ରହିଛି।ଦିର୍ଘ ୧୪ ବର୍ଷ ହେବ ପ୍ରାୱାର ପ୍ଲାଣ୍ଟସମ୍ପୂର୍ଣ୍ଣ ଭାବରେ ବନ୍ଦ




ହୋଇଯିବା ପରେ ଏବେ ସେହି ସ୍ଥାନରେ କଲ୍ୟାଣି ଷ୍ଟିଲ ତରଫରୁ ସ୍ପେସାଲ ଗ୍ରେଡ ଆଲଏ ଷ୍ଟିଲ କରାଖାନା ହେବାକୁ ଯାଉଛି। ଏନ୍‌ଟିପିସ ବନ୍ଦ ହେବା ପରେ ସେହି ଜମିକୁ ଇଡକୋ କଲ୍ୟାଣୀକୁ ହସ୍ତାନ୍ତରକରିବା ପରେ ଆଜି ପରିବେଶ ସଂକ୍ରାନ୍ତୀୟ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ଆରମ୍ଭହେବା ମାତ୍ରେ କାରଖାନାକୁ ନେଇ ସପକ୍ଷବାଦୀ ଏବଂ ବିପକ୍ଷବାଦୀଙ୍କ ହୋ ହାଲ୍ଲା ଦେଖିବାକୁ ମିଳିଥିଲା। ଉଭୟଙ୍କ ହୋ ହାଲ୍ଲା ମଧ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। କାରଖାନାକୁ ନେଇ ପୂର୍ବତନ ସାମରିକ ଅଧିକାରୀ କାରଖାନା ହେଲେ ରୋଜଗାର ବଢିବ,ବେକାର ଯୁବକ ଯୁବତୀ ମାନେ ନିଯୁକ୍ତି ପାଇବା ସହିତ ବାହାରକୁ ଦାଦନ ଖଟିବାକୁ ଯିବେ ନାହିଁ,ସ୍ଥାନୀୟଅଞ୍ଚଳର ବିକାଶ ହେବ ବୋଲି କହିଥିବା ବେଳେ ସରପଞ୍ଚ ପ୍ରଣୟିନୀ ଜେନା କାରଖାନାକୁ ସ୍ୱାଗତ କରିବା ସହିତ କେତେକ ଅସାମାଜିକ ବ୍ୟକ୍ତି ଅଯଥାରେ ବିଶୃଙ୍ଖଳା କରୁଥିବାର କହିଥିଲେ। ବ୍ୟକ୍ତିଗତ ସମସ୍ୟାକୁ ନେଇ ଏଭଳି କରୁଥିବା ବେଳେ ଏଠାରେ ଶତପ୍ରତିଶତ କାରଖାନାହେବ ବୋଲି କହିବାସହିତ ଲୋକମାନେ ଉପକୃତ ହେବେ,ଯେଉଁମାନେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି ସେମାନେ କାମା ପାଇବେ ଏବଂ ଜମିକୁ ନେଇ ରହିଥିବା ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ସେହିପରି ପୂର୍ବତନ ସମିତି ସଭ୍ୟ ଏହାକୁ ବିରୋଧ କରିବା ସହିତ ଚାଷ ଯିବ,ଜୀବନ ଜିବୀକା ନଷ୍ଟ ହେବ ବୋଲି କହିବା ସହିତ ପ୍ରଦୁଷଣ ବୃଦ୍ଧିପାଇବା ସହିତ କମ୍ପାନୀ ହେଲେ ଲୋକ ଚାଷ ହରାଇ ଭୋକ ଉପାସରେ ରହିବେ ବୋଲିକହିଥିଲେ। କମ୍ପାନୀ ଆମ ଶବ ଉପରେ ହେବ ବୋଲି କହିଥିଲେ। ସେହିପରି ସରୋଜ କୁମାରଭଞ୍ଜ ଏହାର ତିବ୍ର ବିରୋଧ କରିବା ସହିତ ଆମେ ଏନଟିପିସିକୁ ଜମି ଦେଇଥିଲୁ ଏବେ ତାହା ଇଡକୋକୁ ହସ୍ତାନ୍ତର କରି କଲ୍ୟାଣୀକୁ ବିକ୍ରୀ କରିଦେଇଥିବାର କହିଥିଲେ। କଲ୍ୟାଣି କାରଖାନାଯୋଗୁ ପ୍ରଦୁଷଣ ବୃଦ୍ଧିପାଇବ ବୋଲିକହିବାସହିତ କୃଷକ ମାନେ ସମସ୍ୟା ଭୋଗିବେ। ଦରକାରହେଲେଆମେ ରାଜରାସ୍ତା ଅବରୋଧ କରିବୁ ବୋଲି କହିଥିଲେ। କାରଖାନାକୁ ନେଇ କାରଖାନାରଆସୋସିଏଟ ଭିପି କହିଛନ୍ତି ଯେ,୧.୪ ମିଲିୟନ ଟନ୍ ଷ୍ଟିଲ ବର୍ଷକୁ ଉତ୍ପାଦନ ହେବ ବୋଲି କହିବା ସହିତ ପ୍ରଥମେ ୫ଶହ ଏକର ଜମି ଅଧିଗ୍ରହଣ କରାଯିବ ବୋଲି କହିଥିଲେ। କାରଖାନା ଦ୍ୱାରା ଜମି,ଜଳ,ମୃତ୍ତିକା ପ୍ରଦୂଷଣ ହେବ ନାହିଁ ବୋଲି କହିବା ସହିତ ସରକାର ପରିବେଶ ଅନୁମତି ପ୍ରଦାନ କଲେ ଆମେ କାରଖାନାକରିବୁ ବୋଲି କହିଥିଲେ। ପ୍ରାୟ ୧୧ ହଜାର ୫୮କୋଟି ଟଙ୍କା ବ୍ୟୟ ଅଟକଳରେ କାରଖାନାହେବ ବୋଲି କହିଥିଲେ। ପ୍ରଥମ ଫେଜରେ ୫ଶହ ଏକରଜମିରେ ହେବ ବୋଲି କହିବା ସହିତ କିଛି ଜଙ୍ଗଲ ଏବଂ ସରକାରୀ ଜମି ନେଇ ଯୋଜନା ଚାଲିଛି। ସପକ୍ଷବାଦୀ ଏବଂ ବିପକ୍ଷବାଦୀ ମାନେ ସେମାନଙ୍କର ମତ ଦେଇଛନ୍ତି ବୋଲିକହିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱର ଲଳିତ ମୋହନ ବେହେରାଙ୍କ ସହିତ ଉପଜିଲ୍ଲାପାଳ ବିବୁଧ ଗଡନାୟକ,ପ୍ରୋଜେକ୍ଟ ଡାଇରେକ୍ଟର ପାର୍ଥସାରଥୀ ଘୋଷ,ଭାଇସ୍ ପ୍ରେସିଡେଣ୍ଟ କର୍ପୋରେଟ ଆଫେୟାରସ୍ ମୋତି ପ୍ରକାଶ ରଥ,ମାନବ ସମ୍ବଳ ଭିପି ବିନୋଦ ନାୟାର, ପ୍ରୋଜେକ୍ଟସ ଆସୋସିଏଟ ଭିପି ସ୍ୱାରକ ମହାନ୍ତି, ଟେକ୍ନିକାଲ ଭିପି ଗୌରବ ଶୁକ୍ଳା, ବରିଷ୍ଠ ମ୍ୟାନେଜର ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଥିଲା ।

# ତାଳଚେରକୁ ଜିଲ୍ଲା କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ତାଳଚେର,(ସବ୍ୟୁ): ରାଜ୍ୟ ସରକାର ନୂଆ ଜିଲ୍ଲା ଗଠନ କରିବା ତତ୍ପରତା ଦେଖାଇ ଥିବାରୁ ତାଳଚେର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତାଳଚେରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ଦାବୀରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଦାବୀପତ୍ର ପ୍ରଦାନ କରାଯାଇଛି । ବିଗତ ୧୯୯୨ ମସିହାରେ ଓଡିଶାରେ ୧୩ ରୁ ୩୦ ଜିଲ୍ଲା ଗଠନ ସମୟରେ ତାଳଚେରକୁ ଜିଲ୍ଲା ଗଠନ ଦାବୀରେ ତାଳଚେରବାସୀ ଆନ୍ଦୋଳନ କରିଥିଲେ । ପରବର୍ତି ସମୟରେ ଜିଲ୍ଲା ଗଠନ ହେଲେ ତାଳଚେରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ପାଇଁ ତାଳଚେରବାସୀଙ୍କୁ ତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରତିଶୃତି ଦେଇଥିଲେ । ତାଳଚେରରେ



ଦେଶର ସବୁଠାରୁ ଅଧିକ କୋଇଲା ଉତ୍ପାଦନ, ଦେଶର ସବୁଠାରୁ ଅଧିକ ବିଜୁଳି ଉତ୍ପାଦନ ଓ ବିଭିନ୍ନ କଳକାରଖାନା ଥିବାରୁ ଏଠାରେ ଲୋକମାନଙ୍କ ସମସ୍ୟା ଲାଗି ରହିଥିବାରୁ ତାଳଚେରକୁ ସ୍ୱତନ୍ତ୍ର ଜିଲ୍ଲା କଲେ ଲୋକମାନେ ଉପକୃତ ହେବେ । ତାଳଚେର, କଣିହାଁ, ପାଲଲହଡା, ପରଜଙ୍ଗ ଓ କଙ୍କଡାହାଡ ବ୍ଲକକୁ ନେଇ ସ୍ୱତନ୍ତ୍ର ଜିଲ୍ଲା କରିବା ପାଇଁ ଦାବୀ କରାଯାଇଅଛି । ପୂର୍ବରୁ ଜିଲ୍ଲା ଦାବୀରେ ୪୭୦ ଦିନ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓ ୩ ଥର ବିଧାନସଭା ସମ୍ମୁଖରେ ତାଳଚେରବାସୀ ଧାରଣା ଦେଇ ସାରିଛନ୍ତି । ପୂର୍ବରୁ ତାଳଚେର ଏକ ସ୍ୱତନ୍ତ୍ର ଗଡଜାତ ରାଜ୍ୟ ଥିବାବେଳେ ବର୍ତମାନ ନୂଆ ଜିଲ୍ଲା ପାଇଁ ୧୪୮୦୭ କିଲୋ ମିଟର ଜାଗାରେ ୫ଟି ବ୍ଲକର ୧୦ ଲକ୍ଷ ଲୋକଙ୍କୁ ନେଇ ଜିଲ୍ଲା ଗଠନ ପାଇଁ ସରକାରଙ୍କୁ ଦାବୀ କରାଯାଇଅଛି । ଜିଲ୍ଲା ଦାବୀରେ ପୁର୍ନବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅର୍ନିଦ୍ଧିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ଆଜିର ଏହି ଦାବୀପତ୍ର ପ୍ରଦାନ ବେଳେ ଚୈତନ୍ୟ ପ୍ରଧାନ, ବିଭୂତି ପଟ୍ଟନାୟକ, କେଶବ ଭୂତିଆ, ଅଭୟ ପାଣି, ସୁକାନ୍ତ ଦାସ, ପ୍ରଫୁଲ ନାଏକ, ବିଜୟ କୁମାର ମିଶ୍ର, ସଂଗ୍ରାମ କେଶରୀ କୁଅଁର, ସଂଜୀବ ନାଏକ, ଗଗନ ଦାସ, ହରିହର ଦାସ, ବିନୋଦ୍ ଲାଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡି ଯୁବକ ମୃତ

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସଦର ଥାନା ଓସ୍ତପାଳ ଗ୍ରାମରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ବୁଦ୍ଧିମନ୍ତ ବେହେରା । ସୂଚନା ଯୋଗ୍ୟ ଯେ ଓସ୍ତପାଳ ଗ୍ରାମର ଯୁବକ ବୁଦ୍ଧିମନ୍ତ ସବୁଦିନ ଭଳି ବୁଧବାର ଦିନ ଗାଇ ଚରାଇବାକୁ ଯାଇଥିଲେ । ଗାଇଙ୍କୁ ଚରିବାକୁ ଛାଡିଦେଇ ବୁଦ୍ଧିମନ୍ତ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଉଥିବା ବେଳେ ହଠାତ ତାଙ୍କ ଗୋଡ ଖସି ଯାଇଥିଲା । ଫଳରେ ସେ ପୋଖରୀ ପାଣିରେ ବୁଡି ଯାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ତାଳଚେର ମେଡିକାଲ କଲେଜରେ ଚଳିତ ବର୍ଷରୁ ନାମଲେଖା ଆରମ୍ଭ

# କୃତଜ୍ଞତା ଜଣାଇଲା ବିଜେପି

ଅନୁଗୁଳ / ତାଳଚେର ,(ସବ୍ୟୁ) : ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତ ବର୍ଷ ଠାରୁ ୧୦୦ ସିଟ ରେ ନାମଲେଖା ହେବ ବୋଲି ଗତକାଲି ଜାତୀୟ ମେଡିକାଲ କମିଶନ ଜଣାଇଛନ୍ତି । ଏହାକୁ ନେଇ ସମଗ୍ର ଅନୁଗୁଳ ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି । ଜମି, କ୍ୟାମ୍ପସ, ମେଡିକାଲ ଏବଂ ମେଡିକାଲ କଲେଜ ୫ ବର୍ଷ ଚଳାଇବାର ସମସ୍ତ ବ୍ୟୟ ମୋଟାମୋଟି ୧୭୦୦ କୋଟି ରୁ ଉର୍ଦ୍ଧ୍ୱ ଏମସିଏଲ ଦ୍ୱାରା କରାଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ଅଂଚଳର ସାଂସଦ ଥିବା ବେଳେ ତାଳଚେର ରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ପରେ ସେ କେନ୍ଦ୍ରରେ ମନ୍ତ୍ରୀ ହେବା ପରେ ତାଳଚେର ମେଡିକାଲ କଲେଜ କାର୍ଯ୍ୟ ଶୁଭାରମ୍ଭ ଠାରୁ କଲେଜ କ୍ୟାମ୍ପସ ର ଉଦଘାଟନ ଓ ମେଡିକାଲ କଲେଜ ରାଜ୍ୟ ସରକାର ଚଳାଇବା ପର୍ଯ୍ୟନ୍ତ ଏବଂ ମେଡିକାଲ କଲେଜ ରେ ନାମଲେଖା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ତାଙ୍କର ପ୍ରଚେଷ୍ଟାରେ ଆଜି ସାକାର ହୋଇଛି । ତାଳଚେର ମେଡିକାଲ କଲେଜ ଆରମ୍ଭ ହେବା ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ମାଝି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେହିପରି ଅନୁଗୁଳ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ବରିଷ୍ଠ ନେତା କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଏବଂ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କୁ ତାଳଚେର ରେ ମେଡିକାଲ କଲେଜ ରେ ଚଳିତ ବର୍ଷ ଠାରୁ ଶିକ୍ଷାରମ୍ଭ ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

# ରାଣୀଗୋଡାରେ ଖୁଦୁରୁକୁଣୀ ପୂଜାର ଭସାଣି ଯାତ୍ରା

ଅନୁଗୋଳ ,(ସବ୍ୟୁ): ମଙ୍ଗଳବାର ଦିନ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସହର ଉପକଣ୍ଠ ରାଣୀଗୋଡା ଗାଁ ରେ ଝିଅମାନଙ୍କର 'ଖୁଦୁରୁକୁଣୀ ଓଷା' ପୂଜା ବଡ ଧୂମ୍ ଧାମରେ ପାଳିତ ହୋଇ ମା' ମଙ୍ଗଳାଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଇଛି । ଭାଦ୍ର ଶୁକ୍ଳ ଅଷ୍ଟମୀ ରବିବାର ଠାରୁ 'ମା' ମଙ୍ଗଳାଙ୍କର' ମୃଣ୍ମୟୀ ପ୍ରତିମାକୁ ଏକ ସୁସଜ୍ଜିତ ମଣ୍ଡପରେ ସ୍ଥାପନ କରି ଭାଦ୍ରବ ମାସର ପ୍ରତି ରବିବାର ମାନଙ୍କରେ ବିଧି ଅନୁଯାଇ ପୂଜାର୍ଚ୍ଚନା କରିଥିଲେ । ପ୍ରତ୍ୟେହ ଦିବା ୧ ଘଣ୍ଟା ସମୟରେ ବାଲୁଙ୍କା ପୂଜା ଏବଂ ରାତ୍ରୀ ୭ ଘଟିକା ସମୟରେ ମା' ମଙ୍ଗଳାଙ୍କୁ ମଣ୍ଡପରେ ପୂଜା କରାଯାଇଥିଲା । ଶେଷ ମଙ୍ଗଳବାର ଦିନ ମା' ଙ୍କ ପୂଜାପରେ ପୂଜାଭୋଗ ସହିତ ଅନ୍ନ ପ୍ରସାଦରେ ସମସ୍ତ ଗ୍ରାମବାସୀଙ୍କୁ ଆପ୍ୟାୟିତ କରିଥିଲେ ଏବଂ 'ମା' ମଙ୍ଗଳାଙ୍କ' ମୃଣ୍ମୟୀ ମୂର୍ତ୍ତିକୁ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ବାହାର କରି ଭସାଣୀ ଯାତ୍ରାର ଗ୍ରାମ ପରିକ୍ରମା କରିଥିଲେ । ପରିଶେଷରେ ଗାଁ ମୁଣ୍ଡ ପୋଖରୀରେ ମା' ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରିଥିଲେ । ପୂଜା କମିଟିର ସଭପତି ମୀରା ବେହେରା, ସଦସ୍ୟା ରେଶମା ମହାପାତ୍ର ମୋନାଲିସା ବେହେରା, ରାଜଶ୍ରୀ ସାହୁ, ତୃପ୍ତିମୟୀ ମହାପାତ୍ର, ଭାଗ୍ୟଶ୍ରୀ ସାହୁ, ଆନିସ୍ମିତା ମହାପାତ୍ର, ଲିଜି ଦାସ, ଲଭଲି ସାହୁ, ସୁରଭୀ ବେହେରା, ରୁପାଲି ବେହେରା, କାଜଲ ବେହେରା, ପୂଜାଲିନ ମହାପାତ୍ର, ପ୍ରିୟଦର୍ଶିନୀ ଦାସ, ପୂଜାଲିନ ଦାସ ଓ କାଜଲ ସୁନ୍ଦରୀ ଦାସ ପ୍ରଭୃତି ସମସ୍ତେ ଗ୍ରାମବାସୀଙ୍କ ସହଯୋଗ ନେଇ ଶାନ୍ତିଶୃଙ୍ଖଳାର ସହ ପୂଜା ପରିଚାଳନା ସହ ମା' ଙ୍କୁ ବିସର୍ଜନ କରି ମେଲାଣୀ ଦେଇଥିଲେ ।

## କଣିହାଁରେ ଡ୍ରାଇଭର ଦିବସ ପାଳିତ

# ବାଇକ ଶୋଭାଯାତ୍ରା, ରୋଗୀଙ୍କୁ ଫଳ ବଣ୍ଟନ

କଣିହାଁ,(ସବ୍ୟୁ): ରାଜ୍ୟ ଡ୍ରାଇଭର ମହାସଂଘର ଆହ୍ୱାନ କ୍ରମେ ସେପ୍ଟେମ୍ବର -୧ ତାରିଖକୁ ଡ୍ରାଇଭର ଦିବସ ଭାବରେ ପାଳନ କରିଛନ୍ତି ଡ୍ରାଇଭର ମାନେ । କଣିହାଁ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ମଧ୍ୟ ଅତି ଆନନ୍ଦର ସହିତ ଦିବସକୁ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସୋମବାର ଦିନ ସକାଳେ କଣିହାଁ ବ୍ଲକର ୨୭ପଞ୍ଚାୟତରେ ଥିବା ସମସ୍ତ ଡ୍ରାଇଭର କଣିହାଁ ମହାସଂଘ କାର୍ଯ୍ୟାଳୟ ଠାରେ ଏକତ୍ରିତ ହେଇଥିଲେ । ସେଠାରେ ଅନୁଗୋଳ ଜିଲା ଡ୍ରାଇଭର ମହାସଂଘ ସଭାପତି ଅମିତ କୁମାର କବି ଡ୍ରାଇଭର ମହାସଂଘର ପତାକା ଉତ୍ତୋଳନ କରିଥିଲେ । ପରେ ସମସ୍ତ ଡ୍ରାଇଭର ଏକ ବାଇକ ଶୋଭାଯାତ୍ରାରେ ଆସି କଣିହାଁ ମେଡିକାଲ ଠାରେ ପହଞ୍ଚିଥିଲେ । ସେଠାରେ ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଓ ଡ୍ରାଇଭରମାନେ ରୋଗୀଙ୍କୁ ଫଳ, ପାରୁଟି, କ୍ଷୀର ବଣ୍ଟନ କରିଥିଲେ । ପରେ ସମସ୍ତ ଡ୍ରାଇଭର ଭିମକାଣ୍ଡ ଶିବ ମନ୍ଦିରରେ ଏକତ୍ରିତ ହେଇଥିଲେ । ସେଠାରେ ସଂଘର ସଭାପତି ବିପିନି ବିହାରୀ ପ୍ରଧାନଙ୍କ ସଭାପ୍ତିବରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲ ।

ବୈଠକରେ ଏନଟିପିସି ଥାନା ଆଇଆଇସି ସନ୍ତୋଷ କୁମାର ସେଠୀ ଓ କର୍ମଚାରୀ ଯୋଗଦେଇ ଡ୍ରାଇଭର ମାନଙ୍କୁ ଟ୍ରାଫିକ ନିୟମ ସଂମ୍ପର୍କରେ ସଚେତନ କରାଇଥିଲେ । ବୈଠକରେ ସଂଘର କର୍ମକର୍ତ୍ତା ଡ୍ରାଇଭର ମାନଙ୍କୁ ନିଶା ସେବନ କରି ଗାଡ଼ି ନଚଳାଇବା, ଟ୍ରାଫିକ ନିୟମ ମାନିବା, ପୁଲିସ, ପ୍ରଶାସନ, ଜନସାଧାରଣଙ୍କୁ ସମ୍ମାନ ଦେବା ସମ୍ପର୍କରେ ସଚେତନ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ବ୍ଲକ୍ ଡ୍ରାଇଭର ମହାସଂଘର ଉପ ସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ରାଜେଶ କୁମାର ପରିଡ଼ା, ସହ ସମ୍ପାଦକ ଧୀରେନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଜିତୁ କୁମାର ସାହୁ , ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜିଲ୍ଲା ପରିଷଦର ୬୦ତମ ସାଧାରଣ ବୈଠକ

# ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ସମ୍ପର୍କରେ ସମୀକ୍ଷା

ଅନୁଗୋଳ,(ସବ୍ୟୁ):ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପରିଷଦର ୬୦ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ ଏହି ସଭାରେ ଅଧକ୍ଷତା କରିଥିଲେ । ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂଙ୍କ ସମେତ ଜିଲ୍ଲା ପରିଷଦର ସଦସ୍ୟା ଓ ସଦସ୍ୟ, ପଞ୍ଚାୟତ ସମିତି ଅଧକ୍ଷା ଓ ଅଧକ୍ଷ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତର ବୈଠକରେ ଯୋଗ ଦେଇଥିଲେ । ପ୍ରଥମେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ତା.୦୯-୦୪-୨୦୨୫ ରିଖରେ ଅନୁଷ୍ଠିତ ହୋଇଥୁବା ପୂର୍ବ ସଭାର ବିବରଣୀ ପାଠ କରିଥିଲେ । କାର୍ଯ୍ୟସୂଚୀ ମୁତାବକ ବୈଠକରେ ପୂର୍ବ ସଭାରେ



ନିଆଯାଇଥୁବା ନିଷ୍ପତ୍ତି ଅନୁପାଳନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥୁଲା । ବୈଠକରେ ପ୍ରଥମେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ସଭ୍ୟ/ ସଭ୍ୟଙ୍କ ଦ୍ୱାରା ଦିଆଯାଇଥୁବା ବିଭିନ୍ନ ପ୍ରସ୍ତାବକୁ ମଧ୍ୟ ଗ୍ରହଣ କରାଯାଇଥିଲା । ବୈଠକରେ ପଞ୍ଚାୟତିରାଜ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ, ପାନୀୟ ଜଳ ଓ ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଙ୍ଗଲ, ପରିବେଶ ଓ ପ୍ରଦ୍ୟୁଷଣ, ଶକ୍ତି, ବିଦ୍ୟାଳୟ ଓ ଗଣ ଶିକ୍ଷା, ଜଳ ସମ୍ପଦ ଇତ୍ୟାଦି ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇ ଏ ଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧି କାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା କ୍ରୀଡା ଅଧୁକାରୀ ଅକ୍ଷୟ କୁମାର ସିଠ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ଓ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଅଗ୍ରପୂଜ୍ୟ ଗଣନାଥଙ୍କୁ ବିଦାୟ

# ମିଳିତ ଶୋଭାଯାତ୍ରାରେ ସାମିଲ ହେଲେ ୩୭ ମେଢ

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ସହରରେ ଶାନ୍ତି ଶୃଙ୍ଖଳାର ସହିତ ଆଗ୍ରପୂଜ୍ୟ ଗଣନାଥଙ୍କୁ ବିଦାୟ ଦିଆଯାଇଛି। ମିଳିତ ଶୋଭାଯାତ୍ରାରେ ସମସ୍ତ ମେଢ ସାମିଲ ହୋଇଛନ୍ତି। ଶାନ୍ତିଶୃଙ୍ଖଳାର ସହିତ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି । ଗତ ବୁଧବାର ଦିନ ଆରମ୍ଭ ହୋଇଥିବା ଗଣେଶ ପୂଜା ଶେଷ ହୋଇଛି। ଆଠ ଦିନ ଧରି ଅନୁଷ୍ଠିତ ହୋଇଥିବା ପୂଜା ମଣ୍ଡପ ମଧ୍ୟରୁ ୩୭ଟି ମେଢ ମିଳିତ ଶୋଭାଯାତ୍ରାରେ ସାମିଲ ହୋଇଥିବାର ଜଣାପଡିଛି। ପ୍ରତି ମେଢ ନିଜ ନିଜ ମଣ୍ଡପରୁ ବାହାରି ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ପହଞ୍ଚିଥିଲେ। ସେଠାରେ ଉପଜିଲ୍ଲାପାଳ ବିବୁଧ ଗଡନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମିଳିତ ଭସାଣକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ,ମିଳିତ ପୂଜା କମିଟିର ସଭାପତି ସୁଧାଂଶୁ ଦଳେଇ, ସୁକାନ୍ତ ମିଶ୍ର,ଟାଉନଥାନା ଅଧିକାରୀ ପ୍ରଭାସ କୁମାର ସାହୁ ଏବଂ କର୍ମକର୍ତ୍ତା ,ଶାନ୍ତି କମିଟିର ଉପସ୍ଥିତିରେ ଲଟେରୀ ହୋଇଥିଲା। ଲଟେରୀ ଅନୁଷ୍ଠିତ ହେବା ପରେ କ୍ରମିକ ନମ୍ବର ଅନୁସାରେ ପୂଜା ମଣ୍ଡପ ତରଫରୁ ବିଭିନ୍ନ ପ୍ରକାର ବାଦ୍ୟ,ଘୋଡା ନାଚ,ଶିଙ୍ଗ ବାଜା,ବାଦ୍ୟ ସହିତ ଶାନ୍ତି ଶୃଙ୍ଖଳାର ସହିତ ମେଢ ଗୁଡିକ



ବଜାର ପରିକ୍ରମା କରିଥିଲା। ଶାନ୍ତି ଶୃଙ୍ଖଳାର ସହିତ ଲଟେରୀ ଅନୁଷ୍ଠିତ ହୋଇ ସେହି କ୍ରମରେ ଭସାଣ ଉତ୍ସବ ଅନୁଷ୍ଠିତ ହେଉଛି। ଶାନ୍ତି ଶୃଙ୍ଖଳାର ସହିତ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଢେଙ୍କାନାଳର ଗଣେଶ ପୂଜା ଭାଇଚାରା ମଧ୍ୟରେ ଅନୁଷ୍ଠିତ ହେଉଛି ବୋଲି କହିଥିଲେ। ପ୍ରଶାସନ ତରଫରୁ ନିର୍ଦ୍ଧାରିତ କରାଯାଇଥିବା ସ୍ଥାନ ଗୁଡିକରେ ମେଢଗୁଡିକର ବିସର୍ଜନ ପାଇଁ ସ୍ଥିର ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବଜାରରେ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ଏହି ଶୋଭାଯାତ୍ରା ସକାଳ ୯ଟାରୁ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିବ। ମୂର୍ତ୍ତି ଗୁଡିକ ଜେଲ ପୋଖରୀ,କୁଞ୍ଜକାନ୍ତ ପୋଖରୀ,କାଠ ଶଙ୍ଖ ଏବଂ ସିମିଳିଅ ପୋଖରୀରେ ବିସର୍ଜନ ହେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ପ୍ରଶାସନ,ପୋଲିସ ପ୍ରଶାସନ,ଅଗ୍ନିଶମ ବିଭାଗ,ପୌରସଂସ୍ଥା ସହିତ ବିଭିନ୍ନ ବିଭାଗର ଅଧିକାରୀଏବଂ କର୍ମଚାରୀମାନେ ଉପସ୍ଥିତ ରହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ କରିବାକୁ ଯୋଜନା କରାଯାଇଛି। ପୂଜା ମଣ୍ଡପ,କ୍ଲବର କର୍ମକର୍ତ୍ତମାନେ ଉପସ୍ଥିତ ରହି ଭସାଣ ଉତ୍ସବକୁ ପରିଚାଳନା କରୁଛନ୍ତି। ଏହି ଶୋଭାଯାତ୍ରାକୁ ଉପଭୋଗ କରିବାପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ଜନସମାଗମ ହୋଇଥିଲା ।

# ବିଦ୍ୟାଳୟରୁ ଚୋରୀ

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ବଆଁରନାଳୀ ସରକାରୀ ବିଦ୍ୟାଳୟରୁ ତାଲା ଭାଙ୍ଗି ଚୋରୀ ହୋଇଯାଇଥିବା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମଙ୍ଗଳବାର ଦିନ କିଶୋରନଗର ଥାନା ରେ ଅଭିଯୋଗ କରିଛନ୍ତ । ତାଙ୍କ ଅଭିଯୋଗ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ଉକ୍ତ ଅଞ୍ଚଳ ର ଦୁଇ ଜଣ ଯୁବକ ବିଦ୍ୟାଳୟରୁ ତାଲା ଭାଙ୍ଗି ବିଦ୍ୟାଳୟରେ ଲାଗିଥିବା ଇନଭେଟର ସହ ବ୍ୟାଟେରୀ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ କରି ନେଇଯାଇଛନ୍ତି । ଉକ୍ତ ଅଞ୍ଚଳ ର କିଛି ଯୁବକ ଉକ୍ତ ଯୁବକ ଦୁଇ ଜଣ ନେଉଥିବା ବେଳେ ଅନେକ ଶ୍ରେଣୀ ଗୃହ ତାଲା ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି ।

# ରେଳ ଷ୍ଟେସନରୁ ୫ଲକ୍ଷ ୪୦ହଜାର ଟଙ୍କାର ଗଞ୍ଜେଇ ଜବତ

ଅନୁଗୋଳ ,(ସବ୍ୟୁ) : ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ଏବଂ ଆରପିଏଫଷ୍ଟାଫ ମିଳିତ ଭାବେ ଚଢ଼ଉ କରି ଅନୁଗୋଳ ରେଳ ଷ୍ଟେସନରୁ ୫ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ଚୋରା ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛନ୍ତି । ମଙ୍ଗଳବାର ସକାଳେ ୨ ଜଣ ବେପାରୀ ଚୋରାରେ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ କରିବା ପାଇଁ ଅନୁଗୋଳ ରେଳ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିଲେ । କୌଣସି ସୂତ୍ରରୁ ଅନୁଗୋଳ ଅବକାରୀ ଅଧିକାରୀମାନେ ଖବର ପାଇ ଅବକାରି ବିଭାଗ ପକ୍ଷରୁ ଏନେଇ ଆରପିଏଫଷ୍ଟାଫଙ୍କୁ ଖବର ଦେଇଥିଲେ । ଅବକାରୀ ଅଧିକାରୀ ଏବଂ ଆରପିଏଫଷ୍ଟାଫ ପ୍ରମୁଖ ମିଳିତ ଭାବେ ରେଳ ଷ୍ଟେସନରେ ଚଢ଼ଉ କରିଥିଲେ । ସେଠାରୁ ୨ଜଣ ଗଞ୍ଜେଇ ବେପାରୀ ମହାରାଷ୍ଟ୍ରର ଥାନେ ଜିଲ୍ଲାର ବବଲୁ କୁମାର ନିଶାଦ ଏବଂ ରମେଶ କୁମାରଙ୍କୁ ଗିରଫ କରି ସେମାନଙ୍କ ପାଖରୁ ୫ଲକ୍ଷ ୪୦ହଜାର ଟଙ୍କା ମୂଲ୍ୟର ୫୪କେଜି ଗଞ୍ଜେଇ ଜବତ କରିଥିଲେ । ପୋଲିସ ନମ୍ବର ୨୫୧/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ଆସିଲା ମୃତ ଭିସୁଟ ଛାତ୍ରଙ୍କ ସିସିଟିଭି ଫୁଟେଜ

ସମ୍ବଲପୁର,(ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ମୃତ ଛାତ୍ର ଅଞ୍ଜନେୟ ଦାସ(୨୨)ଙ୍କ ଏକ ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି । ଛାତ୍ର ଜଣକ ରାତିରେ ପିସି ବ୍ରିଜ ନିକଟରେ ଚାଲିଚାଲି ଏକାକି ମୋବାଇଲରେ କଥା ହେଉଥିବା ଦେଖିବାକୁ ମିଳିଛି । ତେବେ ମୃତକର ମୋବାଇଲ ଫୋନ, ପର୍ସ ଓ ସୁନାମୁଦି ମିଳିନଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ମାମଲାର ତଦନ୍ତ ପାଇଁ ୩ଟି ପୋଲିସ ଟିମ୍ ଗଠନ କରାଯାଇଛି । ହଷ୍ଟେଲ ଓ ପିସିବ୍ରିଜ ନିକଟରେ ଲାଗିଥିବା କ୍ୟାମେରା ଗୁଡିକ ଯାଞ୍ଚ କରାଯାଇଛି । ୩ଜଣ ସହପାଠୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ପରେ ଛାଡି ଦେଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ସେହିପରି ମୃତ ଛାତ୍ରଙ୍କ କଲ ହିଷ୍ଟ୍ରିକୁ ପୋଲିସ ଯାଞ୍ଚ କରିଛି । ମୃତ ଛାତ୍ର ଜଣକ ଟିଟିଲାଗଡର ଜଣେ ଝିଅ ସହ ଶେଷ କଲରେ ଦୀର୍ଘ ସମୟ କଥା ହୋଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ସଂପୃକ୍ତ ଝିଅ ନଏଡାରେ ରହି ଆଇନ ପାଠ ପଢୁଥିବା ସ୍ପଷ୍ଟ ହୋଇଛି । ତେବେ ପୋଲିସ ସ୍କାନରରେ ସଂପୃକ୍ତ ଛାତ୍ରୀ ଥିବାବେଳେ ତାଙ୍କୁ ପଚରାଉଚରା କରାଗଲେ ଘଟଣା ଉପରୁ ପରଦା ହଟିବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ, ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ନାରିଗାଁର ଅଞ୍ଜନେୟ ଦାସ ଭିସୁଟ୍ ମେକାନିକାଲ ବିଭାଗର ଶେଷବର୍ଷ ଛାତ୍ର ଥିଲେ । ବିଶ୍ୱବିଦ୍ୟାଳୟ ପୋଲସ୍ତ୍ୟ ଛାତ୍ରାବାସରେ ରହି ପାଠ ପଢୁଥିଲେ । ଗତ ୧ତାରିଖ ରାତି ପ୍ରାୟ ସାଢେ ୮ଟାରେ ଛାତ୍ର ଜଣକ ଛାତ୍ରାବାସରୁ ବାହାରି ଥିଲେ । ମୋବାଇଲ ଫୋନରେ ସଂପୃକ୍ତ ଛାତ୍ରୀ ସହ କଥା ହେଉଥିବା ବେଳେ ଅଚାନକ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଏହାପରେ ଫୋନ କଲ କଟି ଯାଇଥିଲା ଓ ଆଉ ଯୋଗାଯୋଗ ସମ୍ଭବ ହୋଇନଥିଲା । ଏନେଇ ଛାତ୍ରୀ ଜଣକ ଅଞ୍ଜନେୟର ଏକ ସହପାଠୀକୁ ଫୋନ କରି କହିବା ସହ ଲୋକେସନ୍ ମଧ୍ୟ ସେୟାର କରିବା ପରେ ସହପାଠୀ ମାନେ ପାୱାର ଚେନାଲ ପିସି ବ୍ରିଜ ତଳୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଞ୍ଜନେୟକୁ ରାତି ପ୍ରାୟ ସାଢେ ୧୨ଟାରେ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହ ବୁର୍ଲା ଭିମସାରକୁ ନେଇଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲା ।

# ପୂର୍ବଶତ୍ରୁତା ଯୋଗୁଁ ଛୁରୀ ଭୁସି ହତ୍ୟା, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ପୋଲିସ ଭୁତାପଡା ହତ୍ୟାକାଣ୍ଡ ଘଟଣାରେ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଯୁବକ ଜଣକ ମୋତିଝରନ୍‌ର କାଲିଆ କଲେତ (୩୦) ବୋଲି ଜଣାପଡିଛି । ଅଭିଯୁକ୍ତ ଠାରୁ ରକ୍ତଲଗା ଛୁରୀ ଜବତ ହୋଇଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଧନୁପାଲି ଥାନା ଅନ୍ତର୍ଗତ ଗୁଆଲାପଡାର ମହମ୍ମଦ ରିଙ୍କୁ(୨୫) ସହ ଅଭିଯୁକ୍ତ କାଲିଆର ୪ଦିନ ପୂର୍ବେ କୌଣସି କଥାକୁ ନେଇ ଝଗଡା ହୋଇଥିଲା । ଅଭିଯୁକ୍ତ ତାକୁ ଜୀବନରେ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲା । ବୁଧବାର ସକାଳ ପ୍ରାୟ ସାଢେ ୭ଟାରେ ରିଙ୍କୁ ଘରୁ ବାହାରି ଗ୍ୟାରେଜକୁ ଯାଉଥିବା ବେଳେ ଭୁତାପଡାର ମୁଣ୍ଡାପଡା ନିକଟରେ



ଅଭିଯୁକ୍ତ କାଲିଆ ଏକ ଛୁରୀ ସାହାର୍ଯ୍ୟରେ ରିଙ୍କୁର ଅଣ୍ଟା ଓ ଜଙ୍ଘରେ ଆକ୍ରମଣ କରି ଫେରାର ହୋଇ ଯାଇଥିଲା । ଖବର ପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା । ଅଭିଯୋଗ ପାଇବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ଅଭିଯୁକ୍ତକୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଗିରଫ କରିବାରେ ସକ୍ଷମ ହୋଇଥିଲା । ପଚରାଉଚରା ବେଳେ ପୂର୍ବ ଶତ୍ରୁତା ଯୋଗୁଁ ହତ୍ୟାକାଣ୍ଡ ହୋଇଥିବା ପୋଲିସ ଜାଣିବାକୁ ପାଇଛି । ତେବେ ମୃତକ ନାମରେ ଧନୁପାଲି ଥାନାରେ ପୂର୍ବରୁ ୧୩ଟି ମାମଲା ଥିବା ଜଣାପଡିଛି ।

# ସ୍ୱାମୀଙ୍କୁ ବୀଭତ୍ସ ହତ୍ୟା ଘଟଣା : ଜେଲ୍ ଗଲେ ଶଳା ସହ ୩ ଅଭିଯୁକ୍ତ

ମୁରିବାହାଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ମାଳିଶିରା ପଞ୍ଚାୟତ ଡେଙ୍ଗପଦର ଗ୍ରାମ ପରାଭୋଇ ପଡ଼ାରେ ସୋମବାର ରାତିରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଯାଇଥିଲା। ସ୍ତ୍ରୀର ପରକୀୟା ପ୍ରୀତିକୁ ବିରୋଧ କରିବାରୁ ନିରୀହ ସ୍ୱାମୀଙ୍କୁ ସ୍ତ୍ରୀ ଓ ତାଙ୍କ ଶଳାମାନେ ମିଶି ଛୁରୀ ଭୁଷି ବିଭତ୍ସ ହତ୍ୟା କରି ଘର ସମ୍ମୁଖରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ହତ୍ୟାର ଶିକାର ହୋଇଥିଲେ ଗ୍ରାମର ସନ୍ତୋଷ ପରାଭୋଇ(୪୦)। ଏହି ବହୁ ଚର୍ଚ୍ଚିତ ହତ୍ୟା ଘଟଣାକୁ ପୁଲିସ ଚ୍ୟାଲେଞ୍ଜ ଭାବେ ନେଇ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଥିଲା। ୨୪ଘଣ୍ଟା ମଧ୍ୟରେ ଏହି ହତ୍ୟା ଘଟଣାରେ ସଂପୃକ୍ତ ମୃତ ସନ୍ତୋଷଙ୍କ ଶଳା ତଥା ଟିଟିଲାଗଡ ଥାନା ମହୁଲପଡ଼ା ଗ୍ରାମର ମୁକେଶ ଭୋଇ(୨୩),ତାଙ୍କ ୨ ସାଙ୍ଗ ନାନାଝର ଗ୍ରାମର କରନ୍ ପ୍ରଧାନ(୨୨) ଓ ପଞ୍ଚା ଯାନୀ(୨୧)ଙ୍କୁ ପୁଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସ୍ୱାମୀ ସ୍ତ୍ରୀଙ୍କ ପାରିବାରିକ ଗଣ୍ଡଗୋଳରେ ଅତିଷ୍ଠ ହୋଇ ସ୍ତ୍ରୀ ଭବାନୀ ତାଙ୍କ ଭାଇଙ୍କୁ ଏହାର ସବୁଦିନିଆ ସମାଧାନ କରିବାକୁ ଡାକିଥିଲେ। ଶଳା ମୁକେଶ ନିଜ ବନ୍ଧୁ ସାଙ୍ଗକୁ ଧରି ଗାଁକୁ ଆସିଥିଲା। ରାତିରେ ଗଣ୍ଡଗୋଳ ଚରମ ସୀମାରେ ପହଞ୍ଚିଥିବା ବେଳେ ଅଭିଯୁକ୍ତ କରନ୍ ଧରିଥିବା ଏକ ଛୁରୀରେ ସନ୍ତୋଷକୁ ବାରମ୍ବାର ଭୁଷି ଦେଇଥିଲା। ଫଳରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ସନ୍ତୋଷଙ୍କ ମୃତ୍ୟୁ ଘଟିଥିବା ବେଳେ ସମସ୍ତେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି।

ମୃତ ସନ୍ତୋଷ ମହୁଲପଡ଼ା ଗ୍ରାମର ମହିଳା ଭବାନୀ ପରାଭୋଇ(୩୫)ଙ୍କୁ ପ୍ରେମ ବିବାହ କରିଥିଲେ ।ସେମାନଙ୍କର ୨ପୁଅ ଓ ୨ଝିଅ ଅଛନ୍ତି। ସୋମବାର ସମସ୍ତେ ପରିବାର ସହ ନିଜ ଘରେ ଥିବା ବେଳେ ନିଜ ସ୍ତ୍ରୀର ସମ୍ପର୍କୀୟ ଭାଇମାନେ ଆସିଥିଲେଛ ରାତିରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଗଣ୍ଡଗୋଳ ହୋଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ପରେ ସନ୍ତୋଷ ପରାଭୋଇ ଅତି ଜୋରରେ ଚିତ୍କାର କରିବାରୁ ପାଖପଡ଼ୋଶୀ ଲୋକ ବାହାରକୁ ଆସି ଦେଖିବା ପରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ସମ୍ମୁଖରେ ପଡ଼ିଥିବା ଦେଖିଥିଲେ। ସନ୍ତୋଷର ପେଟ ପାଖରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବାରୁ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲାଛ ହତ୍ୟା ଘଟଣା ପରେ ପରେ ସନ୍ତୋଷର ସ୍ତ୍ରୀ, ୨ପୁଅ,୨ଝିଅଙ୍କ ସହ କୁଣିଆ ଆସିଥିବା ଶଳାମାନେ ଘରକୁ ତାଲା ଦେଇ ରାତାରାତି ନିଜ ଗାଁ ମହୁଲପଡାକୁ ଚାଲି



ଯାଇଥିଲେ। ପଡୋଶୀମାନେ ଘର ସମ୍ମୁଖରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ । ରାତିରେ ଘଟଣା ସ୍ଥଳକୁ ମୁରିବାହାଲ ପୋଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସ୍ତ୍ରୀର ପରକୀୟା ପ୍ରୀତିକୁ ବିରୋଧ କରିବାକୁ ନେଇ ହୋଇଥିବା ପାରିବାରିକ ଗଣ୍ଡଗୋଳରେ ମୃତ ସନ୍ତୋଷଙ୍କୁ ତାଙ୍କ ସ୍ତ୍ରୀ ନିଜ ଭାଇମାନଙ୍କ ସହ ମିଶି ବିଭତ୍ସ ହତ୍ୟା କରିଥିବା ଅନ୍ୟ ପରିବାର ଲୋକେ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଦଣ୍ଡବିଧାନ କରିବାକୁ ପରିବାର ଓ ଗ୍ରାମବାସୀ ଦୃଢ଼ ଦାବୀ କରିଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ପୁଲିସ ସ୍ତ୍ରୀ ଭବାନୀଙ୍କୁ ବାରମ୍ବାର ଜେରା ଓ ପଚରାଉଚରା କରିବା ବେଳେ ସେ ଅସୁସ୍ଥ ହେବାର ଅଭିନୟ କରିବାରୁ ତାଙ୍କୁ ମଧ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ବଲାଙ୍ଗିରରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ଅଧିକ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ବିଭତ୍ସ ହତ୍ୟାକାଣ୍ଡରେ ଅଭିଯୁକ୍ତ ସ୍ତ୍ରୀ,ତାଙ୍କ ଭାଇମାନେ ଓ ତଥାକଥିତ ପ୍ରେମିକଙ୍କ ସଂପୃକ୍ତି ରହିଥିବା ସବୁଠି ଚର୍ଚ୍ଚା ଆଲୋଚନା ହୋଇଥିଲାଛଏ ସମ୍ପର୍କରେ ଥାନା କେଶ ନ ୧୮୯/୨୫ରୁଜୁ ହୋଇ ଏସଆଇ ପ୍ରମୋଦ କୁମାର ପଧାନ ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରଖିଥିଲେ। ହତ୍ୟାରେ ସଂପୃକ୍ତ ୦୩ ଅଭିଯୁକ୍ତଙ୍କୁ ଆଣି ଅଧିକ ତଦନ୍ତ ପରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ହତ୍ୟାକାଣ୍ଡରେ ଅନ୍ୟ ବହୁ ଅଭିଯୁକ୍ତଙ୍କ ସଂପୃକ୍ତି ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି।

# ଯବାନ ସହିଦ, ଗୋଡ଼ଭଗାରେ ଶୋକର ଛାୟା

ବରଗଡ଼,(ସବ୍ୟୁ): ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ବିଏସଏଫ ଯବାନ ଖଗେନ୍ଦ୍ର ମହାପାତ୍ର (୩୬) ମେଘାଳୟରେ ସହୀଦ ହୋଇଥିବା ଖବର ଆସି ପହଞ୍ଚିଛି । ସୂଚନାରୁ ପ୍ରକାଶ ଯେ, ସ୍ୱର୍ଗତ ଖଗେନ୍ଦ୍ର ବିଏସଏଫ ଯବାନ ଭାବେ ମଣିପୁର ଏବଂ ମେଘାଳୟ ଅଞ୍ଚଳରେ କାର୍ଯ୍ୟ କରୁଥିଲେ । ବୁଧବାର ସକାଳେ ପଡ଼ିଆରେ ଘାସ ସଫା କରୁଥିବା ବେଳେ ହଠାତ ସେଠାରେ କୌଣସି କାରଣ ବଶତଃ ବିଦ୍ୟୁତ ଆଘାତର ସମ୍ମୁଖୀନ ହୋଇଥିଲେ । ତେବେ ସେଠାକାର ଏକ ଡାକ୍ତରଖାନାରେ ଡାକ୍ତର ଖଗେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ



। ଏ ନେଇ ଗୋଡ଼ଭଗାରେ ଥିବା ଯବାନଙ୍କ ପରିବାର ବର୍ଗଙ୍କୁ ଫୋନ ଜରିଆରେ ଜଣାଇ ଦିଆଯାଇଛି । ଏହି ଖବର ପାଇବା ପରେ ପରିବାର ଲୋକ ଭାଙ୍ଗି ପଡୁଛନ୍ତି। ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ ସହୀଦ ଯବାନ ଖଗେନ୍ଦ୍ରଙ୍କ ଶବ ବ୍ୟବଛେଦ ସେଠାରେ ଶେଷ ହୋଇଛି । ତାଙ୍କ ପାର୍ଥିବ ଶରୀର ଜନ୍ମସ୍ଥାନ ଗୋଡ଼ଭଗା ଅଣାଯିବାର ବ୍ୟବସ୍ଥା କରାଯାଉଛି ୯ ତାଙ୍କ ପାର୍ଥିବ ଶରୀର ଏଠାକୁ ପହଁଚିଲା ପରେ ଗୁରୁବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶବ ସଂସ୍କାର କରାଯିବ ବୋଲି ଜଣାପଡିଛି । ଗୋଡ଼ଭଗା ଗ୍ରାମର ଫକୀର ମହାପାତ୍ରଙ୍କ ପୁଅ ସ୍ୱର୍ଗତ ଯବାନ ଖଗେନ୍ଦ୍ର ତାଙ୍କ ପଛରେ ବିଧବା ସ୍ତ୍ରୀ ନୀଳମ ଓ ୪ ବର୍ଷର ପୁତ୍ର ରୋନାଲଙ୍କୁ ଛାଡ଼ି ଯାଇଛନ୍ତି । ଅଞ୍ଚଳରେ ଗଭୀର ଶୋକ ପ୍ରକଟ ହୋଇ ଉଠିଛି ।

# ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ମୃତ

ଦେବଗଡ, (ସବ୍ୟୁ) : ଗୋରୁ କାଟୁ ଥିବା ବେଳେ ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣରେ ଜଣେ ମୃତ, ଜଣେ ଗୁରୁତର ହୋଇଛନ୍ତି । ଘଟଣା ଘଟିଛି ଦେବଗଡ ଜିଲ୍ଲା, ରିଆମାଳ ଥାନା ଅନ୍ତର୍ଗତ କେନ୍ଦେଇଜୁରୀ ଗ୍ରାମରେ । କେନ୍ଦେଇଜୁରୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ତିନିଜଣ ବ୍ୟକ୍ତି ମିଶି ଏକ ଗୋରୁ କୁ କାଟି ମାଂସ ବନାଉଥିବା ବେଳେ ନିକଟରେ ଜମିରେ କାମ କରୁଥିବା ପୁରୁଷ ଓ ମହିଳା ଘଟଣାସ୍ଥଳରେ ପହଞ୍ଚି ଥିଲେ । ଗୋରୁ କାଟୁଥିବା ଦେଖି ଗ୍ରାମବାସୀ ଦୁଇ ଜଣଙ୍କୁ ଧରିଥିବା ବେଳେ ଅନ୍ୟ ଜଣେ ଖସି ପଳାଇଯାଇଥିଲା । ଗୋରୁ କଟା ମୁଣ୍ଡ, ଗୋଡ ଓ ମାଂସ ସହ ଗ୍ରାମବାସୀ ନିକଟସ୍ଥ ତେରେଣ୍ଡାକଟା ଗ୍ରାମର କିଶୋର ଚମାର ଓ କେନ୍ଦେଇଜୁରୀ ଗ୍ରାମ ର ଗୌତମ ନାଏକ କୁ ଗ୍ରାମ ମଧ୍ୟସ୍ଥ ସ୍ଥାନକୁ ଆଣିଥିଲେ । ସେମାନଙ୍କୁ ଆଣିବା ସମୟରେ ଗ୍ରାମବାସୀ ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଗ୍ରାମ ମଝିରେ ହାଇସ୍କୁଲ ନିକଟରେ ପହଞ୍ଚିବା ପରେ କିଶୋର ଚମାରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଗୌତମ ଗୁରୁତର ଆହତ ହୋଇଥିଲେ । ଖବର ପାଇ ରିଆମାଳ ଥାନା ଓ କଂସର ଫାଣ୍ଡି ରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି କିଛି ଲୋକଙ୍କୁ ନେଇ ପଚରାଉଚରା କରୁଛନ୍ତି । ଘଟଣାସ୍ଥଳରେ ମୃତଦେହ ଓ ଗୋରୁ କଟା ମୁଣ୍ଡ ସହ ମାଂସ ପଡିଥିବା ବେଳେ ଫରେନସିକ ଟିମ କୁ ଡକାଯାଇଛି । ଆସନ୍ତା କାଲି ଫରେନସିକ ଟିମ ଘଟଣାସ୍ଥଳ ରେ ପହଞ୍ଚିବା ପରେ ଘଟଣାସ୍ଥଳ ରୁ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ସୂଚନା ମିଳିଛି । ପୂର୍ବରୁ କିଛିଦିନ ତଳେ ସଂପୃକ୍ତ ଅଞ୍ଚଳ ରେ ଗ୍ରାମବାସୀମାନେ ସଂଘବଦ୍ଧ ହୋଇ ଦୁଇଟି ପରିବାର ର ଘର କୁ ଭଙ୍ଗାରୁଜା କରିବା ସହ ଗୋଟିଏ ଘରେ ନିଆଁ ଲଗାଇ ଦେଇଥିଲେ । ଫଳରେ ଘର ସହ ଆସବାବପତ୍ର ସମ୍ପୂର୍ଣ୍ଣ ରୁପେ ପୋଡି ପାଉଁଶ ହୋଇଯାଇଥିବା ଅଭିଯୋଗ ହୋଇଥିଲା ।

# ସୁରେଶ ଦାଶ ହେଲେ ଗୋଡ଼ଭଗା ନାଗରିକ କମିଟିର ସଭାପତି



ବରଗଡ଼,(ସବ୍ୟୁ): ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ଠାରେ ଥିବା ନାଗରିକ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ନୂତନ ସଭାପତି ଭାବେ ସୁରେଶ ଦାଶଙ୍କୁ ଚୟନ କରାଯାଇଛି । ଗୋଡ଼ଭଗା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଗୋଡ଼ଭଗା ନାଗରିକ କମିଟିର ସାଧାରଣ ବୈଠକ ଉପ–ସଭାପତି ବିଭୁ ରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସଭାପତି ସ୍ୱର୍ଗତ ହାରାଧନ ବାରିକଙ୍କ ବିୟୋଗରେ ବହୁଦିନ ଧରି ସଭାପତି ପଦବୀ ଖାଲି ପଡିଥିବାରୁ ମଙ୍ଗଳବାର ସର୍ବସମ୍ମତିକ୍ରମେ ବରିଷ୍ଠ ସାମ୍ବାଦିକ ସୁରେଶ ଦାଶଙ୍କୁ ସଭାପତି ରୂପେ ମନୋନୟନ କରାଯାଇଥିଲା । ଅନ୍ୟ ପଟେ ଚଳିତବର୍ଷ ନୂଆଖାଇ ଭେଟ୍ ସମ୍ପର୍କରେ ଆଲୋଚନା ହୋଇ ନିରାଡ଼ମ୍ବର ଭାବେ ଆସନ୍ତା ୧୭ ତାରିଖରେ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା । ସଂଗଠନର ଆଗାମୀ ଅନ୍ୟାନ୍ୟ କାର୍ଯ୍ୟ ପନ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଶେଷରେ ସହ ସମ୍ପାଦକ କୁନୁବାବୁ ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରୀଙ୍କୁ ଅସଦାଚରଣ ଘଟଣା
# କୋର୍ଟ ଚାଲାଣ ହେଲେ ପ୍ରଧାନଶିକ୍ଷକ

ଜୁନାଗଡ଼,(ସବ୍ୟୁ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଳଦିଆମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଳେନ୍ଦ୍ର ମେହେରଙ୍କୁ ଛାତ୍ରୀ ଅସଦାଚରଣ ଅଭିଯୋଗରେ ଜୁନାଗଡ ପୋଲିସ କୋର୍ଟ ଚାଲାଣ କରିଛି । ସ୍ଥାନୀୟ ପ୍ରଧାନଶିକ୍ଷକ ଦୁଳେନ୍ଦ୍ର ମେହେର ସ୍କୁଲର କିଛି ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଓ ବିଭିନ୍ନ ସମୟରେ ତାଙ୍କୁ ସ୍ପର୍ଶ କରୁଥିବା ନେଇଁ ଜୁନାଗଡ଼ ବିଇଓଙ୍କ ଠାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପାଇଁ ମଙ୍ଗଳବାର ଦିନ ଜୁନାଗଡ଼ ଶିକ୍ଷା ବିଭାଗର ବିଆରସିସି ସୁଶାନ୍ତ ଠାକୁର,ଏ ବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ। ତେବେ ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଉପସ୍ଥିତ ଗ୍ରାମବାସୀ ମାନଙ୍କ ଦ୍ୱାରା ଉତ୍ତେଜନା ସୃଷ୍ଟି ହୋଇଥିଲା । ପରିସ୍ଥିତି ଅଣାୟତ ହେବାରୁ ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ଘଟଣା ସ୍ଥଳକୁ ପହଞ୍ଚିଥିଲା। ସ୍କୁଲ ଭିତରୁ ପ୍ରଧାନ ଶିକ୍ଷକ ମେହେରଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣି ଅଟକ ରଖିଥିଲା । ଅଭିଯୋଗକୁ ଭିତ୍ତିକରି ଥାନା ରେ କେଶ ନଂ ୫୭୭ /୨୫ ଅନୁସାରେ ମାମଲା ରୁଜୁ ହୋଇଥିଲା ଏବଂ ବୁଧବାର ଜୁନାଗଡ଼ ପୋଲିସ ବଳଦିଆମାଳ ସ୍କୁଲକୁ ଯାଇ ସ୍କୁଲ ଛାତ୍ରୀ ଛାତ୍ର ତଥା ଶିକ୍ଷୟତ୍ରୀ ଶିକ୍ଷକ ମାନଙ୍କୁ ପଚାରା ଉଚୁରା କରିଥିଲା । ତେବେ ବୁଧବାର ଅପରାହ୍ନରେ ପୋକ୍ସୋ ଆକ୍ଟ ଅନୁସାରେ ପ୍ରଧାନ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ନିଶା ନିବାରଣ ଓ ସ୍ୱଚ୍ଛତାକୁ ନେଇ ସଚେତନତା

ବଲାଙ୍ଗିର (ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୋଲିସ ପ୍ରଶାସନ ଓ ପୌରପରିଷଦ ପକ୍ଷରୁ ନିଶା ନିବାରଣକୁ ନେଇ ମଙ୍ଗଳାବାର ସ୍ଥାନୀୟ ବ୍ରାହ୍ମଣପଡା ଛକରେ ପଥପ୍ରାନ୍ତ ନାଟକର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମରେ ବିଧାୟକ କଳିକେଶ ନାରାୟଣ ସିଂଦେଓ , ପୌରଧକ୍ଷା ଲୀକା ସାହୁ ଓ ଟାଉନ ଥାନା ଆଇଆଇସି ଅବନୀ ସାହୁ ଙ୍କ ସମେତ ବରିଷ୍ଠ କାଉନସିଲର ଶମ୍ଭୁ ନାଗ ଓ ନନ୍ଦିନୀ ପୋଢ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ନିଶାରୁ ଲୋକେ ଦୂରେଇ ରହିବା ପାଇଁ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଛି। ବଲାଙ୍ଗିର ସହରର ପ୍ରତି ୱାର୍ଡର ଥିବା ବିଭିନ୍ନ ପଡା ଓ ଛକ ମାନଙ୍କରେ ନିଶା ମୁକ୍ତ ଅଭିଯାନକୁ ନେଇ ପଥପ୍ରାନ୍ତ ନାଟକ ଜରିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ସଚେତନତା କରାଯିବ ବୋଲି ସୂଚନା ଦିଆଯାଇଛି । ବଲାଙ୍ଗିର ସହରରେ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ଯୋଗୁ ଅପରାଧିକ କାର୍ଯ୍ୟକଳାପ ମଧ ସହରରେ ବଢୁଛି। ଫଳରେ ସାଧାରଣ ଜନତା ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିଶା ନିବାରଣରୁ ଦୁରେଇ ରହିବା ତଥା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାପାଇଁ ସହରରେ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଇ ଥିବାରୁ ବୁଦ୍ଧଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ଗିରିଗୋବର୍ଦ୍ଧନ ମନ୍ଦିର ନିର୍ମାଣ ନେଇ ଭିତ୍ତିପ୍ରସ୍ତର ସ୍ଥାପନ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ଅମୃତ ସରୋବର ପରିସରରେ ଗିରି ଗୋବର୍ଦ୍ଧନ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ହୁଲେଶ୍ୱର ହଂସଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ମନ୍ଦିର ଶୀଘ୍ର ନିର୍ମାଣ କରିବା ପାଇଁ ପରାମର୍ଶ ଦେବା ସହ ଆହୁରି ଉନ୍ନତି କରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ଯୌବନ ବାଗ,ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଢ଼, କପିଲାଭଟା ସରପଞ୍ଚ ତୁଳସେ ଭୋଇ,ଝରିଆଲ ସରପଞ୍ଚ ଭରଦ୍ୱାଜ ଗହିର,ସମିତି ସଭ୍ୟ କେଦାର ଭୋଇ,ସ୍ୱେଚ୍ଛାସେବୀ ପପୁ ଜୁଏଡ଼, ସମାଜସେବୀ ଦୁର୍ଦ୍ଦକ୍ଷ ହଂସ,ବିଜେପି ବରିଷ୍ଠ ନେତା ନରସିଂହ ଥନାପତି, କିଶୋର ମେହେର, ମାଁ ସାହାଜୀ ଯୁବକ ସଂଘର ସଂଯୋଜକ ପୃଥ୍ୱୀରାଜ ବାଗ,ମୁକେଶ ବାଗ,ଯୁବନେତା କୁଶଧ୍ୱଜ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୧୦ ଲକ୍ଷ ଟଙ୍କାରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି ।

# କୋର୍ଟରେ ହାଜର ହେଲେ ପୂର୍ବତନ ନିର୍ବାହୀ ଅଧିକାରୀ

ସମ୍ବଲପୁର,(ସବ୍ୟୁ): ବହୁଚର୍ଚ୍ଚିତ ବେଲପାହାଡ ଦୁର୍ନୀତି ଘଟଣାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା( ଇଓଡବ୍ଲ୍ୟୁ) ପୂର୍ବତନ ନିର୍ବାହୀ ଅଧିକାରୀ ତଥା ମୟୂରଭଞ୍ଜ ଜିଲ୍ଲା ଜାମଡାର ନିଲମ୍ବିତ ତହସିଲଦାର ମଧୁସ୍ମିତା ସିଂଙ୍କୁ ଗିରଫ କରିଛି । ଗିରଫ ପରେ ଅଭିଯୁକ୍ତ ଇଓଙ୍କୁ ସମ୍ବଲପୁର ଓପିଆଇଡି କୋର୍ଟରେ ହାଜର କରାଯାଇଛି । ସୂଚନାଯୋଗ୍ୟ, ଗିରଫ ମଧୁସ୍ମିତା ସିଂ ୪ଅକ୍ଟୋବର, ୨୦୨୩ରୁ ୩୧ମେ, ୨୦୨୫ ପର୍ଯ୍ୟନ୍ତ ବେଲପାହାଡ ମ୍ୟୁନସିପାଲଟିର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ଗତ ୨୦୨୪–୨୫ ଆର୍ଥିକ ବର୍ଷରେ ମ୍ୟୁନସିପାଲଟି ଆକାଉଣ୍ଟରେ ଥିବା ଉନ୍ନତି ଯୋଜନାର ୨କୋଟିରୁ ଅଧିକ ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା । ସେ ଉନ୍ନତି ଯୋଜନାର ପାଣ୍ଠିକୁ କୌଣସି ମଞ୍ଜୁର ବିନା ଅନ୍ୟ ପ୍ରକଳ୍ପରେ ଲଗାଇଥିଲେ । ସେହିପରି ଲାଇଟ୍ କିଣା ବାବଦକୁ ୨୨ଲକ୍ଷ୬୨ହଜାର ଟଙ୍କା ଆତ୍ମସାତ୍ କରିଥିବା ତଦନ୍ତ ବେଳେ ଜଣାପଡିଥିଲା । ପଞ୍ଚଦଶ ଅର୍ଥ



କମିସନ ପାଣ୍ଠିରୁ ମଳ ଉପଚାର କେନ୍ଦ୍ର ପାଇଁ ରସାୟନ କିଣାରେ ୮୩.୮୭ଲକ୍ଷ ଟଙ୍କା ଅନ୍ନଦା ସପ୍ଲାଏର୍ସକୁ ଦିଆଯାଇଛି । ମାତ୍ର ଏହାର କିଣାବିକା ନିର୍ଦ୍ଦେଶ, ଷ୍ଟକ ଏଣ୍ଟ୍ରି ରେଜିଷ୍ଟର ଓ ଖର୍ଚ୍ଚ ବିବରଣୀ ନାହିଁ । ଏଥିସହ ୧୮.୨୮ଲକ୍ଷ ଟଙ୍କା ଲାଡଲି ଏଣ୍ଟରପ୍ରାଇଜେସ୍‌କୁ ଦିଆଯାଇଥିବା ବେଳେ ଏହାର କୌଣସି ଦସ୍ତାବିଜ ନାହିଁ । ଏନେଇ ଗତ ୧୪ ଅଗଷ୍ଟରେ ମ୍ୟୁନସିପାଲଟିର ବର୍ତ୍ତମାନ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବଚନ୍ଦ୍ର ପ୍ରଧାନ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ । ପ୍ରଶାସନର ଏକ ଟିମ୍ ମ୍ୟୁନସିପାଲଟିରେ ପହଞ୍ଚି ସମସ୍ତ କାଗଜପତ୍ର ଓ ଫାଇଲ ଯାଞ୍ଚ କରିଥିଲେ । ଯାଞ୍ଚବେଳେ ଷ୍ଟୋରରେ ମାତ୍ର ୧୪.୯୭କିଗ୍ରା ଓଜନର ରସାୟନ ମିଳିଥିଲା । ଟଙ୍କା ହେରଫେର ହୋଇଥିବା ପ୍ରଶାସନକୁ ପ୍ରମାଣ ମିଳିବା ପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏକ ସ୍ୱତନ୍ତ୍ର ଅଡିଟ୍ ଟିମ୍ ଗତ ୧୮ଅଗଷ୍ଟରୁ ବେଲପାହାଡ ମ୍ୟୁନସିପାଲଟିରେ ୨୦୨୪–୨୫ବର୍ଷର ଆୟବ୍ୟୟର ଯାଞ୍ଚ କରିଥିଲେ । ତେବେ ଇଓଡବ୍ଲ୍ୟୁ ମଧୁସ୍ମିତାଙ୍କୁ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ମାଙ୍କଡାକେଣ୍ଡିଆ ସ୍ଥିତ ଘରୁ ଗିରଫ କରିଥିଲା ।

# ଜମୁଛି ଦେବଗଡର ସାର୍ବଜନୀନ ଗଣେଶ ପୂଜା

ଦେବଗଡ, (ସବ୍ୟୁ) : ଦେବଗଡ ର ପ୍ରସିଦ୍ଧ ସାର୍ବଜନୀନ ଗଣେଶ ପୂଜା ଚଳିତ ବର୍ଷ ସତୋତ୍ତରୀ ବର୍ଷ ରେ ପଦାର୍ପଣ କରିଛି । ସହର ମଧ୍ୟସ୍ଥ ଡେଲି ମାର୍କେଟ ନିକଟସ୍ଥ ଗଣେଶ ମଣ୍ଡପ ରେ ଅଗ୍ରପୂଜ୍ୟ ଙ୍କ ସୁଶୋଭିତ ମୂର୍ତ୍ତୀ ସ୍ଥାପନ କରି ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା ଚାଲିଛି । ପୂଜା ଦେଖିବାକୁ ସହରରେ ନାହିଁନଥିବା ଭିଡ ଦେଖିବାକୁ ମିଳୁଛି । ହଜାର ହଜାର ସଂଖ୍ୟାରେ ଭକ୍ତ ଶ୍ରଦ୍ଧାଳୁ ପ୍ରତ୍ୟହ ଆସି ଗଜାନନ ଙ୍କ ଦର୍ଶନ କରିବା ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଉଛନ୍ତି । ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ର ପ୍ରସିଦ୍ଧ ସାର୍ବଜନୀନ ଗଣେଶ ପୂଜା ଚଳିତ ବର୍ଷ ଧୂମଧାମ ରେ ଅନୁଷ୍ଠିତ ହେଉଛି । ଦେବଗଡ ସହର ଡେଲି ମାର୍କେଟ ଛକ ଠାରେ ଗଣେଶ ପେଣ୍ଡାଲରେ ଅଗ୍ରପୂଜ୍ୟ ଗଜାନନ ଙ୍କ ସୁଉଚ୍ଚ ମୂର୍ତ୍ତି ବେଶ ଆକର୍ଷଣୀୟ ହୋଇଛି । ସହରର ବିଭିନ୍ନ ସ୍ଥାନରେ ସୁଉଚ୍ଚ କପଡା ତୋରଣ ଓ ଲାଇଟ ତୋରଣ ଦର୍ଶକ ଙ୍କ ଆକର୍ଷଣ ର କେନ୍ଦ୍ରବିନ୍ଦୁ ସାଜିଛି । ଭକ୍ତ ଶ୍ରଦ୍ଧାଳୁ ଗଜାନନଙ୍କ ଦର୍ଶନ ପରେ ମେଢ ଚାରିକଡରେ ନିର୍ମିତ କଳାକୁଞ୍ଜ ଦେଖି ବେଶ ଆନନ୍ଦିତ ହେଉଛନ୍ତି । ମୋଟାମୋଟି ଭାବେ ଅଞ୍ଚଳ ବାସୀ ତଥା ଆଖପାଖ ଜିଲ୍ଲାର ଅଧିବାସୀ ବର୍ଷ କୁ ଥରେ ଦେବଗଡ ର ଏହି ସାର୍ବଜନୀନ ଗଣେଶ ପୂଜା କୁ ଆସି ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥାନ୍ତି, ଆଉ ଏଇ ଦିନକୁ ଅପେକ୍ଷା କରି ରହିଥାନ୍ତି । ଚଳିତବର୍ଷ ଦେବଗଡ ର ସାର୍ବଜନୀନ ଗଣେଶ ପୂଜା ସତୋତ୍ତରୀ ବର୍ଷ ରେ ପଦାର୍ପଣ କରିଛି । ୧୯୪୯ ମସିହାରେ କିଛି ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପୂଜା ଆଜି ଅଞ୍ଚଳରେ ଗଣପର୍ବ ର ସ୍ଥାନ ପାଇଛି । ଗୋପବନ୍ଧୁ ଛକ ଠାରେ



ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସେହିଭଳି ପୂଜା ପେଣ୍ଡାଲ କଡରେ ଆଧୁନିକ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ ହେଉଛି । ଜନସାଧାରଣ ଙ୍କ ମନୋରଞ୍ଜନ ପାଇଁ ରାଜା ବାସୁଦେବ ହାଇସ୍କୁଲ ପଡିଆରେ ଭଳିକିଭଳି ଦୋଳି, ମୀନାବଜାର, କ୍ରାଫ୍ଟ ବଜାର, ଟାଉନହଲ ପଡିଆରେ ବିଭିନ୍ନ ଦୋକାନ ବଜାର ବସିଛି । ସେହିଭଳି ଏଠାକୁ ଆସି ଦର୍ଶକ ବିଭିନ୍ନ ପ୍ରକାର ଖାଦ୍ୟ ର ମଜା ନେଉଛନ୍ତି । ପୂଜା କମିଟି ସଭାପତି ରାଜକିଶୋର ଦାଶ ଓ ତାଙ୍କ ଧର୍ମପତ୍ନୀ ପ୍ରତ୍ୟେକ ଦିନ ପୂଜାରେ କର୍ତ୍ତା ଭାବେ ବସୁଛନ୍ତି । ପୂଜା ପ୍ରଥମ ଦିନ ରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂଜା ପେଣ୍ଡାଲ କୁ ଆସି ଗଜାନନ ଙ୍କ ଆର୍ଶୀବାଦ ଲାଭ କରିଥିଲେ । ସେହି ଭଳି କଂଗ୍ରେସ ଓ ବିଜେଡିର ବହୁ ତୁଙ୍ଗ ନେତା ବିଭିନ୍ନ ଦିନରେ ମୁଖ୍ୟ ଅତିଥିଭାବେ ଯୋଗଦେବା ସହ ଅଗ୍ରପୂଜ୍ୟ ଙ୍କ ଆର୍ଶୀବାଦ ଲାଭ କରିଛନ୍ତି । ଗୋପବନ୍ଧୁ ଛକ ଠାରେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ରାଜ୍ୟର ବିଶିଷ୍ଟ କଣ୍ଠ ଶିଳ୍ପୀ ମାନଙ୍କ ମଧ୍ୟରୁ ତାରିକ ଅଜିତ, ହ୍ୟୁମାନ ସାଗର, ସତ୍ୟଜିତ ପ୍ରଧାନ, ଉମାକାନ୍ତ ବାରିକ ଆସି ନିଜ ନିଜର କଳା ପ୍ରଦର୍ଶନ କରୁଛନ୍ତି । ଦେବଗଡ ର ସାର୍ବଜନୀନ ଗଣେଶ ପୂଜା ଦଶଦିନ ଧରି ଚାଲିବାକୁ ଥିବାବେଳେ ଆସନ୍ତା ସେପ୍ଟେମ୍ବର ମାସ ପାଞ୍ଚ ତାରିଖ ରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବା।

# ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ଚାରାରୋପଣ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଦାନିପାଲି କଲ୍ୟାଣ ମଣ୍ଡପ ଠାରେ ଓଡିଶା ସାଂସ୍କୃତିକ ସମାଜ ପରିବେଶ ସମିତି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ପରେଶ ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡାଙ୍କ ନେତୃତ୍ୱରେ ନିମ୍ବ, କରଞ୍ଜ, କୃଷ୍ଣଚୂଡା, ପିମ୍ପଳ ଓ ଅନ୍ୟାନ୍ୟ ମୂଲ୍ୟବାନ ଚାରା ଲଗାଯାଇଥିଲା । ଏଥିରେ ରତ୍ନଭୂଷଣ ପୁରୁଷୋତ୍ତମ, ଶ୍ୟାମସୁନ୍ଦର ଅଗ୍ରୱାଲ, ନିରଞ୍ଜନ ଦାଶ, ପ୍ରଶାନ୍ତ ପାଟ୍ଟଯୋଶୀ, ତାପସ ଦାସ, ଶାନ୍ତନୁ ପାଢୀଙ୍କ ସମେତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଶ୍ୱରଞ୍ଜନ ଜେନା, ଆଶୁତୋଷ ପଣ୍ଡା, ଭାସ୍କର ମାର୍ଥା, ରୋହିତ ସିଂହ ଓ ବ୍ୟୋମକେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

**AFFIDAVIT**

I PUSHPITA PADHI, W/O-LATE PRASANTA KUMAR PADHI, RESIDENT OF NEAR RAMJI MANDIR, LAL BANGLA LANE, BALIBABDHA, PS- TOWN, SAMBALPUR, ODISHA, PIN-768001 DECLARE BY THIS AFFIDAVIT NO : 2843, DATED : 03.09.2025 THAT NOW ONWARDS I SHALL BE KNOWN AS PUSPITA PADHI, W/O- LATE PRASANTA KUMAR PADHI FOR ALL PURPOSES.

**PUSPITA PADHI**
**SAMBALPUR**

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୩୧)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

**ଯୟା ଧର୍ମମଧର୍ମଞ୍ଚ କାର୍ଯ୍ୟଞ୍ଚାକାର୍ଯ୍ୟମେବ ଚ ।**
**ଅଯଥାବତ୍ ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ! ରାଜସୀ ।। ୩୧ ।।**

(ରାଜସୀଂ ବୁଦ୍ଧିମାହ)– ହେ ପାର୍ଥ ! ଯୟା (ବୁଦ୍ଧ୍ୟା) ଧର୍ମ୍ମଂ ଅଧର୍ମ୍ମଂ ଚ କାର୍ଯ୍ୟଂ ଅକାର୍ଯ୍ୟଂ ଚ ଅଯଥାବତ୍ (ସନ୍ଦେହାସ୍ପଦତ୍ୱେନ) ପ୍ରଜାନାତି ସା ବୁଦ୍ଧିଃ ରାଜସୀ ।। ୩୧ ।।

# ଜଳବାୟୁ ପରିବର୍ତ୍ତନ ଓ ଓଡ଼ିଶା

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱର ସମସ୍ୟା । କେବଳ ପରିବେଶ ନୁହେଁ, ଜଳ ଯୋଗାଣ, ସ୍ୱାସ୍ଥ୍ୟରକ୍ଷା ଓ ଶକ୍ତି ସଂରକ୍ଷଣ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ସମସ୍ୟାମାନ ମଧ୍ୟ ସୃଷ୍ଟି ହୋଇଥାଏ । ବିଗତ ୨୦୦୮ ମସିହା ଜୁନ୍ ମାସରେ କେନ୍ଦ୍ର ସରକାର ଜଳବାୟୁ ପରିବର୍ତ୍ତନ ଉପରେ କ୍ରିୟାନୁଷ୍ଠାନ ଯୋଜନା (National Action Plan on Climate Change ବା NAPCC) ଘୋଷଣା କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ପାରିପାର୍ଶ୍ୱିକ ପରିବେଶର ନିରନ୍ତର ଅଭିବୃଦ୍ଧି ପ୍ରତି ବିକାଶ ମାର୍ଗରେ ଲକ୍ଷ୍ୟ ରଖିବା । ଏହାର ଭବିଷ୍ୟ ଦୃଷ୍ଟିକୁ ଲକ୍ଷ୍ୟ ରଖି କୁହାଯାଇଥିଲା ଯେ ଏକ ଉନ୍ନତ (ବିନଷ୍ଟ ନ ହେବା ପରି) ଦୃଢ଼ ଆର୍ଥନୀତିକ ବ୍ୟବସ୍ଥାକୁ ଆଗେଇ ନେବା । ଏଥିପାଇଁ ନିୟମ ରଖା ଯାଇଥିଲା ବିକାଶ ପଥରେ ଅଧିକ ଅଗ୍ରଗତି କରି ଭାବାବେଗକୁ ପ୍ରତିହତ କରିବା । ଏଥିପାଇଁ ଆଠ ଗୋଟି ଜାତୀୟ ଲକ୍ଷ୍ୟ ସ୍ଥିର କରାଯାଇଥିଲା । ସେହି ଲକ୍ଷ୍ୟଗୁଡ଼ିକ ହେଲା ସୂର୍ଯ୍ୟ କିରଣ, ଶକ୍ତି, ଦକ୍ଷତା, ଜଳ, ସ୍ଥଳ, ହିମାଳୟର ପରିବେଶ ପଦ୍ଧତି, ଜଙ୍ଗଲ ଓ କୃଷି । ୨୦୦୯ ଅଗଷ୍ଟ ମାସରେ ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂ, ଭାରତର ପ୍ରତ୍ୟେକ ରାଜ୍ୟ ଜଳବାୟୁ ପରିବର୍ତ୍ତନ ଉପରେ ଜାତୀୟ ନୀତିକୁ ଦୃଷ୍ଟିରେ ରଖି ରାଜ୍ୟସ୍ତରରେ କ୍ରିୟାନ୍ୱୟନ ଯୋଜନା ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ତଦନୁଯାୟୀ ଆମ ରାଜ୍ୟ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ 'ଓଡ଼ିଶା ଜଳବାୟୁ ପରିବର୍ତ୍ତନ କ୍ରିୟାନ୍ୱୟନ କମିଟି' ଗଠନ କରିଥିଲା । ଏହା କେତେଦୂର ଫଳପ୍ରଦ ହୋଇଥିଲା, ତାହା ଜଣାଯାଇ ନଥିଲେ ହେଁ ପରବର୍ତ୍ତୀ କାଳରେ ରାଜ୍ୟ ଜଳବାୟୁ ପରିବର୍ତ୍ତନର କ୍ରିୟାନ୍ୱୟନ ଯୋଜନା ଓ ମାନବିକ ସ୍ୱାସ୍ଥ୍ୟ ୨୦୨୨–୨୭ ଆରମ୍ଭ କରିଥିଲେ । ଏଥିରେ ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ୧୩ ଗୋଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏହାର ପ୍ରଭାବ ବିପଦ ସୃଷ୍ଟି କରୁଥିବା ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଥିଲା ।

ବୃଷ୍ଟିପାତ, ବନ୍ୟା,ବାତ୍ୟା ଓ ମରୁଡ଼ି ପ୍ରଭୃତି ତ ଓଡ଼ିଶାକୁ କେତେ ବର୍ଷ ଧରି ଜାବୁଡ଼ି ଧରିଛି । ମଝିରେ ମଝିରେ ଉତ୍ତପ୍ତ ପବନ ମଧ୍ୟ ଓଡ଼ିଶାବାସୀଙ୍କୁ ବିଚଳିତ କରିଥାଏ । ସତର୍କ ରହିବାକୁ ଏବଂ ଏ ସବୁଥିରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ମାନ ରାଜ୍ୟ ସରକାର ବତାଇ ଥାଆନ୍ତି । ଏହା ସତ୍ତ୍ୱେ ଓଡ଼ିଶାର ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି ।

କରୋନା ମହାମାରୀ ପରେ ମଧ୍ୟ ତାହାରି ପ୍ରଭାବରୁ ଓଡ଼ିଶାର ଲୋକେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଛନ୍ତି । ବିଭିନ୍ନ ସଂକ୍ରାମକ ରୋଗରେ ଲୋକେ ପୀଡ଼ିତ । ଏବେତ କେବଳ ରାଜଧାନୀ ଭୁବନେଶ୍ୱରରେ ନୁହେଁ, ରାଜ୍ୟର ବିଭିନ୍ନ ସ୍ଥାନରେ ଘରେ ଘରେ ଜ୍ୱର, ଥଣ୍ଡା ଓ କାଶ ପ୍ରଭୃତି ରୋଗରେ ଜନସାଧାରଣ ପୀଡ଼ିତ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ରାଜଧାନୀ ଭୁବନେଶ୍ୱରରେ ଅଧିକ । ଯେତେବେଳେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୪୮ ଏପ୍ରିଲ ୧୩ ତାରିଖରେ ଭୁବନେଶ୍ୱରର ଶିଳାନ୍ୟାସ କରିଥିଲେ, ସେତେବେଳେ ହରେକୃଷ୍ଣ ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ଭୁବନେଶ୍ୱରକୁ ଚଣ୍ଡୀଗଡ଼ ପରି ଏକ ଯୋଜନାବଦ୍ଧ ରାଜଧାନୀ ନଗରୀରେ ପରିଣତ କରାଯିବାର କଳ୍ପନା ସେତେବେଳେ କରାଯାଇଥିଲା । ନେହେରୁ ତାଙ୍କ ଭାଷଣରେ କହିଥିଲେ ଯେ ଅତ୍ୟୁଚ୍ଚ କୋଠାବାଡ଼ି ବା ଅଟ୍ଟାଳିକା ନିର୍ମାଣ ନ କରି ଭୁବନେଶ୍ୱରରେ ସ୍ୱାଭାବିକ ଭାବେ ଦୁଇ ମହଲା କୋଠା ଘର ଭିତରେ ସୀମିତ ରଖାଯାଉ । ମାତ୍ର ତାହା ସମ୍ଭବ ହୋଇ ନଥିଲା । ଭୁବନେଶ୍ୱରରେ ଜଳାଶୟ ପୋତାଯାଇ ଓ ଜଙ୍ଗଲ କାଟି କୋଠାବାଡ଼ି ଓ ଆପାର୍ଟମେଣ୍ଟ ସବୁ ବହୁ ସଂଖ୍ୟାରେ ନିର୍ମିତ ହେଉଛି । ଗୋଟିଏ ସମ୍ବାଦପତ୍ରର ରିପୋର୍ଟ ଅନୁଯାୟୀ ଗତ ୨୦୧୮ ତୁଳନାରେ ୨୦୨୪ରେ ଭୁବନେଶ୍ୱରରେ କୋଠା ନିର୍ମାଣ ୨୩ ପ୍ରତିଶତ ବୃଦ୍ଧି ପାଇଛି । ଏବେ ଭୁବନେଶ୍ୱରର ତାପମାତ୍ରା ଯେତିକି ରହୁଛି ଏହି ବର୍ଷ ଶେଷ ବେଳକୁ ଭୁବନେଶ୍ୱରର ତାପମାତ୍ରା ୨ରୁ ୨.୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଅଧିକାଂଶଙ୍କ ଘରେ ତାପ ନିୟନ୍ତ୍ରଣ ମେସିନ । ଗାଡ଼ି ମୋଟରରେ, ରେଳଗାଡ଼ିରେ, ବ୍ୟୋମଯାନରେ ମଧ୍ୟ ତାପ ନିୟନ୍ତ୍ରଣ ମେସିନ । ତେଣୁ ତାପମାତ୍ରା ଯିବ କୁଆଡ଼େ ?

ଆମ ପିଲାଦିନେ ପୁରୀରୁ ସମୁଦ୍ର ପବନ ଚନ୍ଦକା ଜଙ୍ଗଲ ଦେଇ ଭୁବନେଶ୍ୱର ଆସୁଥିଲା । ତେଣୁ ଗ୍ରୀଷ୍ମ ଦିନରେ ମଧ୍ୟ ଦିନ ୧୧ଟାରୁ ହିଁ ତାପମାତ୍ରା ଭୁବନେଶ୍ୱରରେ ବାଧେ ନାହିଁ । ଅଳ୍ପ ସଂଖ୍ୟାର ଲୋକେ ଭୁବନେଶ୍ୱରରେ ରହୁଥିଲେ ସେତେବେଳେ । ମାତ୍ର ଏବେ ତ ଭୁବନେଶ୍ୱରରେ ଠିକ୍ ଓଲଟା । କେବଳ ଦିନରେ ନୁହେଁ, ରାତିରେ ମଧ୍ୟ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଥାଏ । ଏ ସବୁ ଜଳବାୟୁ ପରିବର୍ତ୍ତନର ଅନ୍ୟତମ କାରଣ ହୋଇପାରେ । ମାତ୍ର ଏବେଠାରୁ ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ସତର୍କତାର ସହ ଆମକୁ ଆଗେଇବାକୁ ପଡ଼ିବ । ନ ହେଲେ ଆମର ଗତ୍ୟନ୍ତର ନାହିଁ ।

## ସ୍ୱଚ୍ଛ ହୃଦୟ

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତୀୟ ସଂସ୍କୃତିରେ ଗୁରୁ ପୂଜନ



**ଡକ୍ଟର ଲକ୍ଷ୍ମଣ ସାହୁ**

**ଥରେ ଗୁରୁଦିବସରେ ଡଃ ଏପି.ଜେ ଅବଦୁଲ୍ କାଲାମଙ୍କୁ କେହି ଜଣେ ପ୍ରଶ୍ନ କଲେ, ଆପଣ କ'ଣ ହେବାକୁ ଅଧିକ ପସନ୍ଦ କରିଥାନ୍ତେ ? ତା'ର ଉତ୍ତରରେ ସେ କହିଥିଲେ ମୁଁ ଶିକ୍ଷକ ହେବାକୁ ପସନ୍ଦ କରିଥାନ୍ତି । ରାଷ୍ଟ୍ରପତି ପଦରୁ ଅବସର ନେଲା ପରେ ଡଃ କାଲାମ୍ ମାଡ୍ରାସସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ ଯୋଗ ଦେଲେ ।**

'ଗୁରୁ ଗୋବିନ୍ଦ ଦୌଉ ଖଡ଼େ, କାକେ ଲାଗୁଁ ପାବ,ବାଲିହାରୀ ଗୁରୁ ଆପନେ, ଗୋବିନ୍ଦ ଦିୟୋ ବତାୟ ।' ଏହାର ଅର୍ଥ ଗୁରୁ ଓ ଈଶ୍ୱର ଏକା ସହିତ ଛିଡା ହୋଇଥିବାବେଳେ ମନରେ ସ୍ୱତଃ ପ୍ରବୃତ୍ତ ଭାବେ ଦ୍ୱନ୍ଦ୍ୱ ଉତ୍ପନ୍ନ ହୁଏ ଯେ, କାହା ପାଦ ପ୍ରଥମେ ସ୍ପର୍ଶ କରିବା ଉଚିତ ? ଏ ନେଇ ଈଶ୍ୱର ନିଜେ ହିଁ ଉତ୍ତର ଦିଅନ୍ତି, ଗୁରୁ ହିଁ ଭଗବାନଙ୍କ ନିକଟରେ ପହଞ୍ଚିବାର ମାର୍ଗ । ସେଥିପାଇଁ ସର୍ବପ୍ରଥମେ ଗୁରୁଙ୍କ ଚରଣ ସ୍ପର୍ଶ କରିବା ଉଚିତ । ଗୁରୁଙ୍କର କେବେ କେବେ ଆକଟ ଭରା କଠୋର ଅନୁଶାସନ , ପୁଣି କେବେ ସେ ଉତ୍ସାହପ୍ରଦ ପ୍ରେରଣାର ମହାମନ୍ତ୍ର । ସାଧାରଣ ଛାତ୍ରଟିକୁ ଅସାଧାରଣ କରିବାର ଶକ୍ତି ତାଙ୍କ ପାଖରେ ନିହିତ । ପାଠରୁ ପ୍ରତିଭା ସବୁଥିରେ ଦୀପ୍ତିମନ୍ତ କରିବା ପାଇଁ ଆବଶ୍ୟକ ତାଙ୍କ ଅନ୍ତମନର ଆଶୀର୍ବାଦ । ପ୍ରତିଟି କ୍ଷେତ୍ରରେ ଗୁରୁଙ୍କର ମାର୍ଗଦର୍ଶନ କୃତି ପ୍ରତିଭାଙ୍କ ପାଇଁ ଆଣି ଦେଇଛି ଅକଳନ ପ୍ରସିଦ୍ଧି ।

ଭାରତ ଧର୍ମ ଓ ଦର୍ଶନର ଦେଶ, ପ୍ରେମ ଓ ପବିତ୍ରତାର ଦେଶ । ତ୍ୟାଗ ଓ ସେବାର ମହାନ୍ ଦେଶ । ଭାରତବର୍ଷର ଗୁରୁ ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ । ଆମ ଶାସ୍ତ୍ର ଓ ପରମ୍ପରାରେ ଗୁରୁଙ୍କ ପୂଜନ ପ୍ରଚଳିତ ହୋଇ ଆସୁଛି । ଅତି ପ୍ରାଚୀନ କାଳରୁ ଭାରତୀୟମାନଙ୍କ ଜୀବନ ଗଠନରେ ଗୁରୁଙ୍କ ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା କଳନା କରିବା ଅସମ୍ଭବ । ଗୁରୁ ବ୍ରହ୍ମା ରୂପରେ ଶିଷ୍ୟଙ୍କ ସୃଜନୀ ଶକ୍ତିର ବିକାଶ କରି ଶିଷ୍ୟକୁ ନବଜନ୍ମ ପ୍ରଦାନ କରନ୍ତି, ବିଷ୍ଣୁ ରୂପରେ ସ୍ନେହପୂର୍ଣ୍ଣ ଶିକ୍ଷାଦାନ କରି ଶିଷ୍ୟମାନଙ୍କୁ ପରିପାଳନ କରନ୍ତି ଓ ମହେଶ୍ୱରଙ୍କ ରୂପରେ ଶିଷ୍ୟମାନଙ୍କର ଦୁର୍ଗୁଣକୁ ବିନାଶ କରି ସୁଗୁଣର ପରିପ୍ରକାଶ କରନ୍ତି । କୁହାଯାଏ –

***'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର/ ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।'***

'ଗୁରୁ' ଏକ ପରମ ପବିତ୍ର ଶବ୍ଦ । ଗୁରୁ, ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାଇଥାନ୍ତି । ଯାହାଙ୍କ ପ୍ରଦତ୍ତ ଜ୍ଞାନର ଦାନରେ ସାଧାରଣ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିବାରେ ସହଜ ହୁଏ । ଉତ୍ସାହପ୍ରଦ ପ୍ରେରଣା ସାଧାରଣରୁ ଅସାଧାରଣର ମୁକୁଟ ପିନ୍ଧାଏ । ଶିକ୍ଷା କ୍ଷେତ୍ରରେ ପାଠ, ହେଉ କି ସଙ୍ଗୀତ , ଖେଳ ହେଉ କି ନୃତ୍ୟ , ବାଦ୍ୟ ହେଉ କି ବକ୍ତୃତା, ପ୍ରତିଟି କ୍ଷେତ୍ରରେ ତାଙ୍କର ମାର୍ଗଦର୍ଶନ କୃତି ପ୍ରତିଭାଙ୍କ ପାଇଁ ଆଣି ଦିଏ ଅଜସ୍ର ଖ୍ୟାତି, ଯଶ, ପ୍ରସିଦ୍ଧି । ସେ ହେଉଛନ୍ତି ସାକ୍ଷାତ୍ ପରମବ୍ରହ୍ମ । ଯୁଗେ ଯୁଗେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଦୃଷ୍ଟିରୁ କୁହାଯାଇଛି, ଯେପରି କ୍ଷୀର ବିନା ଗାଈ, ଫୁଲବିନା ଲତା, ଚରିତ୍ର ବିନା ସ୍ତ୍ରୀ, ପଦ୍ମବିନା ଜଳ, ଶାନ୍ତି ବିନା ବିଦ୍ୟା, ଅଧିବାସୀ ବିନା ନଗର ଶୋଭାପାଏ ନାହିଁ, ସେହିପରି ଗୁରୁ ବିନା ଶିଷ୍ୟର କୌଣସି ସ୍ଥିତି ନାହିଁ । ଭାଗବତରେ କୁହାଯାଇଛି, 'ଗୁରୁ ସାଧାରଣ ମଣିଷ ନୁହଁନ୍ତି । ଗୁରୁଙ୍କ ଆଶୀର୍ବାଦ ଲାଭ କରି ଗୁରୁଙ୍କ ଚରଣରେ ସମର୍ପିତ ହେଲେ, ଶିଷ୍ୟ ଅଶେଷ ସମ୍ମାନର ଅଧିକାରୀ ହୁଏ । ଗୁରୁଙ୍କ ପଦାରବିନ୍ଦରେ ଶିଷ୍ୟ ନିରନ୍ତର ଅନନ୍ୟ ଶରଣାଗତ ଭାବ ପୋଷଣ କରିଥାଏ । ଶିଷ୍ୟର ଜ୍ଞାନ ଚରିତ୍ର ଓ ଶରଣାଗତ ଭାବକୁ ନିରୀକ୍ଷଣ କରି ଜ୍ଞାନଗର୍ଭତତ୍ତ୍ୱଦର୍ଶୀ ଗୁରୁ ଶିଷ୍ୟକୁ କୃପା ପ୍ରଦାନ କରିଥାନ୍ତି ।'

ଗୁରୁ ଏକାଧାରରେ ଶିଷ୍ୟପାଇଁ ବହୁ ଭୂମିକାର ପ୍ରତୀକ । ଯଦିଓ ପିତାମାତା ଆମର ପ୍ରଥମ ଗୁରୁ । କିନ୍ତୁ ବାପା ମା'ଙ୍କଠାରୁ ଅଧିକ ଶିକ୍ଷା ଦୀକ୍ଷା ଗୁରୁ ପ୍ରଦାନ କରନ୍ତି । ପିଲାଟି ମାଟି ପିଣ୍ଡୁଳା ପରି । ଗୁରୁ ତା'ର ସଂସ୍କାରକୁ ଧରି ରୂପ ଦିଅନ୍ତି । ଗୁରୁ ନିଜର ଅସୀମ ଭଲପାଇବା ଯୋଗୁଁ ଶିଷ୍ୟର ଚରିତ୍ର ଗଠନ କରିଥାନ୍ତି । ଗୁରୁ ଜାଣିପାରନ୍ତି ଶିଷ୍ୟର ମନ । ତେଣୁ ସେ ଦକ୍ଷ ମନୋବିଜ୍ଞାନୀ ଅଟନ୍ତି । ଗୁରୁ ଜାଣିପାରନ୍ତି ଶିଷ୍ୟର ଆବଶ୍ୟକତା । ତେଣୁ ସେ ଉତ୍ତମ ଚିକିତ୍ସକ । ଗୁରୁ ଜାଣିପାରନ୍ତି ବିଦ୍ୟା ଗ୍ରହଣର କୁଶଳତା । ତେଣୁ ସେ ବିଦ୍ୟାଦାତା । ନିଜର ସନ୍ତାନ ଅପେକ୍ଷା ଗୁରୁଙ୍କ ପାଖରେ ଶିଷ୍ୟ ଅଧିକ । ଭାରତୀୟମାନେ ଏହିଭଳି ଗୁରୁକୁ କାଳେ କାଳେ ସମ୍ମାନ ଦେଇ ଆସିଛନ୍ତି । ଶିଷ୍ୟମାନେ ମଧ୍ୟ ସମଗ୍ର ଜୀବନ ଗୁରୁମାନଙ୍କ ପାଇଁ ସମର୍ପଣ କରିଛନ୍ତି । ଶିଷ୍ୟମାନେ ଗୁରୁଙ୍କ ବିନା ପରାମର୍ଶରେ ଖାଦ୍ୟ ମଧ୍ୟ ଗ୍ରହଣ କରନ୍ତି ନାହିଁ ।

ଏପରିକି ସ୍ୱୟଂ ଭଗବାନ ତାଙ୍କର ଅବତାରକାଳୀନ ଲୀଳା ସମୟରେ ଗୁରୁ ଗ୍ରହଣ କରିଛନ୍ତି । ଭଗବାନ ଶ୍ରୀରାମଙ୍କ ଗୁରୁ ଥିଲେ ବଶିଷ୍ଠ ଓ ବିଶ୍ୱାମିତ୍ର । ଭଗବାନ ଶ୍ରୀକୃଷ୍ଣଙ୍କ ଗୁରୁଥିଲେ ମହର୍ଷି ସନ୍ଦିପନୀ । ଗୁରୁ ପର୍ଶୁରାମଙ୍କ ଶିଷ୍ୟ ଥିଲେ ଭୀଷ୍ମ । ଗୁରୁ ଦ୍ରୋଣଙ୍କ ଶିଷ୍ୟ ଏକଲବ୍ୟ । ଗୁରୁ ଚାଣକ୍ୟଙ୍କ ଶିଷ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ । ଗୁରୁ ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ଶିଷ୍ୟ ଥିଲେ ବିବେକାନନ୍ଦ । ଗୁରୁ ସୌମ୍ୟ ଋଷିଙ୍କ ଶିଷ୍ୟ ଆରୁଣି ଓ ଉପମନ୍ୟୁ । ଗୁରୁ ରାମଦାସଙ୍କ ଦାସଙ୍କ ଶିଷ୍ୟ ଛତ୍ରପତି ଶିବାଜୀ, ଗୁରୁ ସକ୍ରେଟିସ୍‌ଙ୍କ ଶିଷ୍ୟ ପ୍ଲାଟୋ । ଗୁରୁ ଆରିଷ୍ଟଟଲଙ୍କ ଶିଷ୍ୟ ଆଲେକ୍ଜାଣ୍ଡାର । ଗୁରୁ ସନ୍ଥ ରାମାନନ୍ଦଙ୍କ ଶିଷ୍ୟ କବୀର । ଗୁରୁ ଶ୍ରୀକୃଷ୍ଣଙ୍କ ଶିଷ୍ୟ ଅର୍ଜ୍ଜୁନ । ଏଭଳି ଆଦର୍ଶ ଗୁରୁ ଶିଷ୍ୟମାନଙ୍କୁ ମାନବ ସମାଜ ଯୁଗେ ଯୁଗେ ମନେରଖି ଆସିଛି ।

ଆମ ଦର୍ଶନରେ କୁହାଯାଇଛି, 'ଆଚାର୍ଯ୍ୟ ଦେବୋ ଭବ' । ଅର୍ଥାତ୍ ଆଚାର୍ଯ୍ୟ ବା ଆଚରଣ ସିଦ୍ଧ ନହେଲେ କେହି ଗୁରୁ ହୋଇ ପାରେନା । ପିତାମାତାଙ୍କୁ ଗୁରୁ ହେବାକୁ ପଡ଼େ – ଯାହା ସାଧାରଣ କଥା ନୁହେଁ ସାଧନାର କଥା । ପିତାଗୁରୁ, ମାତାଗୁରୁ, ଶିକ୍ଷାଗୁରୁ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ–ଅଭିଜ୍ଞତା ହିଁ ନିଜର ଗୁରୁ । ପିତାମାତାଙ୍କ ଠାରୁ ଚଳଣି, ଶିକ୍ଷାଗୁରୁଙ୍କ, ଦୀକ୍ଷାଗୁରୁଙ୍କ ସହ ପ୍ରକୃତି ଓ ସ୍ୱ–ଅଭିଜ୍ଞତା ହିଁ ନିଜର ଗୁରୁ । ପିତାମାତାଙ୍କ ଠାରୁ ଚଳଣି, ଶିକ୍ଷାଗୁରୁଙ୍କ ଠାରୁ ବିଦ୍ୟା, ଦୀକ୍ଷାଗୁରୁଙ୍କ ଠାରୁ ସିଦ୍ଧି ପ୍ରାପ୍ତ ହେଲେ ବି ଜଣେ ମାଟି, ଜଳ, ବାୟୁ, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ବୃକ୍ଷ, ଜୀବଜଗତଙ୍କ ଠାରୁ ଅନେକ କିଛି ଶିଖେ । ନିଜେ କଟେଇଥିବା ସମୟଠାରୁ ଅଭିଜ୍ଞତା ଗ୍ରହଣ କରିବି ଜଣେ ଏହି ସଂସାର ପଥ ଅତିକ୍ରମ କରିବାକୁ ଶିକ୍ଷାଲାଭ କରେ । ଏଣୁ ସାମଗ୍ରିକ ଦୃଷ୍ଟିରୁ ଗୁରୁ ଶବ୍ଦର ଏକ ମହାବ୍ୟାପ୍ତିତାକୁ ଅନୁଭବ କରି ହୁଏ । ତେଣୁ ଶାସ୍ତ୍ର ମତରେ ଗୁରୁ ସର୍ବବ୍ୟାପ୍ତ, ସର୍ବ ଶକ୍ତିମାନ ଓ ସର୍ବଜ୍ଞାତାର ଆଧାର । ପ୍ରାକୃତିକ ଶକ୍ତିର ଗୁଣ ତାଙ୍କ ଭିତରେ ସମାହିତ । ଏଣୁ ଦର୍ଶାଇ ଦିଆଯାଇଛି–'ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ / ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।

ଜ୍ଞାନ, ଭକ୍ତି ଓ ବୈରାଗ୍ୟ ଗୁରୁଙ୍କର ମୌଳିକ ଉପାଦାନ । ଗୁରୁଙ୍କ ଶ୍ରଦ୍ଧା, ସ୍ନେହାଶୀର୍ବାଦ ହିଁ ଶିଷ୍ୟମାନଙ୍କର ଜୀବନର ପାଥେୟ । ପ୍ରାଚୀନ କାଳରୁ ଆରୁଣି, ଉପମନ୍ୟୁ, ଏକଲବ୍ୟ ଶିଷ୍ୟମାନଙ୍କର ନାମ ଏବେ ମଧ୍ୟ ସ୍ମରଣୀୟ ହୋଇ ରହିଛି । ଏକଲବ୍ୟ ନିଜର ଗୁରୁ ଦକ୍ଷିଣା ସ୍ୱରୂପ ବୃଦ୍ଧାଙ୍ଗୁଳିକୁ ଗୁରୁ ଦ୍ରୋଣଙ୍କୁ ପ୍ରଦାନ କରିଥିଲେ । ଉପମନ୍ୟୁ ଗୁରୁଙ୍କ ବିନା ଅନୁମତିରେ ନଖାଇ ଅତି ଭୋକିଲା ହୋଇ ଶେଷରେ ଅରଖ ବୃକ୍ଷର ପତ୍ର ଖାଇ ଅନ୍ଧହୋଇ ଯାଇଥିଲେ ଓ ଗୁରୁଦେବଙ୍କ ନାମ ଧରି ଚିତ୍କାର କରିଥିଲେ । ଶେଷରେ ଗୁରୁଙ୍କ ଆଶୀର୍ବାଦରୁ ଚକ୍ଷୁ ଫେରିପାଇଥିଲେ । ଆରୁଣି ଗୁରୁଦେବଙ୍କ ବଚନ ପାଳିବାକୁ ଯାଇ ଜୀବନ ସମର୍ପଣ କରି ଗୁରୁ କୃପା ଲାଭ କରିଥିଲେ । ଯେତେବେଳେ ଶିଷ୍ୟ ନିଜର ସମସ୍ତ ଅହଙ୍କାର ତ୍ୟାଗ କରି ନିଜକୁ ଗୁରୁମୟ କରିଦିଅନ୍ତି, ଅର୍ଥାତ୍ ଗୁରୁ ସମର୍ପିତ ବୋଲି ଭାବି ନିଅନ୍ତି, ସେତେବେଳେ ସମର୍ଥ ଗୁରୁଙ୍କ ଆଶୀର୍ବାଦ ମଧ୍ୟ ବଳଶାଳୀ ହୋଇ ଉଠେ । ଶିଷ୍ୟଙ୍କୁ କଠିନରୁ କଠିନତମ କାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ କରିବାକୁ ସୁଯୋଗ ଦେଇଥାଏ । ଅଟଳ ଗୁରୁଭକ୍ତି, ଦୁର୍ଲଙ୍ଘ୍ୟ ହିମାଳୟକୁ ଲଙ୍ଘନ କରିବାର ମହାଶକ୍ତି ଭରି ଦେଇଥାଏ । ଭାରତୀୟ ପରମ୍ପରାରେ ଗୁରୁଙ୍କୁ ଉଚ୍ଚସ୍ଥାନ ଦିଆଯାଇଛି ।

ସାଂପ୍ରତିକ ସମାଜରେ ଶିକ୍ଷାର ଗୁରୁତ୍ୱ ପ୍ରତ୍ୟେକ ମୁହୂର୍ତ୍ତରେ ରହିଛି । ଶିକ୍ଷା ବିନା ମାନବ ଜୀବନ ନିରର୍ଥକ ପାଲଟିଯାଏ, ଦେଶର ବିକାଶ ଘଟିପାରେ ନାହିଁ । ତେଣୁ ଶିକ୍ଷା ପ୍ରଦାନ କରୁଥିବା ଗୁରୁଙ୍କର ମହତ୍ତ୍ୱ ସେହିପରି ସବୁ ସମୟରେ ଅଛି । ଆଜିର ସମୟକୁ ବି ଦେଖିଲେ ଯିଏ ଯେଉଁକ୍ଷେତ୍ରରେ ବି ଯାଉ, ସେହି କ୍ଷେତ୍ରରେ ପାରଙ୍ଗମ ହେବା ପାଇଁ ଜଣେ ସଦ୍‌ଗୁରୁ, ବା ଶିକ୍ଷକ ବା ପରାମର୍ଶଦାତା ବା ମେଣ୍ଟରଙ୍କର ନିହାତି ଆବଶ୍ୟକତା ରହିଛି । ତାଙ୍କର ଅବର୍ତ୍ତମାନରେ କୌଣସି ପ୍ରକାର ଆଗକୁ ଆଗେଇବା ସମ୍ଭବ ନୁହେଁ । ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାହିଁ ଅନୁଭବ କରିଥିଲେ । ତେଣୁ ଗୁରୁଦିବସ ବା ଶିକ୍ଷକ ଦିବସ ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଏହା ଏକ ବିଶେଷ ଦିବସ । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବା ସମ୍ପ୍ରଦାୟରେ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ମାନ ଦେବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥାଏ ।

ଉପଯୁକ୍ତ ବୀଜ ଉର୍ବର କ୍ଷେତରେ ପଡ଼ିଲେ ଯାଇ ଉତ୍ତମ ଫସଲ ଉତ୍ପାଦନ ହେବ । ଗୁରୁ ଅଲୌକିକ ଗୁଣ ସମ୍ପନ୍ନ ହେବା ବାଞ୍ଛନୀୟ । ଶିଷ୍ୟ ମଧ୍ୟ ତଦ୍ରୂପ ହେବା ପ୍ରୟୋଜନ । ଅତୀତରେ ଗୁରୁ ଶିଷ୍ୟର ସମ୍ପର୍କ ମଧୁର ତଥା ଅନାବିଳ ଥିଲା । ସେହି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଆମର ଭୂତପୂର୍ବ ରାଷ୍ଟ୍ରପତି, ଭାରତର ବରେଣ୍ୟ ସନ୍ତାନ, ପ୍ରଜ୍ଞାପୁରୁଷ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦାର୍ଶନିକ ଓ ମହାନ୍ ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ରୂପେ ପାଳନ କରାଯାଉଛି । ଥରେ ଗୁରୁଦିବସରେ ଡଃ ଏପି.ଜେ ଅବଦୁଲ୍ କାଲାମଙ୍କୁ କେହି ଜଣେ ପ୍ରଶ୍ନ କଲେ, ଆପଣ କ'ଣ ହେବାକୁ ଅଧିକ ପସନ୍ଦ କରିଥାନ୍ତେ ? ତା'ର ଉତ୍ତରରେ ସେ କହିଥିଲେ ମୁଁ ଶିକ୍ଷକ ହେବାକୁ ପସନ୍ଦ କରିଥାନ୍ତି । ରାଷ୍ଟ୍ରପତି ପଦରୁ ଅବସର ନେଲା ପରେ ଡଃ କାଲାମ୍ ମାଡ୍ରାସସ୍ଥିତ ଆନ୍ନା ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ ଯୋଗ ଦେଲେ । ଡଃ ଏପି.ଜେ କାଲାମ୍ କହୁଥିଲେ, ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ କରିବା କେବଳ ତିନିଜଣଙ୍କ ଦ୍ୱାରା ସମ୍ଭବ । ସେମାନେ ହେଉଛନ୍ତି ମୋର ତିନିଗୁରୁ ପିତା, ମାତା ଓ ଶିକ୍ଷକ । ସେ କହୁଥିଲେ ଭଲ ଶିଶୁଟିଏ ଗଢ଼ିଲେ ସେ ପରବର୍ତ୍ତୀ କାଳରେ ଭଲ ମଣିଷଟିଏ ହେବ । ଭଲ ପରିବାରଟିଏ ସୃଷ୍ଟି ହେବ । ଭଲ ପରିବାରଟିଏ ଗଢ଼ା ହେଲେ ସମୃଦ୍ଧଶାଳୀ ସମାଜ ଓ ରାଷ୍ଟ୍ର ଗଠନ ସମ୍ଭବ ହେବ । ଗାନ୍ଧିଜୀ କହୁଥିଲେ ଶିକ୍ଷକ ହିଁ ଛାତ୍ରର ମୂଳପୁସ୍ତକ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର କହିଛନ୍ତି, ଶିକ୍ଷକଙ୍କ ସକଳ କୁଶଳତା ଶିଶୁ ଭିତରେ ସମାହିତ ହୁଏ । ଦୀପ ଭଳି ଜଳି ଜଳି ଅନ୍ୟକୁ ଆଲୋକ ଦେବାରେ ବ୍ରତୀ ଥାଏ ଶିକ୍ଷକ । ବହୁ ମଣିଷ ଗଢନ୍ତି ସେ, ମଣିଷ ଗଢା ବଂଶ କାରଖାନାର ସେ ହେଉଛନ୍ତି କର୍ଣ୍ଣଧାର ।

ସୁନାଗରିକଭାବେ ଜୀବନ ନିର୍ବାହ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ, ବିଜ୍ଞାନ, କୌଶଳ, ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରିବା ଓ ପରିପାର୍ଶ୍ୱ ପ୍ରତି ସମ୍ବେଦନଶୀଳ ହେବାକୁ ସଚେତନ କରିବା ହେଉଛି ଶିକ୍ଷକଙ୍କ କାର୍ଯ୍ୟ । ଆନ୍ତର୍ବିଦ୍ୟା ଓ ବହୁବିଷୟକ ଗବେଷଣା ମାଧ୍ୟମରେ ପ୍ରଗତିଶୀଳ, ଜ୍ଞାନ ସମ୍ଭବ ପୋଷଣୀୟ ସମାଜ ନିର୍ମାଣ କରିବା ପାଇଁ ଉଦ୍ୟମ ଜାରିରଖିବାକୁ ଆଦର୍ଶ ଶିକ୍ଷକ ହିଁ ଚେଷ୍ଟା କରିଥାନ୍ତି । ସମସ୍ୟା ସମାଧାନ, ସମ୍ମାନବୋଧ, ନେତୃତ୍ୱ ପ୍ରଦାନ ତଥା ମିଳିତ କାର୍ଯ୍ୟ ପାଇଁ ଆଗ୍ରହ ସୃଷ୍ଟିକରି, ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ନୈତିକତା, ଗୁଣବତ୍ତା ପ୍ରତି ପ୍ରତିଶ୍ରୁତିବଦ୍ଧ କରାଇବା ମୁକ୍ତଚିନ୍ତା, ସର୍ଜନା, ଆବିଷ୍କାର ଓ ବୃତ୍ତିଗତ ଉନ୍ନତି ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିବା ଓ ଚେତନାର ଉତ୍ତରଣ ମାଧ୍ୟମରେ ବିଶ୍ୱକୁ ଏକ ଉତ୍ତମ ସ୍ଥାନରେ ପରିଣତ କରିବା ପାଇଁ ଯେଉଁ ଶିକ୍ଷକମାନେ ଚେଷ୍ଟା ଚଳାଇଛନ୍ତି ସେମାନେ ଆଜି ବନ୍ଦନୀୟ ଓ ସ୍ମରଣୀୟ । ବାସ୍ତବରେ ସ୍ୱପ୍ନବିଳାସୀ ଗୁରୁଙ୍କର ସ୍ୱପ୍ନକୁ ଅଧାର କରି ଆଲେକ୍ ଜାଣ୍ଡାର ବିଶ୍ୱ ବିଜୟୀ ହୁଏ, ଉଦୀୟମାନ ନଚିକେତାଙ୍କ ଜିଜ୍ଞାସା ଜାଗ୍ରତ ହୁଏ । ଶିବାଜୀ ହୁଅନ୍ତି ରାଷ୍ଟ୍ର ନିର୍ମାତା, ଚନ୍ଦ୍ରଗୁପ୍ତ ପାଲଟନ୍ତି ସୁଶାସକ ଓ ସମ୍ରାଟ । ନରେନ୍ ପାଲଟନ୍ତି ବିବେକାନନ୍ଦ । ଶିଷ୍ୟ ଭିତରେ ଉତ୍ତମ ଚରିତ୍ର, ନୈତିକତା, ଶିକ୍ଷା, ଦୀକ୍ଷା ଶୃଙ୍ଖଳା ଗୁରୁ ସୃଷ୍ଟି କରନ୍ତି । ତେଣୁ ସମସ୍ତଙ୍କ ମନକୁ ନିୟନ୍ତ୍ରଣ କରିପାରୁଥିବା ଓ ଚରିତ୍ରକୁ ସଜାଡ଼ି ପାରୁଥିବା ଗୁରୁ ହିଁ ଶ୍ରେଷ୍ଠ ଆସନର ଅଧିକାରୀ ।

ନିଷ୍କର୍ଷରେ କେବଳ କହିହେବ ଛାତ୍ରଛାତ୍ରୀମାନଙ୍କୁ ନୂତନ ଚିନ୍ତାଧାରା,ଜ୍ଞାନ ଆହରଣର ନୂତନମାର୍ଗ ମାଧ୍ୟମରେ ଗତିଶୀଳ ଜ୍ଞାନଭିତ୍ତିକ ଅର୍ଥନୀତି ସଂପର୍କରେ ସଚେତନ କରିବା ତଥା ସେମାନଙ୍କ ବୌଦ୍ଧିକ ରୂପାନ୍ତର ଆଜିର ପ୍ରତ୍ୟେକ ଗୁରୁଙ୍କ କାମ୍ୟ ହେଉ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ –୪ ,**
**ମୋ–୯୦୪୦୧୫ ୧୪୭୫**

# ଶ୍ରୀମନ୍ଦିରରେ ବାମନ ଜନ୍ମ ଉତ୍ସବ

**ସନ୍ତୋଷ କୁମାର ଦାଶ**

ଭାଦ୍ରବ ଦ୍ୱାଦଶୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀବାମନ ଜନ୍ମ ନୀତି ଉତ୍ସବ ଅନୁଷ୍ଠିତ ହୋଇଥାଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିର ମଧ୍ୟାହ୍ନରେ ପ୍ରଭୁ ନାରାୟଣ ବାମନ ରୂପରେ ଆର୍ବିଭୂତ ହୋଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବାମନ ଭାବେ ଅଭିହିତ କରାଯାଇ ଉକ୍ତ ଆର୍ବିଭାବ ତିଥିରେ ଶ୍ରୀମନ୍ଦିରରେ ଜନ୍ମ ନୀତି ଉତ୍ସବ ପାଳିତ ହୋଇଥାଏ । ଏହି ଦିନ ସକାଳ ଧୂପ ଶେଷ ହେବା ପରେ ଠାକୁରମାନଙ୍କର ମହାସ୍ନାନ ଓ ସର୍ବାଙ୍ଗ ନୀତି ହୋଇ ପୂର୍ବ ଦିନରୁ ଅଧିବାସ ହୋଇଥିବା ପବିତ୍ରା ଲାଗି ହୋଇଥାଏ । ତତ୍ପରେ ଶ୍ରୀ ବିଗ୍ରହମାନଙ୍କୁ କର୍ପୂର ଲାଗି ହୋଇ ବେଶ ବଢିବା ପରେ ମଧ୍ୟାହ୍ନ ଧୂପ ଉଠିଥାଏ । ଜୟବିଜୟ ଦ୍ୱାର ବନ୍ଦ ହୋଇ ଚନ୍ଦନ ଅର୍ଗଳୀ ଠାରେ ଶୁଦ୍ଧ ସୁଆର ପାଣି ପକାଇ ପୋଛା ମାରିବା ପରେ ପୂଜାପଣ୍ଡା ପଞ୍ଚ ବର୍ଣ୍ଣ ମୁରୁଜରେ ମଣ୍ଡଳ ଲେଖିଥାନ୍ତି । ଏହା ପରେ ତିନିବାଡରେ ଶ୍ରୀବିଗ୍ରହମାନଙ୍କର ବନ୍ଦାପନା ଓ କଳସ ବରୁଣ ପୂଜା କରାଯାଏ । ଇତିମଧ୍ୟରେ ଦକ୍ଷିଣ ଘର ଭୋଗ ସରିବା ପରେ ମହାଜନ ସେବକମାନେ ବାମନ/କୃଷ୍ଣଙ୍କୁ ରତ୍ନସିଂହାସନରେ ବିଜେ କରାଇବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ଧଣ୍ଡି ପ୍ରସାଦ ଲାଗି କରିଥାନ୍ତି । ଏହା ପରେ ମହାଜନମାନେ କୃଷ୍ଣଙ୍କୁ ସର୍ବତୋ ଭଦ୍ରମଣ୍ଡଳରେ ବିଜେ କରାଇଥାନ୍ତି । ଏହା ପୂର୍ବରୁ ଏହି ମଣ୍ଡଳରେ ସୁବର୍ଣ୍ଣର ବାମନ ପ୍ରତିମା ବିଜେ କରିଥାନ୍ତି । ଏଠାରେ ଗର୍ଭଉଦକ ନୀତି, ଜନ୍ମବିଧି ମାନ କରାଯାଇଥାଏ । ଏହାପରେ କ୍ଷୀର, ଲହୁଣୀ, କୋରା ମଣୋହି, ପ୍ରସାଦ ଲାଗି, ଭଣ୍ଡାର ଘରୁ ରୂପା ବଟାରେ ପତିମହାପାତ୍ରଙ୍କ ହସ୍ତରେ ଶ୍ରୀଦୁର୍ଗା ଦେବୀଙ୍କ ବିଜେ, ବସୁଧାରା ଯଜ୍ଞ ପବିତ୍ରା, ଶୀତଳ ଭୋଗ ପନ୍ତି, ଦୁଧ ମଣୋହି, ପ୍ରସାଦ ଲାଗି ଓ ବନ୍ଦାପନା ଇତ୍ୟାଦି ନୀତିମାନ ଅନୁଷ୍ଠିତ ହୋଇଥାଏ । ଉକ୍ତ ଦିନ ସନ୍ଧ୍ୟା ଧୂପ ଶେଷ ହେଲା ପରେ ଶ୍ରୀମନ୍ଦିରରେ ପାରମ୍ପରିକ ଭାବେ ଇନ୍ଦ୍ରଧ୍ୱଜ ପୂଜା ଅନୁଷ୍ଠିତ ହୋଇଥାଏ । ଏଥି ନିମନ୍ତେ କାଠ ବାଉଁଶରେ ସପ୍ତମେଘ ପୋତା ଯାଏ । ରୋଷରୁ ଦୁଇ ଓଳି ଅନ୍ନ ପନ୍ତିରେ ବଢାଯିବାପରେ ପୂଜାପଣ୍ଡା ପଞ୍ଚୋପଚାର ବିଧିରେ ଭୋଗ ଲାଗି କରିଥାନ୍ତି ।

ସୂଚନାଯୋଗ୍ୟ ଯେ, ବର୍ଷକରେ ଏହି ଦିନଟିରେ ହିଁ କେବଳ ଶଙ୍ଖୁଡି ବାହାରକୁ ଯାଏ । ତତ୍ପର ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଳି ବାମନ ବେଶ ଅନୁଷ୍ଠିତ ହୋଇଥାଏ । ପୁରାଣର ବର୍ଣ୍ଣନା ଅନୁସାରେ ବଳୀ ରାଜାଙ୍କ ଅତ୍ୟାଚାରରେ ତିନି ଭୁବନ ଭୀତତ୍ରସ୍ତ ହୋଇ ପ୍ରଭୁ ନାରାୟଣଙ୍କୁ ରକ୍ଷା କରିବାକୁ ପ୍ରାର୍ଥନା କରିବାରୁ ପ୍ରଭୁ ନାରାୟଣ ବାମନ ରୂପରେ ଅବତାର ଗ୍ରହଣ କରିଥିଲେ । ତାଙ୍କ ଶରୀର ଲାବଣ୍ୟମୟ ଦିଶୁଥିଲା । ଅଙ୍ଗୁଷ୍ଠରେ ମୁଦ୍ରିକା ଶୋଭା ପାଉଥିଲା, କପାଳ ଅତ୍ୟନ୍ତ ମନୋମୁଗ୍ଧକର ଚିତା ଦ୍ୱାରା ସୁସଜ୍ଜିତ ଥିଲା । ହସ୍ତରେ ତାଳପତ୍ର ପୁସ୍ତକ ଶୋଭା ପାଉଥିଲା ଆଉ କାନ୍ଧରେ ଥିବା ଯଜ୍ଞୋପବୀତ ଦେବତାମାନଙ୍କର ଦ୍ୟୁତିକୁ ହରଣ କରୁଥିବା ସହ ତାହା ଉପରେ ଉତ୍ତରୀୟ ଶୋଭା ପାଉଥିଲା । ତାଙ୍କ ବାମ ହସ୍ତରେ ତାଳ ପତ୍ରର ଛତା ଥିଲା । ଦୁଇ ହସ୍ତର ଦୁଇ ଅନାମିକା ଅଙ୍ଗୁଷ୍ଠିରେ ଦୁଇଟି କୁଶବଟୁ, ହସ୍ତରେ ତାମ୍ର ପାତ୍ର, ଏହିପରି ସୌନ୍ଦର୍ଯ୍ୟରେ ସଜ୍ଜିତ ବାମନ ଦେବ ବ୍ରାହ୍ମଣ ରୂପରେ ସାମବେଦ ପଠନ ପୂର୍ବକ ରାଜା ବଳିଙ୍କ ଦ୍ୱାରରେ ଉପସ୍ଥିତ ହୋଇ ଥିଲେ । ବଳି ରାଜାଙ୍କ ଦ୍ୱାରରେ ବ୍ରାହ୍ମଣ ରୂପୀ ବାମନ ଉପସ୍ଥିତ ହେବା ପରେ ବଳିରାଜ ତାଙ୍କର ରୂପ ଲାବଣ୍ୟ ଦେଖି ସ୍ତମ୍ଭୀଭୂତ ହୋଇ ପଚାରିଥିଲେ, ହେ ଦ୍ୱିଜବର ଆପଣଙ୍କର ଆସିବାର ଅଭିପ୍ରାୟ କଣ ? ବ୍ରାହ୍ମଣ ରୂପୀ ନାରାୟଣ କହିଥିଲେ, ହେ ବଳିରାଜ ତୁମ୍ଭର କୀର୍ତ୍ତି ଚତୁର୍ଦ୍ଦିଗରେ ବିସ୍ତାରିତ ହୋଇଛି । ଅନେକ ବ୍ରାହ୍ମଣଙ୍କୁ ତୁମ୍ଭେ ଦାନ ପୁଣ୍ୟ କରୁଛ । ଏ ଖବର ଶୁଣି ମୁଁ ତୁମ୍ଭ ଠାରୁ ତ୍ରିପାଦ ଭୂମି ଦାନ ନେବା ପାଇଁ ବହୁ ଦୂର ଗୋଲକପୁରୀରୁ ଆସିଅଛି । ତୁମ୍ଭେ ତ୍ରିପାଦ ଭୂମି ମୋତେ ପ୍ରଦାନ କର । ବଳିରାଜାଙ୍କୁ ବ୍ରାହ୍ମଣ ରୂପୀ ବାମନ ତିନିପାଦ ଭୂମି ମାଗି ଥିଲେ । ବଳି କହିଲେ, 'ହେ ବ୍ରାହ୍ମଣ, ସାଧାରଣ ଭୂମି ମାଗିବା ଆବଶ୍ୟକ ନାହିଁ । ଯଦି ଦେଶ, ଗ୍ରାମ, ଗୋବାଜି ଧନଧାନ୍ୟ, ଅଷ୍ଟରତ୍ନ ଇତ୍ୟାଦି ମାଗନ୍ତେ ସବୁକିଛି ଦିଅନ୍ତି । କିନ୍ତୁ ସାଧାରଣ ତିନିପାଦ ଭୂମି କଣ ମାଗୁଛନ୍ତି ।' ବଳି ଏବଂ ବ୍ରାହ୍ମଣ ରୂପୀ ବାମନଙ୍କ କଥୋପକଥନରେ ବଳିରାଜ ଅନେକ ଧନ ସମ୍ପଦ ଦେବା ପାଇଁ ଇଚ୍ଛୁକ ଥିଲେ । କିନ୍ତୁ ଛଦ୍ମ ବେଶୀ ପ୍ରଭୁ ବାମନ ତିନିପାଦ ଭୂମି ଇଚ୍ଛା କରିଥିଲେ । ବଳି ରାଜାଙ୍କୁ ତିନିପାଦ ଭୂମି ତୁଚ୍ଛ ଲାଗୁଥିଲା । ବଳିରାଜା ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟଙ୍କୁ ମନ ମଧ୍ୟରେ ସ୍ମରଣ କରି ତିନିପାଦ ଭୂମି ଦାନ ଦେବାପାଇଁ ବ୍ରାହ୍ମଣ ରୂପୀ ବାମନଙ୍କ ନିକଟରେ ସଂକଳ୍ପ କରିଥିଲେ । ମନରେ ଚିନ୍ତା କରିଥିଲେ ଏହି ବ୍ରାହ୍ମଣଙ୍କର ପଦ ରେଣୁ ମୋର ପୂର୍ବ ଭାଗ୍ୟ ଥିବା ଯୋଗୁଁ ମୋ ଦ୍ୱାରରେ ଆଜି ପଡ଼ିବା ସହ ମୁଁ ମୋର ସପ୍ତକୁଳକୁ ଉଦ୍ଧାର କରି ମର୍ଯ୍ୟାଦା ରଖିବି ଏବଂ ଚିରକାଳ ପାଇଁ ବିଷ୍ଣୁଙ୍କ ପୟରରେ ଦାସାନୁଦାସ ହୋଇ ସ୍ୱର୍ଗରେ ରହିବି । ବଳିରାଜା ବ୍ରାହ୍ମଣଙ୍କୁ ତିନିପାଦ ଭୂମି ଦାନ କରିବା ପାଇଁ ବ୍ରାହ୍ମଣଙ୍କର ପଦ ଧୌତ କଲେ । ଯେଉଁ ପାଦ ପଦ୍ମକୁ ଧ୍ରୁବ, ନାରଦାଦି ମୁନି ,ଋଷିଗଣ ଧ୍ୟାନ କରିବା ପାଇଁ ସକ୍ଷମ ନୁହନ୍ତି, ସେହି ପାଦପଦ୍ମକୁ ବଳିରାଜ ଧୌତ କରିବା ତାଙ୍କ ପାଇଁ ଅତି ପୁଣ୍ୟର ମାର୍ଗ ଥିଲା । ଯେକୌଣସି ଦାନପୁଣ୍ୟରେ ବ୍ରାହ୍ମଣଙ୍କୁ ବରଣ କଲା ବେଳେ ଆସନ, ପାଦାସନ, ଗନ୍ଧ, ପୁଷ୍ପ, ଅକ୍ଷତ, ନୂତନ ବସ୍ତ୍ରାଦି ପରିଧାନ କରାଇ ଦାନକୁ ଅର୍ପଣ କରାଯାଏ । ସେହି ଅନୁସାରେ ବଳିରାଜ ବ୍ରାହ୍ମଣଙ୍କୁ ବରଣ କରିଥିଲେଛ ଗ୍ରହୀତା ବ୍ରାହ୍ମଣ ରୂପୀ ବାମନ ତାଙ୍କର ମଙ୍ଗଳ କାମନା କରିବା ସହ ଆକାଶରେ ଦୁନ୍ଦୁଭି ବାଦ୍ୟ ଦେବତାଗଣ ବାଦନ କରିଥିଲେ । ବଳିରାଜ ବ୍ରାହ୍ମଣଙ୍କୁ ଯଥାବିଧି ବରଣ କରି ସାରି, ଦାନ କାର୍ଯ୍ୟ ଆରମ୍ଭ କଲେ, ପ୍ରଥମ ପାଦ ଭୂମି ଦାନରେ ସ୍ୱର୍ଗପୁର ଆଚ୍ଛାଦିତ ହୋଇଗଲା, ଦ୍ୱିତୀୟ ପାଦ ଭୂମି ଦାନରେ ମର୍ତ୍ତ୍ୟପୁର ଆଚ୍ଛାଦିତ ହୋଇଥିଲା, ଏହାପରେ ବଳିରାଜଙ୍କର ବିଶ୍ୱାସ ଦୃଢୀଭୂତ ହେଲା ଯେ ବ୍ରାହ୍ମଣ ରୂପରେ ଆସିଥିବା ବାମନ ବ୍ରାହ୍ମଣ ନୁହନ୍ତି, ଏ ନିଶ୍ଚିତ ଜଣେ ଦେବତା । ତେଣୁ ସେ ଆଦରର ସହିତ ପଚାରିଲେ, 'ପ୍ରଭୁ, ଆପଣଙ୍କର ତୃତୀୟ ପାଦ କାହିଁ ?' ହଠାତ୍ ବାମନ ଦେବଙ୍କର ନାଭି କମଳରୁ ଏକ ପାଦର ଆର୍ବିଭୂତ ହେଲା, ଯେଉଁ ପାଦ କି ପ୍ରଭୁ ବଳିରାଜଙ୍କର ମସ୍ତକରେ ରଖି ତାଙ୍କୁ ପାତାଳପୁରକୁ ଚାପିଦେଲେ ।

ବଳିରାଜାଙ୍କର ପୂର୍ବଜନ୍ମର କୋଟି କୋଟି ପାପ ମୁକ୍ତି ହେବା ସହିତ ବିଷ୍ଣୁପୁରରେ ବସବାସ କଲେ । ବାମନ ବଳିରାଜଙ୍କ ମସ୍ତକରେ ପାଦ ଥୋଇ ଚାପି ଦେଲା ପରେ ନିଜର କାୟାକୁ ବିସ୍ତାରିତ କରିଥିଲେ । ନାରାୟଣଙ୍କ ଏହି ରୂପ ଦେଖି ତିନିପୁରର ସମସ୍ତେ ଭୟଭୀତ ହୋଇ ପଡ଼ିଥିଲେ । ପାହାଡ, ପର୍ବତ ଆଦି କମ୍ପମାନ ହୋଇ ଉଠିଥିଲା । ବ୍ରହ୍ମା ବେଦଗାନ କରିବା ସହିତ, ଦେବଗୁରୁ ବୃହସ୍ପତି ଶିକ୍ଷା ସ୍ତୁତି ପାଠ କରିଥିଲେ । ଇନ୍ଦ୍ରାଦିଦେବ ଗଣ ସମସ୍ତେ ଭକ୍ତିର ସହିତ ପୁଷ୍ପାଞ୍ଜଳି ଅର୍ପଣ କରିବା ଦ୍ୱାରା ବାମନ ଶାନ୍ତି ଲାଭକରି ସ୍ୱ ସ୍ଥାନ ଗୋଲକପୁରୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ । 'ଅତି ସର୍ବତ୍ର ଗର୍ହିତଂ' ହିସାବରେ ବଳିରାଜା,ମୁକ୍ତିଲାଭ କରି ସ୍ୱର୍ଗପୁରକୁ ଗମନ କରିଥିଲେ । ସଂସ୍କୃତରେ ଏକ ଶ୍ଳୋକ ରହିଛି ଯେ, 'ଅତି ଗର୍ବେ ହତ ଲଙ୍କା, ଅତି ମାନ ଚେ କୌରବା । ଅତି ଦାନେ ବଳୀ ବଧ ଅତି ସର୍ବତ୍ର ଗର୍ହିତଃ ।' ଜୟ ଶ୍ରୀ ବାମନ ଅବତାରଛ ଜୟ ଜଗନ୍ନାଥ ସ୍ୱାମୀ

**ତୁଳସୀପୁର, ପୁରୀ**
**ମୋ–୯୪୩୯୩୬୧୮୮୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲଗାଣ...

ଧିରେନ୍ ନାୟକ ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ସେହିପରି ବୁଧବାର ସକାଳ ଠାରୁ ଦୁହାଳୁ ବୁହା ବର୍ଷା ଲାଗି ରହିଛି । ବିଭିନ୍ନ ସ୍ଥାନରେ ଏତେଭଳି ରାସ୍ତା ଉପରେ ପାଣି ଲହଡ଼ି ମାରିବା ଫଳରେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ଗାଡ଼ି ମଟର ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବେପାର ବଣିଜ ଏକପ୍ରକାର ଠପ୍ ହୋଇଯାଇଛି । ଦିନ ମଜୁରିଆମାନେ କାମଧନ୍ଦା ନପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉତ୍ତକାଳି ମଙ୍ଗଳବାର ବାଲେଶ୍ୱର ଉପଜିଲ୍ଲାପାଳ ବିଷ ମାଲିଭାଇ, ତହସିଲଦାର ଦେବିପ୍ରସନ୍ନ ସାରଙ୍ଗୀ ପ୍ରମୁଖ ବିଭିନ୍ନ ଅଞ୍ଚଳ ପରିଦର୍ଶନରେ ଯାଇଥିବା ବେଳେ ଉଭୟ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ଲୋକମାନେ ଘେରିବା ସହ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ଦାବି କରିଥିଲେ । ଡ୍ରେନ୍ ଜବରଦଖଲ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଲୋକମାନେ ଅଭିଯୋଗ କରଥିଲେ । ଉପଜିଲ୍ଲାପାଳ ଲୋକମାନଙ୍କ କଥାକୁ ସ୍ୱୀକାର କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ତିନି ସପ୍ତାହ ମଧ୍ୟରେ ବଙ୍ଗୋପସାଗରରେ ଚାରୋଟି ଲଘୁଚାପ ସୃଷ୍ଟି ହୋଇ ଉତ୍ତର ବାଲେଶ୍ୱରର ଚାରୋଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଥିବା ବେଳେ ଆଜି ସହରୀ ବନ୍ୟା ଲୋକଙ୍କୁ କଲ ବଲ କରିଛି । ରେମୁଣା ଓ ବାଲେଶ୍ୱର ସଦର ବିଧାୟକ ଗତ ପନ୍ଦର ଦିନ ତଳେ ସହରୀ ବନ୍ୟା ବିଶେଷ କରି ନୂଆସାହି ଓ ବାଲିଆ ଛକ ରେ ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନଥିବା ସମସ୍ୟାର ସ୍ଥାୟୀ ସମାଧାନ କରିବା ଲାଗି ଘଟଣା ସ୍ଥଳ ପରିଦର୍ଶନ କରିଥିଲେ । ଏ ନେଇ ଦୁଇ ବିଧାୟକ ବିଭାଗୀୟ ଯନ୍ତ୍ରୀ ଓ ସରକାରଙ୍କ ସହ ଆଲୋଚନା କରିଛନ୍ତି । ତେବେ କୁରୁକୁରୁ ଆଉର ଜଳ ଚାଲିଯିବା ପର୍ଯ୍ୟନ୍ତ ଜଳ ନିଷ୍କାସନ ହୋଇନପାରି ସହରଆଇକୁ ଚାଲିଥାଇଛି । ସେହିପରି ବିଲ ଗୁଡ଼ିକରେ ଏବେ ହଜାର ହଜାର କୋଠା ଘର ନିର୍ମାଣ ହୋଇଛି ସତ ହେଲେ ନୂଆ ନୂଆ କଲୋନୀ ଗୁଡ଼ିକରେ ନା ଭଲ ରାସ୍ତା ଅଛି ନା ଡ୍ରେନେଜ ବ୍ୟବସ୍ଥା ରହିଛି । ତେଣୁ ଉଦବୃତ୍ତ ବର୍ଷା ଜଳ ତାର ଧର୍ମ ପାଳନ କରି ନିମ୍ନଗାମୀ ହେବା ସହ ଲୋକଙ୍କ ଜୀବନକୁ ଦୁର୍ବିସହ କରି ଦେଉଛି ।

## ନିଗମ...

ନିଷ୍ପତ୍ତି ଯଦିଓ ଅସ୍ପଷ୍ଟ ରହିଛି ତେବେ ଦଳୀୟ ସଂଗଠନ ଓ ନିଗମ ବୋର୍ଡ ନିଯୁକ୍ତି ଲାଗି ବାଟ ଫିଟିବ ବୋଲି ଆଲୋଚନା ହେଉଛି । ବିଧାନସଭା ଥିଲେ ମଧ୍ୟ ବୋର୍ଡ ଓ ନିଗମରେ ନିଯୁକ୍ତି ଲାଗି କୌଣସି ବାଧା ନାହିଁ ।

## ମହିଳା...

ଡ୍ରେନେଜ୍ ବ୍ୟବସ୍ଥା ନଥିବା କାରଣରୁ ଶ୍ରେଣୀ ଗୃହର ଭିତର ପରିସର ସମ୍ପୂର୍ଣ୍ଣ ଜଳାର୍ଦ୍ର ହୋଇପଡ଼ିଥିଲା । ଶ୍ରେଣୀ ଗୃହରେ କାଦୁଅ ପାଣି ଏବଂ ଆବର୍ଜନାର ଉପସ୍ଥିତି ପରିବେଶ ସୃଷ୍ଟି କରିଥିବାରୁ ଏ ନେଇ ଅସନ୍ତୋଷ ଦେଖାଦେଇଛି । ମହାବିଦ୍ୟାଳୟର ତିନିପାର୍ଶ୍ୱରେ ବଡ ବଡ କୋଠା ଘରମାନ ଗଢ଼ି ଉଠିଥିବା ଓ ଦିନକୁ ଦିନ ରାସ୍ତା ଉଚ୍ଚ ହେବା ସହ ସେହି ତୁଳନାରେ ମହାବିଦ୍ୟାଳୟର ପରିସର ଡାଉନ୍ ହୋଇଥିବାରୁ ପାଣି ପଶୁଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି । ସେହିପରି ଭବିଷ୍ୟତରେ ଶ୍ରେଣୀ ଗୃହରେ ପାଣି ନପଶିବା ଓ ମହାବିଦ୍ୟାଳୟ ପରିସରରୁ ପାଣି ନିଷ୍କାସନ ବନ୍ଦୋବସ୍ତ କରିବା ଦିଗରେ ସ୍ଥାନୀୟ ପ୍ରଶାସନ, ନିର୍ବାଚିତ ଜନ ପ୍ରତିନିଧି ଓ ସଚେତନ ନାଗରିକ ତତ୍ପର ହେବା ଆବଶ୍ୟକ । ଏହି ଘଟଣା ପରେ ବୁଧବାର ଅପରାହ୍ନରେ ଏନ୍.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ଓ ଦୁଇ ତରଫରୁ ମହିଳା ମହାବିଦ୍ୟାଳୟକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି ।

## ଏବର୍ଷ...

ଜଳଧାରା । ସେପେଟମ୍ବରରେ ବିକଶିତ ହୋଇ ଭାରତରେ ମୌସୁମୀକୁ ଅଧିକ ସକ୍ରିୟ କରିଥାଏ । ଫଳରେ ଦେଶରେ ପ୍ରବଳଧାରରେ ବର୍ଷା ହୋଇଥାଏ । ଏହାଦ୍ୱାରା ଶୀତ ଦିନରେ ହାଡ଼ ଭଙ୍ଗା ଥଣ୍ଡା ଅନୁଭୂତ ହୋଇଥାଏ । ହାରାହାରି ଠାରୁ ଅଧିକ ଥଣ୍ଡା ପଡ଼ିଥାଏ । ବିଶେଷ ଭାବେ ଉତ୍ତର ଭାରତରେ ଏହା ପ୍ରଭାବିତ ହୋଇଥାଏ । ସାଧାରଣତଃ ଦୁଇରୁ ସାତ ବର୍ଷରେ ଏଲ-ନିନୋ ଏକ ବର୍ଷରୁ କମ୍ ସମୟ ଏବଂ ଲା-ନିନା ଏକ ବର୍ଷରୁ ତିନି ବର୍ଷ ପର୍ଯ୍ୟନ୍ତ ରହିଥାଏ ।

ବିଶ୍ୱ ପାଣିପାଗ ସଂଗଠନର ମହାସଚିବ ସେଲେଷ୍ଟ ସାଓଲୋ କହିଛନ୍ତି, ଏଲନିନୋ ଏବଂ ଲା-ନିନା ହେଉଛି ମହାସାଗରରେ ପ୍ରାକୃତିକ ଭାବେ ସୃଷ୍ଟି ହେଉଥିବା ଜଳବାୟୁ ଘଟଣା । ଏହା ସାମାନ୍ୟ ଜଳବାୟୁକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା କୃଷି, ଉର୍ଜା, ସ୍ୱାସ୍ଥ୍ୟ ଏବଂ ପରିବହନ ଆଦି ପ୍ରମୁଖ କ୍ଷେତ୍ର ପ୍ରଭାବିତ ହୋଇଥାଏ । ଡବ୍ଲ୍ୟୁଏମ୍ଓ ପୂର୍ବାନୁମାନ ଦ୍ୱାରା ଲକ୍ଷାଧିକ ଡଲାର ସମ୍ପତ୍ତି ନଷ୍ଟ ହେବାରୁ ବର୍ତ୍ତି ଯାଇଥାଏ । ପ୍ରାକୃତିକ ବିପର୍ଯ୍ୟୟରୁ ହଜାର ହଜାର ଲୋକଙ୍କ ଜୀବନ ବଞ୍ଚିଯାଏ । ହେଲେ ଭୂ-ପୃଷ୍ଠରେ ଜଳବାୟୁ ପରିବର୍ତ୍ତନର ଏକ ମାତ୍ର କାରକ ଏଲ୍‌ନିନୋ କିମ୍ବା ଲା-ନିନା ନୁହେଁ ବୋଲି ସେଲେଷ୍ଟ କହିଛନ୍ତି ।

## ଓଡ଼ିଶା...

ଉଦ୍ୟମ ଆରମ୍ଭ ହୋଇଛି । ସେମିକଣ୍ଡକ୍ଟର ମିଶନରେ ଏହା ହେଉଛି ଏକ ଲ୍ୟାଣ୍ଡମାର୍କ ପ୍ରକଳ୍ପ । ଓଡ଼ିଶାର ସେମିକଣ୍ଡକ୍ଟର ମାନୁଫାକଚରିଂ ଏବଂ ଫାବଲେସ୍ ପଲିସି ଏବଂ ଇଲେକ୍ଟ୍ରୋନିକ୍ସ କମ୍ପୋନେଟ୍ ଏବଂ ମାନୁଫାକଚରିଂ ପଲିସି ଯୋଗୁ ଏଭଳି ବିଶ୍ୱସ୍ତରୀୟ ସଂସ୍ଥା ଓଡ଼ିଶାରେ ନିବେଶ ପାଇଁ ଆଗ୍ରହି ହୋଇଛନ୍ତି । ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରୀୟ ନବସୃଜନର ଇକୋ ସିଷ୍ଟମ କରିବାକୁ ଆମେ ପ୍ରତିବଦ୍ଧ ।

## ଏସ୍‌ଓପି...

୧୪ଟି ସବକମିଟି ଗଠନ କରାଯାଇଥିଲା । ଶ୍ରୀମନ୍ଦିରର ସୁପରିଚାଳନା ପାଇଁ ସବ କମିଟିର ପରାମର୍ଶ କ୍ରମେ ପରିଚାଳନା କମିଟିରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ କରାଯାଏ । ଶ୍ରୀମନ୍ଦିର ଆଇନ ୧୯୫୫ ମୁତାବକ, ପ୍ରଥମେ ୪ଟି ସବକମିଟି ଯଥା ଅର୍ଥ, ନୀତି, ରତ୍ନଭଣ୍ଡାର, ଅପିଲ୍ ସବକମିଟ ଗଠନ କରାଯାଇଥିଲା । ପ୍ରଥମଥର ପାଇଁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ନୂତନ ସବକମିଟି ଗଠନ କରାଯାଇଛି ଏହି କମିଟିରେ । ଗିରିଶ୍ ମୁର୍ମୁ ଅଧ୍ୟକ୍ଷ ସହ ଜିଲାପାଳ, ଜିଲା ଆରକ୍ଷୀ ଅଧିକ୍ଷକ, ସେବାୟତମାନେ ଏଥିରେ ସଦସ୍ୟଭାବେ ରହିଛନ୍ତି । ପ୍ରତ୍ୟେକ କମିଟିରେ ପରିଚାଳନା କମିଟିର ସଭ୍ୟ ରହିଛନ୍ତି । ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ଓ ପ୍ରକାଶନ ଏବଂ ସେବକ କଲ୍ୟାଣ ସବକମିଟି ଗଠନ କରାଯାଇଛି । ଏଥିରେ ଜିଲାପାଳ ଅଧ୍ୟକ୍ଷ, ଜିଲା ଆରକ୍ଷୀ ଅଧିକ୍ଷକ ସଦସ୍ୟ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଦସ୍ୟ, କିଛି ସେବାୟତ ସଦସ୍ୟ ଭାବେ ରହିଛନ୍ତି । ଭୂମି ସବକମିଟି ବା ଲ୍ୟାଣ୍ଡ ସବକମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷ,ଜିଲାପାଳ, ଦେବୋତ୍ତର କମିଶନର ସଦସ୍ୟଭାବେ ରହିଛନ୍ତି । ପ୍ରକଳ୍ପ ସାଂସ୍କୃତିକ ସବକମିଟି ତଥା ଶ୍ରୀମନ୍ଦିରରେ ଯାହା କିଛି କାରୁକାର୍ଯ୍ୟ ହେଉଛି । ସେଥିରେ ଗଜପତି ମହାରାଜା ଅଧ୍ୟକ୍ଷ,ଅନ୍ୟମାନେ ସହ ମନୋନୀତ ସଦସ୍ୟ ସଭ୍ୟଭାବେ ରହିଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ପେନସନ୍ ଟ୍ରଷ୍ଟ ବୋର୍ଡ ଏବଂ ସଂସ୍ଥା ସବକମିଟିରେ ଜିଲାପାଳ ଅଧ୍ୟକ୍ଷଭାବେ କାର୍ଯ୍ୟ କରିବା ସହ ଅନ୍ୟାନ୍ୟ ଅଧିକାରୀ ସଭ୍ୟଭାବେ ରହିଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ଆଇନରେ ସଂଶୋଧନ ପାଇଁ ବିଧି ସବକମିଟିଗଠିତ ହୋଇଛି । ଯେଉଁଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷ ଓ ଅନ୍ୟମାନେ ସଭ୍ୟଭାବେ ରହିଛନ୍ତି ।

ଭୂସମ୍ପତ୍ତିର ସୁରକ୍ଷା ପାଇଁ ଓକିଲ ନିଯୁକ୍ତି ସହ ନୀତି ସମନ୍ୱୟ ସବ କମିଟି ଗଠନ କରାଯାଇଛି । ଏଥିରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଅଧ୍ୟକ୍ଷ ରହିବା ସହ ନୀତି ସବକମିଟିରେ ମନୋନୀତ ସଦସ୍ୟ ସଭ୍ୟଭାବେ ରହିଛନ୍ତି । ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ କିଭଳି ମହାପ୍ରଭୁଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରି ପାରିବେ । ସେ ସମ୍ପର୍କରେ ନୀତି ସବ କମିଟି ନିଷ୍ପତ୍ତି ଗ୍ରହଣ କରିବେ । ଚଳିତ ମାସ ୧୫ ତାରିଖରେ ନାଟମଣ୍ଡପରେ ଧାଡି ଦର୍ଶନ ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଜିଲାପାଳ,ଜିଲା ଆରକ୍ଷୀ ଅଧିକ୍ଷକ, ୫ ଜଣ ସେବକ ପ୍ରତିନିଧି, ଓବିସିସି,ଏଏସଆଇ ପ୍ରତିନିଧି ପ୍ରମୁଖ ଧାଡି ଦର୍ଶନ ସମ୍ପର୍କରେ ସମୀକ୍ଷା କରିବେ । ଧାଡି ଦର୍ଶନ ପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଭାବିତ ଯେଉଁଭଳି ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ପ୍ରଥମେ ପରୀକ୍ଷା ମୂଳକ ଭାବେ ଧାଡି ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ । ଏନେଇ ଖୁବଶୀଘ୍ର ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ କରାଯିବ ବୋଲି ସୂଚନା ମିଳିଛି । ଯାହାକୁ ନୂତନ ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯାଇଛି । ଅନ୍ୟ ପକ୍ଷରେ ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପାଇଁ ଏଏସଆଇ ପକ୍ଷରୁ ଅନୁମତି ମିଳିଛି । ଏନେଇ ପରିଚାଳନା କମିଟି ପକ୍ଷରୁ ଧାଡ଼ି ଦର୍ଶନ ପାଇଁ ଏକ ନିୟମ ପ୍ରଣୟନ କରାଯିବ । ପରେ ନାଟ ମଣ୍ଡପରେ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ । ଦିବ୍ୟାଙ୍ଗ ମାନଙ୍କ ପାଇଁ ଉତ୍ତରଦ୍ୱାରରେ ରାମ୍ପ ବ୍ୟବସ୍ଥା ପାଇଁ ଏକ ସବ କମିଟି ଗଠନ କରାଯାଇଛି । ବୈଠକରେ ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା । ଅନ୍ୟ ପକ୍ଷରେ ଦୀଘାରେ ଜଗନ୍ନାଥ ଧାମ ଲେଖାକୁ ନେଇ ପରିଚାଳନା କମିଟି ସଦସ୍ୟମାନେ କ୍ଷୋଭ ସହ ଆପତ୍ତି ପ୍ରକାଶ କରିଛନ୍ତି । ଚଳିତ ମାସ ୬ତାରିଖରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ନେଇ ଗଜପତି ମହାରାଜାଙ୍କ ଦ୍ୱାରା ଏକ ପ୍ରେସବିଜ୍ଞପ୍ତି ପ୍ରକାଶ କରାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ଇସ୍କନର ପରିଚାଳନା କମିଟି ନିକଟକୁ ଏହି ପ୍ରେସ ବିଜ୍ଞପ୍ତି ପଠାଯିବ ବୋଲି ସୂଚନା ମିଳିଛି । ଜଗନ୍ନାଥ ଧାମ ଶବ୍ଦର କୌଣସି ପ୍ରକାର ଅପବ୍ୟବହାର କେହି କରିପାରିବେ ନାହିଁ ବୋଲି କମିଟି ସଦସ୍ୟମାନେ କହିଛନ୍ତି । ସଂସଦ ଭବନରେ ତିନି ରଥର ଚକ ସ୍ଥାନିତ ପାଇଁ ପରିଚାଳନା କମିଟି ଅନୁମୋଦନ କରିଛି । ଶ୍ରୀମନ୍ଦିର ଭିତରେ ମାତୃ ସ୍ତନ୍ୟପାନ ଗୃହ କାର୍ଯ୍ୟକ୍ଷମ ଉପରେ ମଧ୍ୟ ଆଲୋଚନା ହୋଇଥିବାର ସୂଚନା ମିଳିଛି । ଏହି ବୈଠକରେ ଗଜପତି ମହାରାଜଙ୍କ ସମେତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ମନୋନୀତ ସଦସ୍ୟ ଡ଼. ଗିରିଶ ଚନ୍ଦ୍ର ମୁର୍ମୁ, ଚାଟାର୍ଡ ଆକାଉଣ୍ଟାର୍ଟ ଏକେ ସାବତ, ମହେଶ କୁମାର ସାହୁ, ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଏବଂ ଅନ୍ୟ ସଦସ୍ୟମାନେ ଯୋଗଦାନ କରିଥିଲେ ।

## ଓଡ଼ିଶା...

୩୦ ଅଗଷ୍ଟ, ୨୦୨୫ରେ ପ୍ରସାରିତ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଘଟଣା ସାମ୍ପ୍ରଦାୟିକ ଏବଂ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି ।

## ନିଶା...

କରିଥିଲେ ମଧ୍ୟ ଏତଲା କପି ଦେଇନାହିଁ । ନିଶା ନିବାରଣ କେନ୍ଦ୍ରରୁ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ।

୨୦୨୫ ମସିହାରେ ଭରତପୁର ଘଟଣାକୁ ମିଶାଇ ୪ଟି ଘଟଣା ଘଟିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉନାହିଁ । ଭରତପୁର ଘଟଣାରେ ନିଶା ନିବାରଣ କେନ୍ଦ୍ର ପକ୍ଷରୁ ଆମ୍ବହତ୍ୟା କରିଥିବା କୁହାଯାଇଥିବା ବେଳେ ପରିବାର ଲୋକେ କହିଛନ୍ତି ଅନ୍ତେବାସୀଙ୍କୁ ଜଗିବା ପାଇଁ ସୁରକ୍ଷା କର୍ମୀ ଅଛନ୍ତି । ସେମାନେ କ'ଣ ଦେଖିପାରିଲେ ନାହିଁ ଯେ, ସୂର୍ଯ୍ୟକାନ୍ତ ଆମ୍ବହତ୍ୟା କଲାବେଳେ । ପରିବାର ଲୋକଙ୍କ କହିବାନୁଯାୟୀ ପିଟି ପିଟି ହତ୍ୟା କରିବା ପରେ ନିଶା ନିବାରଣ କେନ୍ଦ୍ର ପକ୍ଷରୁ ଆମ୍ବହତ୍ୟା ରୂପ ଦିଆଯାଉଛି । ସୂର୍ଯ୍ୟକାନ୍ତ କଦାପି ଆମ୍ବହତ୍ୟା କରିବ ନାହିଁ ବୋଲି ପରିବାର ପକ୍ଷରୁ କୁହାଯାଉଥିଲେ ମଧ୍ୟ ପୋଲିସ ସେମାନଙ୍କୁ ବୁଝାଇ ଦେଉଛି, ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ହତ୍ୟା କି ଆମ୍ବହତ୍ୟା ଜଣାପଡ଼ିବ । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ ବୋଲି ପୋଲିସ କହୁଥିବା ବେଳେ ସୂର୍ଯ୍ୟକାନ୍ତଙ୍କ ପରିବାର ପାଳଟା ଅଭିଯୋଗ କରିଛନ୍ତି । ତାଙ୍କ କହିବାନୁଯାୟୀ ନିଶା ନିବାରଣ କେନ୍ଦ୍ର ମାଲିକଙ୍କ କଥାରେ ପୋଲିସ ପ୍ରଭାବିତ ହୋଇ ଏପରି କହୁଛି ।

## ଦୁଇ ଥାକିଆ...

ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ । ପ୍ରାୟ ୮ଟି କ୍ଷେତ୍ରରେ ଜିଏସ୍ଟି ସଂସ୍କାର ଅଣାଯାଇ ଲୋକଙ୍କୁ ସୁବିଧା ଦିଆଯିବ । ମୁଖ୍ୟତଃ ବୟନ ଶିଳ୍ପ, ସାର, ଅଣପାରମ୍ପରିକ ଶକ୍ତି, ହସ୍ତକଳା, କୃଷି, ସ୍ୱାସ୍ଥ୍ୟ ଓ ବୀମା ଉପରେ ଟିକସ କମ ଲଗାଯିବ । ୨୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଦ୍ରୁତ ମହଙ୍ଗା ହୋଇଯାଉ । ପୂର୍ବରୁ ଏହା ଉପରେ ୧୨% ଟିକସ ଥିଲାବେଳେ ଏହାକୁ ୧୮% କରିବା ପାଇଁ ପ୍ରସ୍ତାବ ଆସୁଛି । ସୌଖୀନ ସାମଗ୍ରୀ, ଦାମିକିଆ କାର, ଅଲ୍‌କୋହଲ, ଗ୍ୟାମ୍ବ୍ଲିଂ, ମୃଦୁ ପାନୀୟ, ଔଷଧ ଫାଷ୍ଟଫୁଡ୍, କଫି, ଚିନି ଓ ଟବାକୋ ସାମଗ୍ରୀରେ ଟିକସ ଲାଗିପାରେ । କୋଇଲା ଓ ଅନ୍ୟ ସାମଗ୍ରୀ ଉପରେ ଟିକସ ନେଇ ବିଚାର ଚାଲିଛି । ୫% ଟିକସ ସ୍ଲାବ୍‌ରେ ଫିଡ଼ିଂ ବଟଲ, କାର୍ପେଟ୍, ଛତା, ସାଇକଲ, ପେନ୍‌ସିଲ୍, କାଠ ସାମଗ୍ରୀ, ଝୋଟ ଓ ସୂତାରେ ନିର୍ମିତ ହ୍ୟାଣ୍ଡ ବ୍ୟାଗ୍, ହଜାରେ ଟଙ୍କାରୁ କମ ଜୋତାର ମୂଲ୍ୟ ହ୍ରାସ ହୋଇପାରେ । ସେହିଭଳି ଡ୍ରାଏ ଫ୍ରୁଟ୍ସ, କ୍ଷୀର, ପ୍ରକ୍ରିୟାକୃତ ପରିବା, ପାସ୍ତା, ଜାମ୍, ନମ୍‌କିନ୍ସ ଶସ୍ତା ହୋଇପାରେ । ଫଳ, ପରିବା, ଔଷଧ, ଟୁଥ୍ ପାଉଡର, ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ଶିକ୍ଷା ଟିକସ ହ୍ରାସ ହୋଇପାରେ । ଦୈନନ୍ଦିନ ବ୍ୟବହାର ହେଉଥିବା ସାମଗ୍ରୀ ଗୁଡ଼ିକ ଉପରେ ଟିକସ ହ୍ରାସ ପାଇଁ ଆଲୋଚନା ଚାଲିଛି । କେତେକ ସ୍ୱତନ୍ତ୍ର ସାମଗ୍ରୀ ଉପରେ ୪୦% ଟିକସ ଲାଗିପାରେ । ୫୦ ବର୍ଷରୁ ଉର୍ଦ୍ଧ୍ୱ ମୂଲ୍ୟ କାର୍ ଉପରେ ଏହି ଟିକସ ଲାଗିବାର ସମ୍ଭାବନା ରହିଛି ।


**AFFIDAVIT**

By virtue of an affidavit sworn before Notary Public, Nayagarh Odisha on dated 21.09.2024 I, Nirakar Pradhan, S/o-Narayan Pradhan Resident of Village Nandighor, P.O-Nandighor, P.S-Odagaon, Dist-Nayagarh, PIN-752081 declare that I have changed my minor Son's name from Iswar Pradhan to Ashutosh Pradhan. Henceforth, he shall be known as Ashutosh Pradhan for all purposes.

Sd/- Nirakar Pradhan

**AFFIDAVIT**

I, PRAMODA KUMAR NAYAK, S/O- SANKAR NAYAK, UDAYAPATH, NAYAGARH-752069, ODISHA DECLARE BY THIS AFFIDAVIT NO-30422, Dt-03.09.2025 THAT NOW ONWARDS I SHALL BE KNOWN AS **PRAMOD KUMAR NAYAK** FOR ALL FUTURE PURPOSES.

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ.: ଆରଏସଡି-କେଜିପି-ଏନ୍‌ଏମ୍‌ପି-ଏମଇଏଏଲ-ଆଇଆଇ-୪-୨୫, ତାରିଖ : ୦୨.୦୯.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଇଇ/ଓପି, ଖଡ଼ଗପୁର, ଡିଆରଏମ୍ ବିଲ୍ଡିଂ, ପ୍ରଥମ ମହଲା ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ୍ ସହାଣେ ସୂଚିତ ତାରିଖର ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟର ବିବରଣୀ : ବାହାର ସଂସ୍ଥା ଦ୍ୱାରା ୨ ବର୍ଷ ଅବଧି ଅର୍ଥାତ୍ ୭୩୦ ଦିନ ପାଇଁ ରନିଂ ରୁମ୍, ନିମପୁରା (ଏନ୍‌ଏମ୍‌ପି) ଠାରେ ଅଧିବାସୀ ଏବଂ ଗାର୍ଡେନିଂ ଛାଡି ରିହାତି ମୂଲ୍ୟରେ ଏବଂ ବ୍ୟକ୍ତିଗତ ରେସନ୍ ମିଲ୍ ଯୋଗାଇବା ଓ ପ୍ରସ୍ତୁତ କରିବା । ଟେଣ୍ଡର ମୂଲ୍ୟ : ଟ. ୧,୦୦,୩୮,୭୩୨.୨୦ (ଜିଏସ୍‌ଟି ସମେତ) । ଇଏମଡି : ଟ. ୨,୦୦,୨୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଟ. ୫,୦୦୦/- । ଖୋଲା ତାରିଖ : ୨୪.୦୯.୨୦୨୫, ସମାପ୍ତି ସମୟ : ୦୨ ବର୍ଷ (୭୩୦ ଦିନ) । ଦାଖଲ ତାରିଖ : ୨୪.୦୯.୨୦୨୫ ରିଖ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ, ସ୍ପେସିଫିକେସନ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ ହେବ । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖି ପାରିବେ । (PR-589)

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
E-mail ID : rourkelamunicipality@gmail.com

C-997 — No. 10225 Date : 21.08.2025

**EOI for Empanelment of Contractors for Repair of BT Road under Rourkela Municipal Corporation for 01 Year.**

Rourkela Municipal Corporation invites expression of interest (EOI) for empanelment of Contractors/Agencies for Minor Civil Work under Rourkela Municipal Corporation for 01 Year. The details of EOI may be seen/ download from www.rmc.nic.in. Any Changes, corrigendum etc. will be updated at the mentioned portal only. For further queries/ comments, please contact to E-mail ID of rourkelamunicipality@gmail.com.

EOIs are to be submitted through sealed cover envelope containing two separate sealed envelopes for Technical and Financial Proposals. The interested Individuals/ Agencies should submit the complete EOI in the sealed cover addressed to Commissioner, Rourkela Municipal Corporation, Uditnagar, Rourkela-769012 (Odisha) super scribing as **"EOI for Empanelment of Contractors for Repair of BT Road under Rourkela Municipal Corporation for 01 Year"** through Speed Post/ Registered Post/ Courier or By Hand on or before **15.09.2025** up to **1.00 PM.** The EOI will be opened on the same day at 4.30 PM in presence of the Applicants who wish to attend. If the last date of submission, opening of EOI and other schedule happens to be a holiday, the next working day will be treated as the schedule for the same. Authority reserves the right to accept/ reject any or all the EOIs without assigning any reason thereof.

Sd/- Commissioner
Rourkela Municipal Corporation
OIPR : 13131/11/0163/2526

**ୟୁନିଅନ ବ୍ୟାଙ୍କ Union Bank**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡ଼ା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା, ପିନ୍-୭୬୫୦୦୧
**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ ଆମର **ସମ୍ପୃକ୍ତ ଶାଖା ପରିସରରେ ତା.୧୨.୦୯.୨୦୨୫ରିଖ ଅପରାହ୍ନ ୧୨.୩୦ ଘଣ୍ଟିକା** ସମୟରେ ସେମାନଙ୍କଦ୍ୱାରା ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମରେ) |
|---|---|---|---|
| | **ଜୟପୁର ମୁଖ୍ୟ ଶାଖା, ଜୟପୁର, ମୋ.: ୯୮୯୯୨୨୪୩୧୩** | | |
| ୧. | ଏ ଭେଙ୍କଟଆଚାରୀ, ପିତା: ଏ ଆସ୍ପା ରାଓ, ସା: ପି. ଆର୍. ପେଟା, ୪ର୍ଥ ଲେନ, ଜୟପୁର, ପିନ୍-୭୬୪୦୦୩ / ୦୨୬୦୩୦୧୦୦୦୩୮୪୭୧ | ଟ.୧,୩୩,୯୬୫.୦୦ + ସେବାବଦ ସୁଧ | ୨୩.୦୦ |
| ୨. | ଅଗ୍ଗୁରୁ ତାତଆଚାରୀ, ପିତା: ଅଗ୍ଗୁରୁ ଆପ୍ପା ରାଓ, ମେନ୍ ରୋଡ୍, ପଦ୍ମଶ୍ରୀ ବୁକ୍ ଷ୍ଟୋର, ଜୟପୁର, ପିନ୍-୭୬୪୦୦୧ / ୦୨୬୦୩୦୧୦୦୦୨୦୦୯୨ | ଟ.୧,୬୦,୦୧୧.୦୦ + ସେବାବଦ ସୁଧ | ୩୧.୦୦ |
| ୩. | ମହମ୍ମଦ ଲତିଫୁର ରହେମାନ, ପିତା: ଏମ୍ କେ ରହେମାନ, ମେନ୍ ରୋଡ୍, ଜୟପୁର, ପିନ୍-୭୬୪୦୦୧ / ୦୨୬୦୩୦୧୦୦୦୩୧୮୪୯ | ଟ.୪୧,୫୭୫.୦୦ + ସେବାବଦ ସୁଧ | ୧୮.୦୦ |
| | **ସେମିଳିଗୁଡା ଶାଖା, ସେମିଳିଗୁଡା, ମୋ.: ୯୯୭୮୩୭୨୩୩୯** | | |
| ୧. | ସତ୍ୟବ୍ରତ ଦାସ, ପିତା: ମନମୋହନ ଦାସ, ଗୋପବନ୍ଧୁନଗର, ସେମିଳିଗୁଡ଼ା / ୧୪୦୮୧୬୫୪୦୦୦୦୧୪୧ | ଟ.୭୮,୦୩୨.୬୨ + ସେବାବଦ ସୁଧ | ୨୫.୧୨ |
| ୨. | ନମିତା ରାଉତ, ପିତା: ପୁରୁଷୋତ୍ତମ ନାୟକ, ଗୋପବନ୍ଧୁନଗର, ସେମିଳିଗୁଡା / ୧୪୦୮୧୬୫୪୦୦୦୦୭୭୧ | ଟ.୩୮,୯୩୧.୧୩ + ସେବାବଦ ସୁଧ | ୯.୩୬ |
| | **କଣ୍ଟାବାଞ୍ଜି ମୁଖ୍ୟ ଶାଖା, କଣ୍ଟାବାଞ୍ଜି, ମୋ.: ୮୯୮୪୨୪୮୦୮୨** | | |
| ୧. | ଅଭିମନ୍ୟୁ ହାତୀ, ପିତା: ଶଶି ହାତୀ, ସା: ପଖନମୁଣ୍ଡା, ପୋ: କୁଇବାହାଲ, ଥାନା: ତୁରେକେଲା, ବଲାଙ୍ଗୀର / ୧୩୬୮୧୬୫୪୦୦୦୦୧୦୭ | ଟ.୬୩,୦୦୦.୦୦ + ସେବାବଦ ସୁଧ | ୧୩.୦୦ |
| | **କାଶିନଗର ଶାଖା, ଟାଟା କଲୋନୀ, କାଶିନଗର ଏନ୍‌ଏସି, ଜିଲ୍ଲା: ଗଜପତି, ମୋ.: ୯୯୫୧୧୭୭୯୭୩** | | |
| ୧. | ଉକମ ଇନ୍ଦିରା, ପୁରୁଟିଗୁଡ଼ା, ଗଜପତି / ୦୩୨୪୩୦୧୦୦୦୫୧୨୬୯ | ଟ.୨୨,୦୭୩.୦୦+ ଟ.୧୬,୭୫୩.୮୦ + ସେବାବଦ ସୁଧ | ୧୦.୦୦ |
| | **ପ୍ରସାଦ ରାଓ ପେଟା ଶାଖା, ଇନ୍ଦିରା ଛକ, ପ୍ରସାଦ ରାଓ ପେଟା, ଏନ୍‌କେଟି ରୋଡ୍, ଜୟପୁର, ମୋ.: ୭୦୭୦୮୯୫୫୦୫** | | |
| ୧. | ଅନନ୍ୟା ମହାପାତ୍ର, ୧, ଝରିଗୁଡା, ନବରଙ୍ଗପୁର, କୋରାପୁଟ, ଓଡ଼ିଶା, ପିନ୍-୭୬୪୦୪୯ / ୨୫୦୪୧୬୬୩୦୦୦୧୩୧୭ | ଟ.୭୫,୩୮୫.୦୦ + ସେବାବଦ ସୁଧ | ୧୮.୦୦ |
| ୨. | ଅନନ୍ୟା ମହାପାତ୍ର, ୧, ଝରିଗୁଡା, ନବରଙ୍ଗପୁର, କୋରାପୁଟ, ଓଡ଼ିଶା, ପିନ୍-୭୬୪୦୪୯ / ୨୫୦୪୧୬୬୩୦୦୦୧୪୦୧ | ଟ.୨୧,୩୭୨.୦୦ + ସେବାବଦ ସୁଧ | ୫.୦୦ |
| ୩. | ଅନନ୍ୟା ମହାପାତ୍ର, ୧, ଝରିଗୁଡା, ନବରଙ୍ଗପୁର, କୋରାପୁଟ, ଓଡ଼ିଶା, ପିନ୍-୭୬୪୦୪୯ / ୨୫୦୪୧୬୬୩୦୦୦୧୧୯୧ | ଟ.୩୩,୬୬୪.୦୦ + ସେବାବଦ ସୁଧ | ୧୧.୦୦ |
| | **ପାରଳାଖେମୁଣ୍ଡି ଶାଖା, ପ୍ୟାଲେସ୍ ଷ୍ଟ୍ରିଟ୍, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡ଼ିଶା, ମୋ.: ୭୦୦୮୧୫୮୬୫୧** | | |
| ୧. | ଶ୍ରୀମତୀ ଶବର, ସ୍ୱାମୀ: ଗୁରୁମା ଶବର, ଗିରା, ଅଡ୍ଡୟଗଡ, ଗଜପତି, ଓଡ଼ିଶା, ପିନ୍-୭୬୧୨୦୭/ ୦୪୩୮୧୬୬୩୦୦୦୧୦୦୮ | ଟ.୧୦,୬୧୨.୨୨ + ସେବାବଦ ସୁଧ | ୨.୫୦ |
| | **ତୁଷୁରା ଶାଖା, ଠିକଣା- ପୋଷ୍ଟ ଅଫିସ୍ ନିକଟ, ତୁଷୁରା, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ପିନ୍-୭୬୭୦୩୦, ମୋ.: ୯୪୩୯୦୯୪୭୩୭** | | |
| ୧. | ରାଜକୁମାର ଶର୍ମା, ସା: ଦୁଙ୍ଗୁରିପାଲି, ପୋ: ତୁଷୁରା, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା / ୨୮୭୨୧୬୬୩୦୦୦୦୦୪୧ | ଟ.୩୫,୦୦୦.୦୦ + ସେବାବଦ ସୁଧ | ୮.୫୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡ଼ିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡ଼ିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ନିଶ୍ଚିତାକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

ସ୍ଥାନ : ରାୟଗଡ଼ା, ତାରିଖ : ୦୩.୦୯.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

A-571

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Engineer-In-Chief,**
**Water Resources. Secha Sadan. Bhubaneswar**
Email Address: cemech.eicwr.od@gmail.com

**e-Procurement Notice- Bid Identification No.- CEM/MDL-04/ 2025-26**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 01 (One) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : | CEM/MDL-04/2025-26 |
| 5. | Estimated Cost | : | Rs. 1,24,97,624.00 |
| 6. | Period of Completion | : | 03 (Three) calendar months. |
| 7. | Date & time of availability of bid documents in the Portal | : | From dt.06.09.2025 (10.00 AM) to dt.24.09.2025(5.30 PM) |
| 8. | Last date/ time for receipt of bid In the Portal | : | dt. 24.09.2025 (up to 5.30 PM) |
| 9. | Date and Place of opening of Technical Bid | : | dt.25.09.2025 (12.00 Noon onwards in the O/O the undersigned) |
| 10. | Date and Place of opening of Financial Bid | : | To be intimated to the qualified Bidders after evaluation of Technical Bid. |
| 11. | Name of the Officer inviting bid | : | Chief Engineer, Mechanical, O/O the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar
OIPR : 32520/11/0070/2526

**AFFIDAVIT**

By virtue of an affidavit in the court of Executive Magistrate, Bhubaneswar, Affidavit No. 9106, on dated. 01.09.2025. I, Susanta Kumar Panda, Aged (48), S/o- Rabindra Kumar Panda, Resident of At- Raghabapur, Po- Mandia, Raghabapur, Bedari, Dist- Kendrapara, Odisha, Pin- 754253. Declare that I have changed my wife's name from **Manasi Panda** to **Manasi Dash**. Henceforth, She shall be known as **Manasi Dash** for all purposes.

Sd/- Susanta Kumar Panda

**DECLARATION**

**By virtue of an affidavit No. 45619, dtd. 02.09.2025 before Notary Public, Bhubaneswar, We hereby DISOWNED to our son named Pankaj Kumar Somani from 02.09.2025 .**
**By**
**Pradeep Kumar Somani & Sanjulata Somani**
**of Flat No. 101 , Chanda Annex, Shree Krishna Vihar, Bhomikhal, Gobind Prasad, Bhubaneswar-751006, Odisha.**

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK - 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail osicltd@gmail.com. osicmd@gmail com. website osicltd.in
CAD-1665 — OSIC GST No. 21AAACO2101M1Z1

**e-Procurcment Notice for Building works**

Tender Notice No.1897 — Date : 02.09.2025

**Identification No. On line Building OSIC/Constn./2025-26/015**

(A) 1. Name of the work
Renovation work tor office space at 5th floor of OSIC Building at Cuttack.
2. Total No. of works : One
3. Estimated cost : Rs.26.45 lakhs (approx.)
4. Tender Cost : Rs.6000/- + GST 18% - Rs.7.080/-
5. Class of Contractor : B & C Class as per eligibility criteria online
6. Period ol completion : Three (3) calendar months)

(B) Other details

| Procurement online | Bid Identification | Availability of tender on-line for bidding | | Date & Time of opening of Tender in O//O MD OSIC Ltd. Cuttack |
|---|---|---|---|---|
| | | From | To | |
| M.D. OSIC Ltd., Cuttack | 015 of 2025-26 | 08.09.2025 At 5:00 P.M. | 03.10.2025 Up to 5:00 P.M. | 04.10.2025 at 3.30 P.M. |

Further details can be seen from the website www.tendersodisha.gov.in / www.osicltd.in

Any amendment corrigendum, cancellation or re-tender may please be referred to the website.

Sd/- General Manager (I/C)
OSIC Ltd., Cuttack
OIPR : 14073/11/0052/2526

**AFFIDAVIT**

By virtue of an affidavit sworn before Executive Magistrate Bhuban, dated. 03.09.2025 I, Bijaya Kumar Mahanta, S/o- Madan Mohan Mahanta permanent resident of Vill. / Po- Odisha, Ps- Bhuban, Dist.- Dhenkanal, Pin- 759024 declare that I have changed the name of my son Kunalkant Mohant to Kunalkanta Mahanta. Henceforth, he/she shall be known as Kunalkanta Mahanta for all purposes.

Kunalkanta Mahanta

**AFFIDAVIT**

By virtue of an affidavit sworn before the Notary Public, Rairakhol dated. 25.08.2025 I, Bhikari Pradhan, Son of Benudhar Pradhan, At- Haladinali (Dangapathar), P.O.- Gargadbahal, P.S.- Charmal, Dist- Sambalpur, Odisha, Pin- 768106 declare that I have changed my daughter's name from Gunman Pradhan to Gunjan Pradhan. Henceforth, she shall be known as Gunjan Pradhan for all purposes.

**ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଆତ୍ମା - ଆରକେଭିଓ୍ୱାଇ, କଟକ**
**ନୂତନ କୋଟେସନ୍ ଆମନ୍ତ୍ରଣ ନୋଟିସ୍**

ନଂ.୨୨୯୨, ଆତ୍ମା — ତାରିଖ : ୦୨.୦୯.୨୦୨୫

ଆଗ୍ରହୀ ପ୍ରତିଷ୍ଠିତ ଟ୍ରାଭେଲ ଏଜେନ୍ସି/ଟୁର୍ ଅପରେଟର କିମ୍ବା ଘରୋଇ ବ୍ୟକ୍ତିମାନଙ୍କଠାରୁ ଏକ ଗୋଟି ନନ୍-ଏସି ପେଟ୍ରୋଲ ଚାଳିତ ଯାନ (ବିଆରୋ/ବୋଲେରୋ/ସେଲେରିଓ/ସ୍ୱିଫ୍ଟ, ଡିଜାୟାର) ପ୍ରଦାନ ପାଇଁ ସିଲ୍ ହୋଇଥିବା କୋଟେସନ୍ ଆମନ୍ତ୍ରିତ କରାଯାଉଛି । ଏହି ଯାନରେ ଡ୍ରାଇଭରଙ୍କୁ ଅନ୍ତର୍ଭୁକ୍ତ କରି ବସିବା କ୍ଷମତା ଚାରି ଜଣରୁ ଅଧିକ ନୁହେଁ ଯାହା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା-ତଥା-ସିଡିଏଓ, କଟକଙ୍କ କାର୍ଯ୍ୟାଳୟରେ ସରକାରୀ ବ୍ୟବହାର ପାଇଁ ନିୟମ ଏବଂ ସର୍ତ୍ତାବଳୀ (ଅନୁଲଗ୍ନକ-ii) ଅନୁସାରେ ହେବ ଓ ଏହାକୁ ମାସିକ ଭଡ଼ା ଆଧାରରେ ନିର୍ଦ୍ଧାରିତ କରାଯିବ ।

୧. ଯାନଟି ରାସ୍ତାରେ ଚଳାଚଳ ଯୋଗ୍ୟ ଅବସ୍ଥାରେ ଥିବା ଆବଶ୍ୟକ, ପ୍ରାରମ୍ଭିକ ପଞ୍ଜୀକରଣ ତାରିଖରୁ ୩ ବର୍ଷରୁ ଅଧିକ ପୁରୁଣା ହେବ ନାହିଁ ଏବଂ ବୈଧ ପଞ୍ଜୀକରଣ ପ୍ରମାଣପତ୍ର, ବୀମା ପ୍ରମାଣପତ୍ର, ପିୟୁସି ପ୍ରମାଣପତ୍ର, ଫିଟନେସ୍ ପ୍ରମାଣପତ୍ର, ବୈଧ ଚୁକ୍ତିନାମା ପରିବହନ ଅନୁମତି, ଅପ ଟୁ ଡେଟ୍ ଟିକସ ଦେୟର ପ୍ରମାଣପତ୍ର ଇତ୍ୟାଦି ଯାନ ଚଳାଇବା ପାଇଁ ବାଧ୍ୟତାମୂଳକ ।
୨. ଗାଡ଼ିର ଡ୍ରାଇଭରଙ୍କର ହାଲୁକା ପରିବହନ ଯାତ୍ରୀବାହୀ ଯାନ ଚଳାଇବା ପାଇଁ ଏକ ବୈଧ ଡ୍ରାଇଭିଂ ଲାଇସେନ୍ସ ଥିବା ଆବଶ୍ୟକ ଏବଂ ଯାତ୍ରୀବାହୀ ଯାନ ଚଳାଇବାରେ ଯଥେଷ୍ଟ ଅଭିଜ୍ଞତା ଥିବା ଉଚିତ ।
୩. ଡ୍ରାଇଭରଙ୍କ ବ୍ୟବହାର ଉତ୍ତମ ହୋଇଥିବ, ଭଦ୍ର ଏବଂ ବିଶ୍ୱାସୀ ସ୍ୱଭାବର ହେବା ଉଚିତ ।
୪. ସାଧାରଣ ବିଡ୍ ସୂଚନାରେ (ଇନ୍ଧନ ଏବଂ ଡ୍ରାଇଭରଙ୍କ ବ୍ୟତୀତ) ମାସିକ ଭଡ଼ା ଚାର୍ଜ ପୃଥକ ଭାବରେ ନିର୍ଦ୍ଦିଷ୍ଟ କରାଯିବା ଉଚିତ ।
୫. ଯାନଟି ପ୍ରତି ଲିଟରରେ ୧୨ କିଲୋମିଟର ଇନ୍ଧନ ଦକ୍ଷତା ହାସଲ କରିବା ଆବଶ୍ୟକ ।
୬. କୋଟେସନ (ଅନୁଲଗ୍ନକ-iii), ସହିତ ପ୍ରଦାନ କରାଯିବା ସାଧାରଣ ବିଡ୍ ସୂଚନାରେ ଗାଡ଼ିର ନିର୍ମାଣ ଏବଂ ବର୍ଷ, ପଞ୍ଜୀକରଣ ନମ୍ବର, ମାଇଲେଜ୍ (ପ୍ରତି ଲିଟରରେ କିମି ଅନ୍ତର୍ଭୁକ୍ତ) ଏବଂ ଡ୍ରାଇଭିଂ ଲାଇସେନ୍ସ ନମ୍ବର ଥିବା ଡ୍ରାଇଭରଙ୍କ ନାମ ଏବଂ ବୈଧତା ଅବଧିର ବିବରଣୀ ନିର୍ଦ୍ଦିଷ୍ଟ ଭାବରେ ପ୍ରଦାନ କରାଯିବା ଉଚିତ ।
୭. ସମସ୍ତ ଦୃଷ୍ଟିରୁ ସମ୍ପୂର୍ଣ୍ଣ ହୋଇଥିବା ସିଲ୍ କୋଟେସନ ତାରିଖ ୧୨/୦୯/୨୦୨୫ ର ଅପରାହ୍ନ ୩.୦୦ ଟା ସୁଦ୍ଧା କିମ୍ବା ପୂର୍ବରୁ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ପହଞ୍ଚିବା ଉଚିତ ଏବଂ ସେହି ତାରିଖରେ ଅପରାହ୍ନ ୫.୦୦ ଟାରେ ବିଡ୍ ପ୍ରଦାନକାରୀ କିମ୍ବା ସେମାନଙ୍କ ଅଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଏହାକୁ ଖୋଲାଯିବ ।
୮. ସାଧାରଣ ବିଡ୍ ସୂଚନା ଏବଂ ଯାନବାହନ ଭଡ଼ା ପାଇଁ ନିୟମ ଏବଂ ସର୍ତ୍ତାବଳୀ ଇତ୍ୟାଦି ସମ୍ବଳିତ କୋଟେସନ୍ ଆବେଦନ ଫର୍ମ ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା କଟକଙ୍କ କାର୍ଯ୍ୟାଳୟରେ ତାରିଖ ୦୩.୦୯.୨୦୨୫ ରୁ ତାରିଖ ୧୧/୦୯/୨୦୨୫ ଦିନ ୧.୦୦ ଟା ପର୍ଯ୍ୟନ୍ତ ୧୦୦ ଟଙ୍କା ଦେୟରେ ଉପଲବ୍ଧ ହେବ । ଟଙ୍କା ରସିଦ ସିଲ୍ ହୋଇଥିବା କୋଟେସନ୍ ସହିତ ସଂଲଗ୍ନ କରାଯିବ ଉଚିତ୍ ।
୯. ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନଦର୍ଶାଇ କୋଟେସନ୍ ପ୍ରକ୍ରିୟାକୁ ବାତିଲ/ସ୍ଥଗିତ ରଖିବାର ସମସ୍ତ ଅଧିକାର ସଂରକ୍ଷଣ କରିଛନ୍ତି ।
୧୦. ମନୋନୀତ ବିଡରଙ୍କୁ ଏକ ଚୁକ୍ତିନାମା କାର୍ଯ୍ୟକାରୀ କରିବାକୁ ପଡ଼ିବ ଏବଂ କେବଳ ୧୦,୦୦୦/- (ଦଶ ହଜାର ଟଙ୍କା) ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା, କଟକଙ୍କ ସପକ୍ଷରେ ସୁରକ୍ଷା ଟଙ୍କା ଭାବରେ ଜମା କରିବାକୁ ପଡ଼ିବ ଯାହା ଚୁକ୍ତିନାମା ସମାପ୍ତ ହେବା ପରେ ଫେରସ୍ତ କରାଯିବ ।

ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, - ଆରକେଭିଓ୍ୱାଇ, କଟକ

**OFFICE OF THE PANCHAYAT SAMITI, KALIMELA**
At/Po-Kalimela, Dist.: Malkangiri
PIN - 764047 (ODISHA),
Ph No: 06850-272217,
E-mail- ori-Kalimela@nic.in

No. 3993 / IX-77/2025(Dev.) — Date : 02.09.2025
i-295

**TENDER CALL NOTICE No. 01/2025-26**

The Block Development Officer, Kalimela invites Percentage Rate bids in Single cover System for the civil work as detailed in the following table from eligible class of contractors as mentioned under column-8(eight) registered with the State Governments and Contractors of equivalent Grades/Class Registered with Central Government/MES Railways. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the State PWD in appropriate class of eligibility before signing of the agreement for the following works eventually to be drawn up in the P.W.D, P-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put to Tender (in Rs.) | Cost of Tender Paper (in Rs.) | E.M.D. (in Rs.) (1%) | Work Completion Period | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Chintalwada | Construction of office building with market complex for G.P. Level Federation at Chintalwada G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |
| 2 | Venkatapallam | Construction of office building with market complex for G.P. Level Federation at Venkatapallam G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |
| 3 | Maharajpally | Construction of office building with market complex for G.P. Level Federation at Maharajpally G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |

**Sale of tender paper** : The tender documents can be seen from the Govt. website **malkangiri.odisha.gov.in** only from **03.09.2025** to **22.09.2025 (up to 05:00 PM)**. No Tender paper will be sold by the Block office, Kalimela or any other offices. Interested bidders will download the bid documents from the same web site only i.e **malkangiri.odisha.gov.in**
**Place and date of receipt of tender Paper** : Panchayat Samiti, Kalimela, **03.09.2025** to **22.09.2025 (up to 05:00 PM)** through Registered/Speed post only i.e. Indian Postal Services (office hour from 10.00 AM to 5.00 PM, Except Sunday and public holidays).
Place and date of opening of tender paper :Panchayat Samiti, Kalimela on dt. 23.09.2025 at 11:00 AM. Mode of receipt of tender paper : Registered/Speed post only (India Post)
Name of the Scheme : Mission Shakti Grant for the year,2023-24.
The authority reserves the right to reject any or all of the tenders without assigning any reasons thereof. The detailed information/corrigendum on Tender call notice can be available in the District website malkangiri.odisha.gov.in only.
**N.B:** All Should go through the terms and conditions of Tender call Notice and Detail Tender call notice before submission of Tender papers.

OIPR : 19252/11/0007/2526 — Sd/- Block Development Officer, Kalimela


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଆତ୍ମହତ୍ୟା ପ୍ରବୃତ୍ତିରୁ ନିବୃତ୍ତ ରହିବାକୁ ବ୍ୟାପକ ହେବ ସଚେତନତା

# ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ଦିବସରୁ ଅଭିଯାନ ଆରମ୍ଭ

ଭୁବନେଶ୍ୱର (ସବ୍ୟୁ): ବାଲେଶ୍ୱରରେ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରେ ଗତ ଅଗଷ୍ଟ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିଅମଠାରେ ପୋଲିସ ବିଭାଗ ସହଯୋଗରେ "ନମନ ଫାଉଣ୍ଡେସନ' ଦ୍ୱାରା "ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏଭଳି କାର୍ଯ୍ୟକ୍ରମ ଅଧିକରୁ ଅଧିକ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ । ପୁଣି ଭୁବନେଶ୍ୱରରେ ଚଳିତମାସ୧୦ ତାରିଖରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଡିଟୋରିୟମରେ ପ୍ରଥମେ କାର୍ଯ୍ୟକ୍ରମ ହେବ । ଶେଷ କାର୍ଯ୍ୟକ୍ରମ କଟକରେ ହେବାକୁ ଆଲୋଚନା କରାଯାଇଥିଲା । ଶେଷ ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ ପୁରସ୍କାର ବିତରଣ କରାଯିବ । ଜିଲ୍ଲାରେ ଯେଉଁଠି କାର୍ଯ୍ୟକ୍ରମ ହେବ, ସେଦିନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଯୋଗଦେବା ସହିତ ସ୍ୱେଚ୍ଛାସେବୀଙ୍କ ସମେତ ଏନସିସି, ସ୍କାଉଟ୍ ଗାଇଡ୍ ସ୍ୱେଚ୍ଛାସେବୀ ସହଯୋଗ କରିବେ ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏପରି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଆୟୋଜନ କରିବାକୁ ରାଜ୍ୟ କ୍ରୀଡ଼ା, ଯୁବ ସେବା, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତି ଜିଲ୍ଲାରେ ଆୟୋଜନ କିପରି ସୁଚାରୁରୂପେ ହୋଇପାରିବ, ସେଥିପ୍ରତି ଜିଲ୍ଲା ପ୍ରଶାସନର ସହଯୋଗ ନିଆଯିବା ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱ ଦେଇଛନ୍ତି । ଏଥି ସହିତ ପ୍ରତି ସ୍କୁଲ, କଲେଜମାନଙ୍କରେ ଆତ୍ମହତ୍ୟା ପ୍ରବଣତା ରୋକିବା ପାଇର୍ ବକ୍ତୃତା, ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ପାଇଁ ପରାମର୍ଶ ଦେଇଛନ୍ତି । ସିନେ ଅଭିନେତା ସବ୍ୟସାଚୀ ମିଶ୍ର କହିଥିଲେ, ଆତ୍ମହତ୍ୟା ପ୍ରବଣତା କଥା ଆସିବାବେଳେ ଆମେ ଯୁବବର୍ଗଙ୍କ କଥା ଭାବିଥାଉ । ଏହି ସଚେତନତା କାର୍ଯ୍ୟକ୍ରମରେ ୭୦ ରୁ ଉର୍ଦ୍ଧ୍ୱର୍ କଳାକାର, କ=ଶିଳ୍ପୀ, ହାସ୍ୟ ଅଭିନେତା, ମନୋ ଆକଟିଂ କଳାକାର ଆଦି ଯୋଗ ଦେବେ । ଆତ୍ମହତ୍ୟା ପା ଇଁ ନିଷ୍ପତ୍ତି ନେଇଥିବା ବ୍ୟକ୍ତି କିପରି ସେଥିରୁ ନିବୃତ୍ତ ରହି ପରବର୍ତ୍ତୀ ସମୟରେ ସଫଳତା ପାଇଛନ୍ତି, ସେମାନଙ୍କର କାହାଣୀ ଉପସ୍ଥାପନ କରିବେ । ଜିଲ୍ଲାସ୍ତରରେ ସ୍ଥାନୀୟ କଳାକାରଙ୍କୁ ଏହି ବିଷୟଭିତ୍ତିକ କାହାଣୀ ଦିଆଯିବ, ଯାହାକି ସେମାନେ କାର୍ଯ୍ୟକ୍ରମରେ ମଧ୍ୟ ଉପସ୍ଥାପନ କରି ସଚେତନତା ବାର୍ତ୍ତା ଦେଇପାରିବେ । କାର୍ଯ୍ୟକ୍ରମ ପ୍ରାୟ ୩ ଘଣ୍ଟା ବିଶିଷ୍ଟ ହେବ । ବୈଠକରେ ଡିଜିପି ଓ୍ୱାଇ.ବି ଖୁରାନିଆ, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ବିଜୟକେତନ ଉପାଧ୍ୟାୟ, ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

### ଶିଳ୍ପମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ ବୈଦେଶିକ ସେବା ଅଧିକାରୀ

# ଓଡ଼ିଶାର ଶିଳ୍ପାୟନ ଅଭିବୃଦ୍ଧି ଦିଗରେ ଆଇଏଫ୍ଏସ୍ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ବୈଦେଶିକ ସେବା ଅଧିକାରୀ ମନୋଜ କୁମାର ମହାପାତ୍ର, ଅମିତ ନାରଙ୍ଗ ଓ ଗ୍ଲୋରିଆ ଗାଙ୍ଗଟେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଲୋକସେବା ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଦେଶିକ ସେବା ଅଧିକାରୀମାନଙ୍କୁ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଅବଗତ କରାଇ କହିଲେ ଯେ ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ, ସୁଦୀର୍ଘ ଉପକୂଳ, ଗଭୀର ବନ୍ଦର ସହ ଦୃଢ଼ ଶିଳ୍ପ ଭିତ୍ତିଭୂମି ରହିଛି । ଓଡ଼ିଶାର ଶିଳ୍ପନୀତି ସଂକଳ୍ପ-୨୦୨୨ ମାଧ୍ୟମରେ ନୀତିଗତ ନିଷ୍ପତ୍ତି ଗ୍ରହଣରେ



ତ୍ୱରାନ୍ୱିତ ପ୍ରକ୍ରିୟା, ପ୍ରଭାବଶାଳୀ ଏକକ ୱିଣ୍ଡୋ ସିଷ୍ଟମ୍ ବ୍ୟବସ୍ଥା ସହ ସ୍ୱଚ୍ଛ ଶାସନ ଓ ବ୍ୟବସାୟ କରିବାର ଅନୁକୂଳତା ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇପାରିଛି । ଆପଣମାନେ ଭାରତର ରାଷ୍ଟ୍ରଦୂତ ଭାବେ ବିଦେଶରେ ଏସବୁ ତଥ୍ୟ ଉପସ୍ଥାପନ କରିପାରିବେ । ଏହା ଦ୍ୱାରା ବିଦେଶୀ ନିବେଶକମାନେ ଓଡ଼ିଶାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ ।

ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଖୁବ୍ ଗୁରୁତ୍ୱାରୋପ କରାଯାଉଛି । ବିଶ୍ୱ ଦକ୍ଷତା କେନ୍ଦ୍ରର ବ୍ୟାପକ ନେଟ୍ୱାର୍କ ମାଧ୍ୟମରେ ଆଇଟିଆଇ ଓ ପଲିଟେକ୍ନିକ୍‌ରେ ଦକ୍ଷତା ବିକାଶ କ୍ଷେତ୍ରରେ ବେଶ୍ ଅଗ୍ରଗତି କରିଛି । ଆଇଟିଇ ସିଙ୍ଗାପୁର ସହ ସହଭାଗିତା ଦ୍ୱାରା ସର୍ବାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପ୍ରଯୁକ୍ତି ବିଦ୍ୟାରେ ତାଲିମ ପ୍ରଦାନକୁ ବ୍ୟାପକ କରାଯାଇଛି । ଓଡ଼ିଶା ଏବେ ଏପରି କର୍ମଶକ୍ତି ସୃଷ୍ଟି କରୁଛି ଯାହା କେବଳ ନିଯୁକ୍ତିଭିତ୍ତିକ ନହୋଇ ଉଦ୍ୟୋଗ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଆହ୍ୱାନକୁ ମୁକାବିଲା କରିବାରେ ମଧ୍ୟ ସକ୍ଷମ । ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ବିଶ୍ୱସ୍ତରରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଗ୍ରଗତିକୁ ଉପସ୍ଥାପନ କରିବାରେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତର ଅର୍ଥନୈତିକ ଦୂତ ଭାବେ ଆପଣମାନେ ଏହି କାର୍ଯ୍ୟ ସଠିକ୍ ରୂପେ ପରିଚାଳନା କରିପାରିବେ ଓ ସମ୍ଭାବ୍ୟ ନିବେଶକମାନଙ୍କୁ ଏ କ୍ଷେତ୍ରରେ ଥିବା ସୁଯୋଗର ସୁବିଧା ନେବାକୁ ପ୍ରରୋଚିତ କରିପାରିବେ । ଅନ୍ୟ ପକ୍ଷରେ ରାଜ୍ୟରୁ ବାହାରୁଥିବା ଦକ୍ଷ ମାନବସମ୍ବଳ ନିମନ୍ତେ ବିଦେଶରେ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟକ ହୋଇପାରିବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନମାନଙ୍କରେ ବିଶେଷ କରି ବଡ ସମ୍ମିଳନୀ କକ୍ଷ ଥିବା ଅନୁଷ୍ଠାନମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧକମୂଳକ ତନଖି ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି । ଚଳିତ ସେପ୍ଟେମ୍ବର ୩ ତାରିଖ ଦିନ ରାଜ ଭବନରେ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା ସଂପର୍କିତ ଉପସ୍ଥାପନା ଦେଖିବା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି । ବିଭାଗର ଉପକରଣ, କର୍ମଚାରୀ, ତାଲିମ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ସଂପର୍କରେ ଅବଗତ ହେବା ପରେ ରାଜ୍ୟପାଳ କହିଥିଲେ ଯେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଂଚ ସମ୍ଭାବ୍ୟ ବିପଦ ଚିହ୍ନଟ କରିବାରେ ଏବଂ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିଥାଏ । ଏତଦ୍‌ବ୍ୟତୀତ ଏହାଦ୍ୱାରା ଆପଦକାଳୀନ ସମୟରେ ସୁରକ୍ଷିତ ସ୍ଥାନାନ୍ତର ପଥ ସୁନିଶ୍ଚିତ ହୋଇଥାଏ, ଆଘାତ କିମ୍ବା ଅଘଟଣ ସମ୍ଭାବନା ହ୍ରାସ ହୁଏ, କ୍ଷୟ କ୍ଷତିକୁ ହ୍ରାସ କରାଯାଇପାରେ ଏବଂ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇଥାଏ ବୋଲି ରାଜ୍ୟପାଳ କହିଥିଲେ ।

ଉପସ୍ଥାପନା ସମୟରେ ରୋବଟିକ ମନିଟର, ଉନ୍ନତ ଉଦ୍ଧାର ଟେଣ୍ଡର, କମାଣ୍ଡ ଭେଇକିଲ, ହାଇଡ୍ରୋଲିକ ପ୍ଲାଟ ଫର୍ମ ଏବଂ ଅନ୍ୟାନ୍ୟ ଉନ୍ନତ ଉପକରଣ ଓ ଯନ୍ତ୍ରପାତି ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ଅତିରିକ୍ତ ଯନ୍ତ୍ରପାତି କ୍ରୟ ସଂପର୍କିତ ସ୍ଥିତି ଓ ଭବିଷ୍ୟତରେ ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ । ପୁରୀ ଜିଲ୍ଲା ରାମଚଣ୍ଡୀରେ ଥିବା ଦେଶର ପ୍ରଥମ ନ୍ୟାସନାଲ ୱାଟର ରେସ୍କ୍ୟୁ ଆଣ୍ଡ ୱାଟରମ୍ୟାନସିପ୍ କେନ୍ଦ୍ର, କ-୯ ସ୍କ୍ୱାଡ଼ ନିୟୋଜନ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ବିଭାଗର ଦକ୍ଷତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସଂପୂର୍ଣ୍ଣ ଅନ୍‌ଲାଇନ୍ ଫାୟାର ଲାଇସେନ୍ସିଂ ପ୍ରକ୍ରିୟା, ତୃତୀୟ ପକ୍ଷ ଏଜେନ୍ସି ନିୟୋଜନ ଭଳି ପଦକ୍ଷେପ ତଥା ଓଡ଼ିଶାର ସାମଗ୍ରିକ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ମଡେଲ ପାଲଟିଛି ବୋଲି କହିଥିଲେ ।



ଏହାପରେ ରାଜ୍ୟପାଳ କମାଣ୍ଡ ଭେଇକିଲ୍ ଦେଖିଥିଲେ ଏବଂ ଏହାର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଜି. ଅଗ୍ନିଶମ ଓ ଆପତକାଳୀନ ସେବା, କମାଣ୍ଡାଂଟ୍ ଜେନେରାଲ ହୋମଗାର୍ଡସ ଏବଂ ନିର୍ଦ୍ଦେଶକ ସିଭିଲ ଡିଫେନ୍ସ ଡ. ସୁଧାଂଶୁ ଷଡଙ୍ଗୀ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ, ଡି.ଆଇ.ଜି. ଫାୟାର ଆଣ୍ଡ ଇମରଜେନ୍ସି ସର୍ଭିସ୍ ଆଣ୍ଡ ହୋମଗାର୍ଡସ୍ ଡ. ଉମାଶଙ୍କର ଦାଶ ଏବଂ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପାଠଚକ୍ର

କଟକ,(ସବ୍ୟୁ): ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଘାଟକୂଳ ନେତାଜୀ ନଗର କଟକ ପରିସରରେ ବିଶିଷ୍ଟ ମାତୃ କର୍ମୀ ପ୍ରଫେସର ଶରତ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ମହାନ୍ ଗବେଷକ କାଙ୍ଗାଳି ଚରଣ ପତି (ପ୍ରପତିଜୀ) ଙ୍କ ଜନ୍ମ ଶତ ବାର୍ଷିକ ପାଳନ ଅବସରରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ବିଶିଷ୍ଟ ଶିକ୍ଷାବିତ୍ ଅମ୍ବରିଶ ମିଶ୍ର,ଅଧକ୍ଷ ଆଦର୍ଶ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଓ ସମସ୍ତ ଅପା ଭାଇ ରୀନାରାଣୀ ପୃଷ୍ଟି,ନନ୍ଦକିଶୋର ଆଚାର୍ଯ୍ୟ, ବିଶ୍ୱ ରଞ୍ଜନ ମଲ୍ଲ,ଲୀଳାବତୀ ନାୟକ,ନିରୁପମା ସାହୁ,ନିରୁପମା ବାରିକ,ଜଜ୍ଞନା ଜେନା,ବନ୍ଦନା ସରସ୍ୱତୀ,ପୂଜା ହଜାର,ଦୀପିକା ପଟ୍ଟନାୟକ, ସୌଦାମିନୀ ମିଶ୍ର ଓ ପାୟଲ ପ୍ରିୟଦର୍ଶିନୀ,ବିଦ୍ୟାର୍ଥୀ ଓ ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ । ସଭାପତି ଶରତ ଚନ୍ଦ୍ର ମିଶ୍ର ଶ୍ରୀ ଅରବିନ୍ଦ ଓ ଶ୍ରୀ ମା'ଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷାର ମହତ୍ତ୍ୱ ତଥା ଓଡ଼ିଶାରେ ମାତୃ ସଂଗଠନ ଗଠନ କରିବା ସହ ସାରା ରାଜ୍ୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ଦିଗରେ ଶ୍ରୀ ପ୍ରପତିଜୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ ।

### ଦୁଇବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

# ଅକ୍ଟୋବର ୪ ସୁଦ୍ଧା ଆବଶ୍ୟକ କାଗଜପତ୍ର ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ): ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଏବଂ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ଅକ୍ଟୋବର ୪ ତାରିଖ ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସଫଟ୍ କପି (ପେନ୍ ଡ୍ରାଇଭ)କୁ ରେଜିଷ୍ଟର୍ଡ଼ ପୋଷ୍ଟ/ ସ୍ପିଡ଼ ପୋଷ୍ଟ / ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ ।

୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୨୦୨୩ ଜାନୁଆରୀ ୧ତାରିଖରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ । ସେହିପରି ଭାବେ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୨୦୨୪ ଜାନୁଆରୀ ୧ତାରିଖରୁ ୨୦୨୪ ଡିସେମ୍ବର ୩୧ ତାରିଖ ଅବଧି ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣନ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ । ଓଡ଼ିଆ ଚଳଚ୍ଚିତ୍ର ଉପରେ ଓଡ଼ିଆ/ ଇଂରାଜୀ ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା (ବୁକ୍/ମୋନୋଗ୍ରାଫ୍) ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକ/ଲେଖିକାମାନେ ଆବେଦନ କରିବା ସହିତ ଉକ୍ତ ବୁକ୍/ମୋନୋଗ୍ରାଫ୍‌ର ଦଶଖଣ୍ଡ ନକଲ ଆସନ୍ତା ଅକ୍ଟୋବର ୪ ତାରିଖ ସୁଦ୍ଧା ରେଜିଷ୍ଟ୍ରର୍ଡ଼ ପୋଷ୍ଟ/ ସ୍ପିଡ଼ ପୋଷ୍ଟ/ ପାର୍ସଲ ମାଧ୍ୟମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିକଟରେ ଦାଖଲ କରିପାରିବେ । ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ୍ culture.odisha.gov.in ରେ ଉପଲବ୍ଧ କରାଯାଇଛି ।

### ସମ୍ବଲପୁର ମହାନଗର ନିଗମ ନିର୍ବାଚନ ବାଟ ଫିଟିଲା

# ପୂର୍ବ ବିଜ୍ଞପ୍ତିକୁ ରଦ୍ଦ କଲେ ହାଇକୋର୍ଟ

କଟକ,(ସବ୍ୟୁ) : ଦୀର୍ଘ ୧୦ବର୍ଷ ପରେ ସମ୍ବଲପୁର ମହାନଗର ନିଗମରେ ନିର୍ବାଚନ ପାଇଁ ବାଟ ଫିଟିଛି । ୨୦୧୫ ମସିହାରେ ଏହି ମହାନଗର ନିଗମ ୱାର୍ଡ ସଂରକ୍ଷଣକୁ ନେଇ ଜାରି ହୋଇଥିବା ବିଜ୍ଞପ୍ତିକୁ ହାଇକୋର୍ଟ ଆଜି ରଦ୍ଦ କରି ଦେଇଛନ୍ତି । ଏଥିସହ ଓ୍ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଉପରେ ସେତେବେଳେ ଜାରି ହୋଇଥିବା ରହିତାଦେଶକୁ ମଧ୍ୟ ହଟାଇ ଦେଇଛନ୍ତି । ଆସନ୍ତା ୬ସପ୍ତାହ ମଧ୍ୟରେ ଏହି ମହାନଗର ନିଗମ ୱାର୍ଡ ସଂରକ୍ଷଣକୁ ନେଇ ସାନି ବିଜ୍ଞପ୍ତି ଜାରି କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ସଂରକ୍ଷଣ ଯେପରି ୫୦% ରୁ ଅଧିକ ନ ହୁଏ ସେଥିପ୍ରତି ସଚେତନ ରହିବାକୁ ହାଇକୋର୍ଟ ତାଗିଦ୍ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେବାସହ ମାମଲାର ଅନ୍ତ ଘଟାଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ସମ୍ବଲପୁର ମହାନଗର ନିଗମ ଘୋଷଣା ହେବାପରେ ଏହାର ୪୧ଟି ୱାର୍ଡର ତାଲିକା ପ୍ରକାଶ ପାଇଥିଲା । ୪୧ଟି ୱାର୍ଡରୁ ୨୭ଟି ୱାର୍ଡରେ ସଂରକ୍ଷଣ କରାଯାଇଥିଲା । ଯାହାକି ସଂରକ୍ଷଣ ୫୦%କୁ ଟପି ଯାଇଥିଲା । ଫଳରେ ଏହାକୁ ଚାଲେଞ୍ଜ କରି ସମ୍ବଲପୁରର ଅଜୟ କୁମାର ମହାନ୍ତି ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ହାଇକୋର୍ଟ ଏପ୍ରିଲ ୨ତାରିଖରେ ଉକ୍ତ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରିଥିଲେ । ସେବେଠାରୁ ଏହି ରହିତାଦେଶ ଗଡ଼ି ଆସୁଥିଲା । ଏହି ମାମଲାରେ ଦୁର୍ଗା ପ୍ରସାଦ ପାଢ଼ୀ, ମନୋରଞ୍ଜନ ବେହେରା ଏବଂ ଅଂଶୁଭୂଷଣ ବେହେରା ପ୍ରମୁଖ ଏଥିରେ ପକ୍ଷ ହୋଇଥିଲେ । ଆଜି ଏହି ମାମଲାର ଶୁଣାଣି ଅବସରରେ ହାଇକୋର୍ଟ ଉକ୍ତ ରହିତାଦେଶକୁ ହଟାଇ ଦେଇଛନ୍ତି ।୬ସପ୍ତାହ ମଧ୍ୟରେ ସମ୍ବଲପୁର ମହାନଗର ନିଗମ ୱାର୍ଡ ପାଇଁ ସାନି ବିଜ୍ଞପ୍ତି ଜାରି କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

**୬ ସପ୍ତାହ ମଧ୍ୟରେ ସାନି ବିଜ୍ଞପ୍ତି ଜାରି ପାଇଁ ନିର୍ଦ୍ଦେଶ**

# ନିଶାବେପାରୀ ଠାରୁ ୨ କିଲୋ ଗଞ୍ଜେଇ ଜବତ

ଜଟଣୀ,(ସବ୍ୟୁ): ଏଏସଆଇ ସସ୍ମିତା ସାହୁଙ୍କ ରିପୋର୍ଟ ଆଧାରରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତା ପୁଷ୍ପାବତୀ ଘୋଷ(୫୮)କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜଟଣୀ ଥାନା କୁଦିଆରୀ ବଜାର ଅଂଚଳରେ ଅଭିଯୁକ୍ତାର ଘର ଉପରେ ପୁଲିସ ଚଢ଼ଉ ସମୟରେ ଏକ କମଳା ରଙ୍ଗର ଜରିରେ ୨ କିଲୋ ଗଞ୍ଜେଇ ଜବତ କରିଛି । ଏହାକୁ ବିକ୍ରୟ କରୁଥିବା ଏହି ଅଂଚଳ ପୁଷ୍ପାବତୀ ଘୋଷ(୫୮) ନାମ୍ନୀ ମହିଳାଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଲ କରିଛି । ବିଶେଷସୂତ୍ରରୁ ଖବର



ପାଇ ଗିରଫ ନିଶା ବେପାରୀ ମହିଳାଙ୍କ ଘର ଓ ଦୋକାନରେ ଚଢ଼ାଉ କରି ବ୍ୟାଗରେ ଥିବା ଗଞ୍ଜେଇ ସହିତ ୧୦ ହଜାର ଜବତ କରିଥିଲେ । ଅଭିଯୁକ୍ତା ଗଞ୍ଜେଇ ବିକ୍ରୟରେ ସଂପୃକ୍ତା ଥିବା ଜେରା ସମୟରେ ସ୍ୱୀକାର କରିଥିଲା ।

# ମଞ୍ଚେଶ୍ୱର ଥାନାରେ ଅର୍ଚ୍ଚନାଙ୍କ ସ୍ୱାମୀ ଅଟକ

ଭୁବନେଶ୍ୱର, (ସବ୍ୟୁ) : ଅର୍ଚ୍ଚନା ନାଗଙ୍କ ଏତଲା ଆଧାରରେ ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଥାନାକୁ ଆଣି ଅଟକ ରଖିଛି । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡପତ୍ର ମାମଲା ଚାଲିଥିବା ବେଳେ ଗତ ୩୦ ତାରିଖ ଦିନ ଜଗବନ୍ଧୁ ବିଳମ୍ବିତ ରାତିରେ ଅସ୍ୱାଭାବିକ ଭାବେ ଘରେ ପଶି ମା'-ପୁଅଙ୍କୁ ହତ୍ୟା ଉଦ୍ୟମ କରିଥିବା ଅର୍ଚ୍ଚନା ଅଭିଯୋଗ କରିଛନ୍ତି । ୩୦ ତାରିଖ ଦିନ ରାତି ସାଢେ ଗୋଟାଏ ବେଳେ ଜଗବନ୍ଧୁ ଅର୍ଚ୍ଚନା ରହୁଥିବା ଘରକୁ ଯାଇ କବାଟ ବାଡେଇଥିଲେ । ଘରେ କ୍ୟାମେରା ଲାଗିଥିବାରୁ ଜଗବନ୍ଧୁ ବାଡଉଥିବା ଦେଖି ସେ କବାଟ ଖୋଲିନଥିଲେ । ଅର୍ଚ୍ଚନା କବାଟ ନଖୋଲିବାରୁ ଜଗବନ୍ଧୁ ଘର ଅପରପାର୍ଶ୍ୱରେ ଚଢି ଭିତରକୁ ଯାଇଥିଲେ । ହେଲେ ତାଙ୍କ ହାତରେ ଗୋଟିଏ ଧାରୁଆ ଛୁରି ଥିବାରୁ ଅର୍ଚ୍ଚନା ପ୍ରତିରୋଧ କରି ତାକୁ ଘରୁ ତଡି ଦେଇଥିଲେ । ଛୁରି ଧରି ମା'-ପୁଅଙ୍କୁ ହତ୍ୟା କରିବା ପାଇଁ ବିଳମ୍ବିତ ରାତିରେ ଘରେ ଅସ୍ୱାଭାବିକ ଭାବେ ପଶି ଗାଳିଗୁଲଜ କରିବା ସହ ହତ୍ୟା ଉଦ୍ୟମ କରିବା ସମ୍ପର୍କରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲା । ସିସି କ୍ୟାମେରାରୁ ପୋଲିସ ଜଗବନ୍ଧୁ ଛୁରି ଧରି ପଶିଥିବା ଦେଖିବା ପରେ ମାମଲା ରୁଜୁ କରି ତାକୁ ଗିରଫ କରିବା ପାଇଁ ଚଢାଉ କରୁଥିଲା । ବୁଧବାର ସକାଳେ ଜଗବନ୍ଧୁଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିବା ସହ ପଚରାଉଚରା କରୁଛି ।

## ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମନମାନୀ : ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଏନ୍ଏଚ୍ଆଇ ଆଞ୍ଚଳିକ ଅଫିସ୍ ଘେରାଉ

ଚୌଦ୍ୱାର,(ସ.ବ୍ୟୁ.) : ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ମନମାନି ଯୋଗୁଁ ଆଜି ପର୍ଯ୍ୟନ୍ତ ମଙ୍ଗୁଳିରୁ ଧୂମାବତୀ ପର୍ଯ୍ୟନ୍ତ ଚୌଦ୍ୱାର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ଏହି ଜାତୀୟ ରାଜପଥ ସମ୍ପ୍ରସାରଣରେ ବହୁ ବ୍ୟବସାୟୀ, ଘର ମାଲିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ରାସ୍ତାର ଦୂରାବସ୍ଥାପାଇଁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଥିବା ନେଇ ଅଭିଯୋଗ ମଧ୍ୟ ହୋଇଆସୁଛି । ଯାହାକୁ ନେଇ ଚୌଦ୍ୱାର ଜାଗରଣ ମଂଚ ପକ୍ଷରୁ ବାରମ୍ବାର ଢେଙ୍କାନାଳ ଏବଂ ଭୁବନେଶ୍ୱରରେ ଥିବା ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀଙ୍କୁ ଦେଖା କରି ଏ ବିଷୟରେ ଦାବି ଉପସ୍ଥାପନ କରାଯାଇଥିବା ବେଳେ କେବଳ ପ୍ରତିଶ୍ରୁତି ଦେଇଚାଲିଥିବା ବେଳେ କାର୍ଯ୍ୟକାରୀ କିନ୍ତୁ ଶୂନ ହୋଇ ପଡ଼ିରହିଛି । ମଂଚର ମୁଖ୍ୟଦାବି ମଙ୍ଗୁଳି ଛକରୁ ଧୂମାବତୀ ଛକ ପର୍ଯ୍ୟନ୍ତ ମାତ୍ର ୬କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ କରିବା ପାଇଁ ଦୁଇବର୍ଷ ଧରି ମଂଚ ପକ୍ଷରୁ ଦାବି କରାଯାଇଆସୁଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଏପରିକି ଗତ ଏପ୍ରିଲ ମାସରେ ଢେଙ୍କାନାଳ ସାଂସଦଙ୍କ ପ୍ରଶ୍ନରେ ସଡ଼କ ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀ ତାଙ୍କ ଉତ୍ତରରେ ଏପ୍ରିଲ ୩୦ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବ ବୋଲି କହିଥିବା ବେଳେ ଜାତୀୟ ରାଜପଥର ଉଚ୍ଚକର୍ତୃପକ୍ଷ ମେ ୩୧ ସୁଦ୍ଧା କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ । ସୂଚନାଥାଉକି, ମଙ୍ଗୁଳି ଛକରୁ ଝାରପୋଖରିଆ ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥର ୭୪ କିଲୋମିଟର ରାସ୍ତାର ନିର୍ମାଣ, ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ପାଇଁ ଉପ-କ୍ରାକ୍ଟ ଆଧାରରେ ତ୍ରିପାକ୍ଷିକ ଚୁକ୍ତିନାମା ଜରିଆରେ ମହେନ୍ଦ୍ର ସ୍ୱାଇଁ ଇନ୍‌ଫ୍ରା ଇଞ୍ଜିନିୟର ଲିମିଟେଡ (ଏମ୍ଏସ୍ଆଇଏଲ) କୁ ୨୭୮କୋଟି ଟଙ୍କାର ଏକ ଚୁକ୍ତିନାମା ପ୍ରଦାନ କରାଯାଇଛି । ମାତ୍ର ୨୦୨୪ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ପ୍ରକଳ୍ପ ନିର୍ଦ୍ଦେଶକ ଓ ଆଳିକ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟରେ କୌଣସି ତଦାରଖ ନ ହେବା ଯୋଗୁଁ ଠିକାଦାର ଚୁକ୍ତିନାମା ସମୟରେ ଉଲ୍ଲେଖ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁଣବାରେ ହେରଫେର କରିଛନ୍ତି ଏବଂ କାର୍ଯ୍ୟର ଅଗ୍ରଗତିରେ ମନ୍ଥରତା ନୀତି ଅବଲମ୍ବନ କରିଛନ୍ତି । ଏପରିକି ପ୍ରକଳ୍ପ ନିର୍ଦ୍ଦେଶକ କ୍ରାକ୍ଟରଠାରୁ କୋଟି କୋଟି ଟଙ୍କା ଖାଇ ଚୁପ୍ ବସିଛନ୍ତି । ତାରିଖ ପରେ ତାରିଖର ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରୁନଥିବା ଯୋଗୁଁ ଚୌଦ୍ୱାର ଜାଗରଣ ମଂଚ ପକ୍ଷରୁ ଆଜି ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ଏନ୍.ଏଚ୍.ଆଇ. ଆଳିକ ଅଫିସ୍ ଘେରାଉ କରାଯାଇଥିଲା । ଏହି ଘେରାଉରେ ଜାଗରଣ ମଂଚର ସଂଯୋଜକ ଶ୍ରୀକାନ୍ତ ପାକଳ, ପ୍ରଭାନନ୍ଦ ସାହୁ, ହରିହର ବେଉରା, ପ୍ରତାପ ଜେନା, ଭାସ୍କର ମହାପାତ୍ର, ମାନା, କୃଷ୍ଣ ସାହୁ, ସୁବାସ ଜୀ, ଭାଗିରଥୀ ନାୟକ, ରମେଶ ନାୟକ, ଗୋକୁଳି ସାହୁ, ସଞ୍ଜୟ ସିଂ, ରାଜନ ସାହୁ, ପ୍ରକାଶ ନାୟକ ଓ ବିଶ୍ୱରଂଜନ ନାୟକ ପ୍ରମୁଖ ସାମିଲ ଥିଲେ ।

# ବାଣୀବିହାର ହଷ୍ଟେଲ ଅଣଛାତ୍ର ମୁକ୍ତ ହେବ ତ !

ଭୁବନେଶ୍ୱର, (ସବ୍ୟୁ) : ବାଣୀବିହାର ହଷ୍ଟେଲ ଅଣଛାତ୍ର ମୁକ୍ତ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । କାରଣ ମଙ୍ଗଳବାର ଦିନ ଅଣଛାତ୍ର ହଷ୍ଟେଲରେ ପଶିବା ବେଳେ ୱାର୍ଡେନ ବାରଣ କରିଥିଲେ । ସେମାନେ ତାଙ୍କୁ ତାଲା ପକାଇ ଉତ୍ପାତ ହେବାରୁ ପୋଲିସରେ ଅଭିଯୋଗ ହୋଇଥିଲା । ପୋଲିସ ପହଞ୍ଚି ଅଟକ ଥିବା ଓ୍ୱାର୍ଡେନ ଓ ସୁପରିଟେଣ୍ଡେଣ୍ଟ ଉଦ୍ଧାର କରିବା ବେଳେ ଅଣଛାତ୍ରମାନେ ପୋଲିସ ଉପରକୁ ଟେକାପଥର ମାଡ କରିଥିଲେ । ବାଣୀବିହାର କର୍ତ୍ତୃପକ୍ଷ ଅଣଛାତ୍ର ମୁକ୍ତ ପାଇଁ ଦେଇଥିବା ନୋଟିସ୍ ୪ ତାରିଖ (ଗୁରୁବାର) ଶେଷ ହେବ । ତେଣୁ ଗୋଟିଏ ଦିନରେ ହଷ୍ଟେଲ ଗୁଡିକ ଅଣଛାତ୍ର ମୁକ୍ତ ହେବା ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ କଥା ।

ଅଗଷ୍ଟ ୯ ତାରିଖରେ ଜଣେ ପୂର୍ବତନ ଛାତ୍ର ନେତାଙ୍କ ଡ୍ରାଇଭରଙ୍କ ଶବ ହଷ୍ଟେଲ କଡରୁ ଉଦ୍ଧାର ହେବା ପରେ ପରିସ୍ଥିତି ଜଟିଳ ହୋଇଥିଲା । ଏହାପରେ ପୋଲିସ ଚଢାଉ କରି ଜାଣିବାକୁ ପାଇଥିଲା ଯେ, ହଷ୍ଟେଲରେ ନିଶାଡିମାନେ ଆଡ୍ଡା ଜମାଉଛନ୍ତି । ବ୍ରାଉନସୁଗର, ଗଞ୍ଜେଇ, ମଦ ଖାଇ ଅଣଛାତ୍ରମାନେ ଛାତ୍ରମାନଙ୍କୁ ନାହିଁନଥିବା ହୀନସ୍ତା କରୁଛନ୍ତି । ଅଣଛାତ୍ରଙ୍କ ସମ୍ପର୍କରେ ଛାତ୍ରମାନେ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ପରେ ନୋଟିସ୍ ଜାରି ହୋଇଛି । ସେପେଟମ୍ବର ୪ ତାରିଖ ମଧ୍ୟରେ ଅଣଛାତ୍ରମାନେ ହଷ୍ଟେଲରେ ପଶିବେ ନାହିଁ । ଏହାପରେ ଯେଉଁମାନେ ହଷ୍ଟେଲରେ ରହିବେ କିମ୍ବା ହଷ୍ଟେଲରେ ପଶି ପିଲାମାନଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ।

ହଷ୍ଟେଲ-୧, ୨, ୩ରେ ଅଧିକ ସଂଖ୍ୟାରେ ଅଣଛାତ୍ରମାନେ ରହୁଛନ୍ତି । ସେମାନେ ରହିବା ପାଇଁ ତାଙ୍କୁ ସାହାସ କିଏ ଦେଉଛି । ତାଙ୍କ ପଛରେ କାହାର ହାତ ରହୁଛି ଯେ, ସେମାନେ କର୍ତ୍ତୃପକ୍ଷଙ୍କୁ ମାନୁନାହାନ୍ତି, ପୋଲିସକୁ ଟେକାପଥର ମାଡ କରୁଛନ୍ତି । ବାଣୀବିହାର କର୍ତ୍ତୃପକ୍ଷ ହଷ୍ଟେଲରେ କେତେ ସିଟ୍ ଅଛି, କେଉଁ କେଉଁ ଡିପାର୍ଟମେଣ୍ଟ ପିଲାଙ୍କୁ ଆଲର୍ଟ କରାଯାଇଛି, ତାହା ମଧ୍ୟ ଗଣନା କରିସାରିଲେଣି । ୱାଡେନ ଓ ସୁପରିଟେଣ୍ଡେଣ୍ଟଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ହୋଇଥିବାରୁ ସେମାନେ ପିଲାଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ କଲେଣି । କେତେକ ହଷ୍ଟେଲରେ ଛାତ୍ରମାନଙ୍କୁ ବେଡ୍ ଆଲର୍ଟ କରାଯାଇଥିବା ବେଳେ ତାହା ଭଡା ଲାଗୁଥିବା ଜଣାଯାଇଛି । କେତେକ ଛାତ୍ରଙ୍କୁ ଅଣଛାତ୍ରମାନେ ଜୋର୍‌ଜବରଦସ୍ତ ତଡିଦେଇ ସେମାନେ ରହୁଛନ୍ତି, ଏ ସମ୍ପର୍କରେ କାହାରିକୁ ଅଭିଯୋଗ ନକରିବାକୁ ସେମାନଙ୍କୁ ଧମକାଉଥିବାରୁ ସେମାନେ ନୀରବ ରହୁଛନ୍ତି । ଗୁରୁବାର ପରେ ଅଣଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖବର ମିଳିଛି । ହଷ୍ଟେଲରେ ଅଣଛାତ୍ରଙ୍କୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କର୍ତ୍ତୃପକ୍ଷ ଅଣ୍ଟା ଭିଡିଛନ୍ତି । ହେଲେ ହଷ୍ଟେଲ ଅଣଛାତ୍ର ମୁକ୍ତ ହେବା ନେଇ ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି ।

# ଅପରେସନ 'ବ୍ଲାକ୍ ଫରେଷ୍ଟ'ର ସଫଳତା

## ନକ୍ସଲ ମୁକ୍ତ ନ ହେବା ଯାଏଁ ଶାନ୍ତିରେ ବସିବୁ ନାହିଁ: ଶାହ

ନୂଆଦିଲ୍ଲୀ: ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ଧରାପଡ଼ି ନାହାନ୍ତି ବା ନିପାତ ନହେବା ପର୍ଯ୍ୟନ୍ତ ମୋଦୀ ସରକାର ଶାନ୍ତିରେ ବସିବେ ନାହିଁ । ଛତିଶଗଡ଼ର କାରେଗୁଟ୍ଟା ପାହାଡ଼ରେ 'ଅପରେସନ୍ ବ୍ଲାକ୍ ଫରେଷ୍ଟ' ସଫଳତାର ସହ ପରିଚାଳନା କରିଥିବା ସିଆରପିଏଫ, ଛତିଶଗଡ଼ ପୋଲିସ, ଜିଲ୍ଲା ରିଜର୍ଭ ଗାର୍ଡ ଏବଂ 'କୋବ୍ରା' ବାହିନୀର ସୁରକ୍ଷାକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଭାରତକୁ ନକ୍ସଲମୁକ୍ତ କରିବା ପାଇଁ ପ୍ରତିବଦ୍ଧ । ସେ କହିଛନ୍ତି, ଯେପର୍ଯ୍ୟନ୍ତ ସମସ୍ତ ନକ୍ସଲ ଆତ୍ମସମର୍ପଣ କରିନାହାନ୍ତି କିମ୍ବା ନିପାତ ହୋଇନାହାନ୍ତି ସେ



ପର୍ଯ୍ୟନ୍ତ ମୋଦୀ ସରକାର ବିଶ୍ରାମ ନେବେ ନାହିଁ । ଅପରେସନ୍ ବ୍ଲାକ୍ ଫରେଷ୍ଟ' ସମୟରେ ଯବାନମାନେ ଦେଖାଇଥିବା ସାହସ ନକ୍ସଲ ବିରୋଧୀ ଅଭିଯାନର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ମନେ ରଖାଯିବ ।

ସେ କହିଛନ୍ତି ଯେ ଆଇଇଡିର ବିପଦ ସେ%୦, ସୁରକ୍ଷା ବାହିନୀ କଠିନ ମନୋବଳ ସହିତ ଅପରେସନ୍ ଚଳାଇଥିଲେ ଏବଂ ଏକ ପ୍ରମୁଖ ନକ୍ସଲ ବେସ୍ କ୍ୟାମ୍ପକୁ ସଫଳତାର ସହିତ ଧ୍ୱଂସ କରିଥିଲେ । ଗୃହମନ୍ତ୍ରୀ କହିଛନ୍ତି ଯେ କାରେଗୁଟ୍ଟା ପାହାଡ଼ରୁ ନକ୍ସଲମାନଙ୍କ ସାମଗ୍ରୀ ଷ୍ଟୋର ଏବଂ ଯୋଗାଣ ଶୃଙ୍ଖଳାକୁ ଛତିଶଗଡ଼ ପୋଲିସ, ସିଆରପିଏଫ, ଡିଆରଜି ଏବଂ କୋବ୍ରା ଯବାନମାନେ ସାହସର ସହିତ ଧ୍ୱଂସ କରିଥିଲେ । ନକ୍ସଲବାଦୀମାନେ ଦେଶର କିଛି ଅନୁନ୍ନତ ଅଞ୍ଚଳରେ ବିପୁଳ କ୍ଷତି ଘଟାଇଛନ୍ତି, ସ୍କୁଲ, ହସ୍ପିଟାଲ ନିର୍ମାଣ ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ବାଧା ଦେଇଛନ୍ତି । ନିରନ୍ତର ନକ୍ସଲ ବିରୋଧୀ ଅଭିଯାନ ଯୋଗୁଁ, ପଶୁପତିନାଥରୁ ତିରୁପତି ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳର ୬.୫ କୋଟି ଲୋକଙ୍କ ଜୀବନରେ ଏକ 'ନୂତନ ସୂର୍ଯ୍ୟୋଦୟ' ଘଟିଛି । ଶାହ ଏହା ମଧ୍ୟ କହିଛନ୍ତି ଯେ ମୋଦୀ ସରକାର ନକ୍ସଲ ବିରୋଧୀ ଅଭିଯାନ ସମୟରେ ଗୁରୁତର ଆହତ ହୋଇଥିବା ସୁରକ୍ଷା କର୍ମୀଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କ ଜୀବନକୁ ସହଜ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି । ସରକାର ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ଦେଶରୁ ନକ୍ସଲବାଦକୁ ମୂଳୋତ୍ପାଟନ କରିବାକୁ ପ୍ରତିବଦ୍ଧ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।

## ଗଙ୍ଗା ପରେ ଯମୁନା ନେଉଛି ଭୟଙ୍କର ରୂପ

ନୂଆଦିଲ୍ଲୀ: ଗଙ୍ଗା ନଦୀ ପରେ ଏବେ ଯମୁନା ନଦୀ ମଧ୍ୟ ନିଜର ଭୟଙ୍କର ରୂପ ଦେଖାଉଛି । କ୍ରମାଗତ ବର୍ଷା ଏବଂ ଉପରମୁଣ୍ଡରୁ ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ଯମୁନା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛ । ମଙ୍ଗଳବାର ରାତିରେ ଯମୁନାର ଜଳସ୍ତର ୨୦୮.୩୬ ମିଟରରେ ପହଞ୍ଚିଥିଲା ଯାହା ସର୍ବକାଳୀନ ସର୍ବାଧିକ ୨୦୮.୬୬ ମିଟର ଠାରୁ ମାତ୍ର ୦.୩୦ ମିଟର କମ୍ ଥିଲା ।



ଫଳସ୍ୱରୂପ, ଦିଲ୍ଲୀର ଅନେକ ନିମ୍ନ ଭୂଭାଗରେ ବନ୍ୟା ଜଳ ପ୍ରବେଶ କରିଛି । ଲାଲକିଲ୍ଲା, ରିଂ ରୋଡ୍, ରାଜଘାଟ, ଆଇଏସବିଟି ଏବଂ ପୁରୁଣା ଦିଲ୍ଲୀ ରେଳ ଷ୍ଟେସନ ନିକଟସ୍ଥ ଅଞ୍ଚଳ ଜଳମଗ୍ନ ହୋଇଯାଇଛି । ଦିଲ୍ଲୀ ବ୍ୟତୀତ ହରିଆଣା ଏବଂ ଉତ୍ତର ପ୍ରଦେଶର ଯମୁନା ନଦୀ କୂଳରେ ଥିବା ଜିଲ୍ଲାଗୁଡ଼ିକରେ ମଧ୍ୟ ସଙ୍କଟ ଦେଖାଦେଇଛ । ହରିଆଣାର ଯମୁନାନଗର, ପାନିପତ ଏବଂ ସୋନିପତ ଅଞ୍ଚଳରେ ଯମୁନାର ଜଳସ୍ତର ବୃଦ୍ଧି ପାଇଛି । ଉତ୍ତର ପ୍ରଦେଶର ବୃନ୍ଦାବନ ଏବଂ ମଥୁରା ଭଳି ଅନେକ ଧାର୍ମିକ ସ୍ଥାନରେ ମଧ୍ୟ ବନ୍ୟା ପାଣି ପ୍ରବେଶ କରିଛି, ଯାହା ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି । ବନ୍ୟା ଯୋଗୁ କୃଷି ଜମି ମଧ୍ୟ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଛି ।

## ବିଆର୍‌ଏସ୍ ଛାଡ଼ିଲେ କବିତା

ନୂଆଦିଲ୍ଲୀ, ୩।୯ : ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର ପ୍ରାଥମିକ ସଦସ୍ୟତା ଓ ଏମ୍‌ଏଲ୍‌ସି ପଦରୁ କେ. କବିତା ଇସ୍ତଫା ଦେଇଛନ୍ତି । ଏହି ଇସ୍ତଫା ତାଙ୍କ ପାଇଁ ବହୁତ ଯନ୍ତ୍ରଣାଦାୟକ ବୋଲି ସେ କହିଛନ୍ତି । ଗତକାଲି ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା । ସେ ତାଙ୍କ ସମ୍ପର୍କୀୟ ହରିଶ ରାଓ ଏବଂ ସନ୍ତୋଷ କୁମାର ଷଡ଼ଯନ୍ତ୍ର କରି ବିଆର୍‌ଏସ୍‌କୁ ଦୁର୍ବଳ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦଳର ପ୍ରାଥମିକ ସଦସ୍ୟ ଓ ଏମ୍‌ଏଲ୍‌ସିରୁ ଇସ୍ତଫା ଦେଉଛି । ଇସ୍ତଫାପତ୍ର ବାଚସ୍ପତି ଏବଂ ବିସିଆର୍ ମୁଖ୍ୟ କେ. ଚନ୍ଦ୍ରଶେଖର ରାଓଙ୍କ ନିକଟକୁ ପଠାଇଛି । କୌଣସି ଦଳ ସହ ହାତ ମିଳାଇବି ନାହିଁ । ତେଲେଙ୍ଗାନା ଜାଗୃତି ସଦସ୍ୟଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବି ।

## ଆତ୍ମଘାତୀ ବିସ୍ଫୋରଣରେ ୧୪ ମୃତ

ଇସଲାମାବାଦ: ଦକ୍ଷିଣ-ପଶ୍ଚିମ ପାକିସ୍ତାନରେ ଏକ ରାଜନୈତିକ ରାଲିରେ ଆତ୍ମଘାତୀ ବିସ୍ଫୋରଣ ଘଟି ୧୪ ଜଣଙ୍କର ମୃତ୍ୟୁ ହେବା ସହିତ ବହୁ ଲୋକ ଆହତ ହୋଇଛନ୍ତି ।ଏଏଫପି ଅନୁଯାୟୀ , ପ୍ରାନ୍ତୀୟ ରାଜଧାନୀ କ୍ୱେଟାର ଏକ ଷ୍ଟାଡିୟମର ପାର୍କିଂ ସ୍ଥାନରେ ମଙ୍ଗଳବାର ହୋଇଥିବା ବିସ୍ଫୋରଣରେ ୧୮ ଜଣ ଆହତ ହୋଇଛନ୍ତି । ଏହି ସ୍ଥାନରେ ବେଲୁଚିସ୍ତାନ ନ୍ୟାସନାଲ ପାର୍ଟି (ବିଏନପି)ର ଶହ ଶହ ସଦସ୍ୟ ଏକତ୍ରିତ ହୋଇଥିଲେ । ସରକାରୀ ଅଧିକାରୀ ହମଜା ଶଫାତ କହିଛନ୍ତି ଯେ, ଏହି ରାଲି ଜଣେ ଜାତୀୟବାଦୀ ନେତା ଏବଂ ପୂର୍ବତନ ପ୍ରାଦେଶିକ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ଆତାଉଲ୍ଲାହ ମେଙ୍ଗାଲଙ୍କ ମୃତ୍ୟୁ ବାର୍ଷିକୀ ପାଇଁ ଆୟୋଜିତ ହୋଇଥିଲା । ସେଠାରେ ଉପସ୍ଥିତ ଥିବା ଶଫାତଙ୍କ ପୁଅ ସର୍ଦ୍ଦାର ଅଖତର ମେଙ୍ଗାଲ ସୁରକ୍ଷିତ ଅଛନ୍ତି । ଶଫାତ କହିଛନ୍ତି, ଏହି ଆତ୍ମଘାତୀ ଆକ୍ରମଣରେ ୩୦ ଜଣ ଆହତ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ ଲୋକମାନେ ରାଲିରୁ ବାହାରକୁ ଯାଉଥିବା ସମୟରେ ଏକ ପାର୍କିଂ ଅଞ୍ଚଳରେ ବୋମା ବିସ୍ଫୋରଣ ହୋଇଥିଲା । ପୁଲିସ ବିସ୍ଫୋରଣର ତଦନ୍ତ କରୁଛି ।ଏହା ଏକ ଆତ୍ମଘାତୀ ବିସ୍ଫୋରଣ ବୋଲି ଅନୁମାନ କରାଯାଉଛି ।

ମଙ୍ଗଳବାର ଦିନ ଉତ୍ତର-ପଶ୍ଚିମ ପାକିସ୍ତାନର ଏକ ଅର୍ଦ୍ଧସାମରିକ ବାହିନୀ ଶିବିର ଉପରେ ଏକ ସମନ୍ୱିତ ଆକ୍ରମଣରେ ଆତ୍ମଘାତୀ ବିସ୍ଫୋରଣକାରୀଙ୍କ ଦ୍ୱାରା ହୋଇଥିବା ଏକ ଆତ୍ମଘାତୀ ମଧ୍ୟ ଆକ୍ରମଣରେ ଛଅ ଜଣ ସୁରକ୍ଷା କର୍ମୀ ଏବଂ ଛଅ ଜଣ ଆତଙ୍କବାଦୀଙ୍କ ସମେତ ବାର ଜଣ ପ୍ରାଣ ହରାଇଛନ୍ତି ବୋଲି କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି ।

## ଖଣିଜ ପୁନଃଚକ୍ରଣ : ୧୫୦୦ କୋଟିର ପ୍ରୋତ୍ସାହନ ଯୋଜନାକୁ ଅନୁମୋଦନ

ନୂଆଦିଲ୍ଲୀ : ଦେଶରେ ଦ୍ୱିତୀୟ ଉତ୍ସରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୃଥକୀକରଣ ଏବଂ ଉତ୍ପାଦନ ପାଇଁ ପୁନଃଚକ୍ରଣ କ୍ଷମତା ବିକାଶ ଲାଗି ୧୫ଶହ କୋଟି ଟଙ୍କାର ପ୍ରୋତ୍ସାହନ ଯୋଜନାକୁ ଅନୁମୋଦନ କରିଛି । ଏହି ଯୋଜନା ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ମିଶନ (ଏନସିଏମଏମ)ର ଏକ ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଘରୋଇ କ୍ଷମତା ଏବଂ ଯୋଗାଣ ଶୃଙ୍ଖଳ ସ୍ଥିରତା ନିର୍ମାଣ କରିବା । ଅନ୍ୱେଷଣ, ନିଲାମ ଓ ଖଣି କାର୍ଯ୍ୟକ୍ଷମତା ଏବଂ ବିଦେଶୀ ସମ୍ପତ୍ତି ଅଧିଗ୍ରହଣକୁ ଅନ୍ତର୍ଭୁକ୍ତ କରୁଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ମୂଲ୍ୟ ଶୃଙ୍ଖଳର ଏକ ପରିପକ୍ୱତା ଅବଧି ଅଛି ଯାହା ଭାରତୀୟ ଶିଳ୍ପକୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଯୋଗାଣ କରିବା ପୂର୍ବରୁ ହୋଇଥାଏ । ନିକଟ ଭବିଷ୍ୟତରେ ଯୋଗାଣ ଶୃଙ୍ଖଳ ସ୍ଥାୟୀତ୍ୱ ସୁନିଶ୍ଚିତ କରିବାର ଏକ ବୁଦ୍ଧିମତାପୂର୍ଣ୍ଣ ଉପାୟ ହେଉଛି ଦ୍ୱିତୀୟ ଉତ୍ସଗୁଡ଼ିକର ପୁନଃଚକ୍ରଣ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ହାସଲ କରିବ ।

ଏହି ଯୋଜନାର କାର୍ଯ୍ୟକାଳ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଛଅ ବର୍ଷ ଧରି ରହିବ । ଯୋଗ୍ୟ ଫିଡଷ୍ଟକ୍ ହେଉଛି ଇ-ବର୍ଜ୍ୟବସ୍ତୁ, ଲିଥିୟମ ଆୟନ ବ୍ୟାଟେରୀ (ଏଲଆଇବି) ସ୍କ୍ରାପ୍, ଏବଂ ଇ-ବର୍ଜ୍ୟବସ୍ତୁ ଏବଂ ଏଲଆଇବି ସ୍କ୍ରାପ୍ ବ୍ୟତୀତ ଅନ୍ୟ ସ୍କ୍ରାପ୍ ଯଥା ଜୀବନର ଶେଷ ଯାନରେ କ୍ୟାଟାଲିଟିକ୍ କନଭର୍ଟର । ଆଶା କରାଯାଉଥିବା ହିତାଧିକାରୀ ବଡ଼, ପ୍ରତିଷ୍ଠିତ ରିସାଇକ୍ଲର ଏବଂ ଛୋଟ, ନୂତନ ରିସାଇକ୍ଲର (ଷ୍ଟାର୍ଟ-ଅପ୍ ସମେତ) ହେବେ, ଯେଉଁମାନଙ୍କ ପାଇଁ ଯୋଜନାର ଏକ ତୃତୀୟାଂଶ ବ୍ୟୟ ଅଟକଳ ରଖାଯାଇଛି । ଏହି ଯୋଜନା ନୂତନୟୁନିଟରେ ନିବେଶ ସହିତ କ୍ଷମତା / ଆଧୁନିକୀକରଣ ଏବଂ ବର୍ତ୍ତମାନରୟୁନିଟର ବିବିଧତା ପାଇଁ ପ୍ରଯୁଜ୍ୟ ହେବ ।

ଏହି ଯୋଜନା ପୁନଃଚକ୍ରଣ ମୂଲ୍ୟ ଶୃଙ୍ଖଳ ଲାଗି ପ୍ରୋତ୍ସାହନ ପ୍ରଦାନ କରିବ ଯାହା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପ୍ରକୃତ ଉତ୍ତୋଳନ ସହ ଜଡିତ ଏବଂ କେବଳ ବ୍ଲାକ୍ ମାସ୍ ଉତ୍ପାଦନ ସହ ଜଡିତ ମୂଲ୍ୟ ଶୃଙ୍ଖଳ ନୁହେଁ । ଯୋଜନା ଅନ୍ତର୍ଗତ ପ୍ରୋତ୍ସାହନରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉତ୍ପାଦନ ଆରମ୍ଭ କରିବା ପାଇଁ ପ୍ଲାଣ୍ଟ ଏବଂ ଯନ୍ତ୍ରପାତି, ଉପକରଣ ଏବଂ ସମ୍ପୃକ୍ତ ଉପଯୋଗିତା ଉପରେ ୨୦% କ୍ୟାପେକ୍ସ ସବସିଡି ଅନ୍ତର୍ଭୁକ୍ତ ହେବ । ଏହାପରେ କମ୍ ସବସିଡି ମିଳିବ । ଓପେକ୍ସ ସବସିଡି ମୂଳ ବର୍ଷ (୨୦୨୫-୨୬ ଆର୍ଥିକ ବର୍ଷକୁ ଆଧାର କରି ବର୍ଦ୍ଧିତ ବିକ୍ରୟ ଉପରେ ଏକ ପ୍ରୋତ୍ସାହନ ହେବ । ଅର୍ଥାତି ୨ୟ ବର୍ଷରେ ଯୋଗ୍ୟ ଓପେକ୍ସ ସବସିଡିର ୪୦% ଏବଂ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପଞ୍ଚମ ବର୍ଷରେ ବାକି ୬୦% ନିର୍ଦ୍ଦିଷ୍ଟ ସୀମା ବୃଦ୍ଧି ବିକ୍ରୟ ହାସଲ ଉପରେ ପ୍ରୋତ୍ସାହନ ଦିଆଯିବ । ଅଧିକ ସଂଖ୍ୟକ ହିତାଧିକାରୀ ସୁନିଶ୍ଚିତ କରିବା ପାଇଁ, ପ୍ରତି ସଂସ୍ଥାର ମୋଟ ପ୍ରୋତ୍ସାହନ (କ୍ୟାପେକ୍ସ ଏବଂ ଓପେକ୍ସ ସବସିଡି) ବୃହତ ସଂସ୍ଥା ପାଇଁ ୫୦ କୋଟି ଟଙ୍କା ଏବଂ ଛୋଟ ସଂସ୍ଥା ପାଇଁ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ସୀମା ରହିବଛ ଏହା ମଧ୍ୟରେ ଓପେକ୍ସ ସବସିଡି ପାଇଁ ଯଥାକ୍ରମେ ୧୦ କୋଟି ଏବଂ ୫ କୋଟି ଟଙ୍କା ପର୍ଯ୍ୟନ୍ତ ସୀମା ରହିବ ।

## ଜମ୍ମୁ କଶ୍ମୀର ପ୍ରସଙ୍ଗରେ କେନ୍ଦ୍ର ପସ୍ତେଇବ : ଫାରୁକ

ଶ୍ରୀନଗର: ନ୍ୟାସନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ଜମ୍ମୁ କଶ୍ମୀରର ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବା ଦାବି କରି ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ, ଜମ୍ମୁ କଶ୍ମୀରର ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବାର ସମୟ ଆସିଛି, କେନ୍ଦ୍ର ସରକାର ତାଙ୍କର ପ୍ରତିଶ୍ରୁତି ପୂରଣ କରିବା ଉଚିତ । ସରକାର ଜମ୍ମୁ କଶ୍ମୀର ସମ୍ପର୍କରେ ନେଇଥିବା ନିଷ୍ପତ୍ତି ପାଇଁ ଦିନେ ପଶ୍ଚାତାପ କରିବେ । ଅନନ୍ତନାଗ ପଶ୍ଚିମ ବିଧାୟକ ଅବଦୁଲ ମାଜିଦ ଭଟ୍ ଲାର୍ମୀଙ୍କ ନେତୃତ୍ୱରେ ଦଳୀୟ ପଦାଧିକାରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ସହିତ କଥାବାର୍ତ୍ତା କରୁଥିବା ସମୟରେ ଅବଦୁଲ୍ଲା ଏହା କହିଛନ୍ତି ।



ପ୍ରତିନିଧିମଣ୍ଡଳୀ ସହ ଆଲୋଚନା ସମୟରେ ଅବଦୁଲ୍ଲା କହିଛନ୍ତି, ଇତିହାସରେ କେନ୍ଦ୍ର ସରକାର ଏପରି ଅନେକ ସୁଯୋଗ ପାଇଥିଲେ ଯେତେବେଳେ ଜମ୍ମୁ-କଶ୍ମୀର ଲୋକଙ୍କ ହୃଦୟ ଏବଂ ସମର୍ଥନ ଜିତିପାରିଥାନ୍ତେ । କିନ୍ତୁ ପ୍ରତ୍ୟେକ ଥର ସୁରକ୍ଷାକୁ ପ୍ରାଥମିକତା ଦେବା ନୀତି ବିଶ୍ୱାସ ଗଠନର ସମ୍ଭାବନାକୁ ପଛରେ ପକାଇ ଦେଇଛି । ୨୦୨୪ ମସିହାରେ ଜମ୍ମୁ-କଶ୍ମୀରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଜମ୍ମୁ-କଶ୍ମୀରର ଲୋକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଏହା ପ୍ରମାଣ କରିଛି ଯେ, ଏଠାକାର ଲୋକଙ୍କର ଭାରତର ସମ୍ବିଧାନ ଏବଂ ଗଣତନ୍ତ୍ର ଉପରେ ଗଭୀର ବିଶ୍ୱାସ ରହିଛି । ଜମ୍ମୁ-କଶ୍ମୀରର ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ ସରକାରଙ୍କ ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ । ଅଗଷ୍ଟ ୨୦୧୯ ରେ ନିଆଯାଇଥିବା ଏକପାଖିଆ ନିଷ୍ପତ୍ତିର ଲକ୍ଷ୍ୟ ଥିଲା ଜମ୍ମୁ-କଶ୍ମୀରକୁ ଭାରତର ଅନ୍ୟାନ୍ୟ ଅଂଶ ସହିତ ସମକକ୍ଷ କରିବା, କିନ୍ତୁ ସତ୍ୟ ସମ୍ପୂର୍ଣ୍ଣ ବିପରୀତ ରହିଛି । ଏକୀକରଣ ବଦଳରେ, ଆମକୁ ଏକ ବ୍ୟତିକ୍ରମ ଭାବରେ ବ୍ୟବହାର କରାଯାଉଛି, ଆମକୁ ଜାଣିଶୁଣି ତଳ ସୋପାନକୁ ଠେଲି ଦିଆଯାଉଛି । ଆମ ପ୍ରତି ବେମାତୃକ ଭାବ ପୋଷଣ କରାଯାଉଛି । ଗଣତନ୍ତ୍ରରେ ଜନସାଧାରଣଙ୍କ ବିଶ୍ୱାସ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପ୍ରତିଶ୍ରୁତି ଆବଶ୍ୟକ, କିନ୍ତୁ ଏଥିରେ ନିରନ୍ତର ବିଳମ୍ବ ଲୋକଙ୍କ ବିଶ୍ୱାସକୁ ଦୁର୍ବଳ କରୁଛି ।

## ଭାରତରେ ରହିପାରିବେ ପଡୋଶୀ ସଂଖ୍ୟାଲଘୁ

ନୂଆଦିଲ୍ଲୀ: ଭାରତରେ ରହିପାରିବେ ପାକ୍-ଆଫଗାନୀ-ବାଂଲା ସଂଖ୍ୟାଲଘୁ । ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ କେନ୍ଦ୍ର ସରକାର ଆଜି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ସମୟସୀମା ବୃଦ୍ଧି କରିଛନ୍ତି ସରକାର। ଡିସେମ୍ବର ୩୧, ୨୦୨୪ପର୍ଯ୍ୟନ୍ତ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରୁ ଆସିଥିବା ଲୋକ ଏବେ ଭାରତରେ ରହିପାରିବେ । ରହିବା ପାଇଁ ସେମାନଙ୍କୁ ପାସପୋର୍ଟ କିମ୍ବା ଅନ୍ୟାନ୍ୟ ଡକ୍ୟୁମେଣ୍ଟର ଆବଶ୍ୟକତା ପଡ଼ିବ ନାହିଁ । ଏହି ନିଷ୍ପତ୍ତି ଗୃହ ମନ୍ତ୍ରାଳୟ ଦ୍ୱାରା ନିଆଯାଇଛି । ଧାର୍ମିକ ନିର୍ଯାତନା ଯୋଗୁଁ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ଭାରତ ଆସିଥିବା ଲୋକମାନଙ୍କୁ




ଏହି ନିଷ୍ପତ୍ତି ଆଶ୍ୱସ୍ତି ପ୍ରଦାନ କରିବ ନିଶ୍ଚୟ । ଗୃହ ମନ୍ତ୍ରାଳୟ ଦ୍ୱାରା ଜାରି ଆଦେଶରେ କୁହାଯାଇଛି ଯେ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ, ଯେଉଁମାନେ ୩୧ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଭାରତ ଆସିଛନ୍ତି, ସେମାନଙ୍କୁ ପାସପୋର୍ଟ କିମ୍ବା ଅନ୍ୟାନ୍ୟ କାଗଜପତ୍ର ବିନା ମଧ୍ୟ ଦେଶରେ ରହିବାକୁ ଅନୁମତି ଦିଆଯିବ ।

ଏହି ଆଦେଶ 'ଇମିଗ୍ରେସନ ଆଣ୍ଡ ଫରେନର୍ସ ଆକଟ, ୨୦୨୫' ଅଧୀନରେ ଜାରି କରାଯାଇଛି । ଏହା ଅଧୀନରେ, ଯେଉଁମାନେ ବୈଧ ପାସପୋର୍ଟ ଏବଂ ଭିସା ବିନା ଭାରତ ଆସିଥିଲେ କିମ୍ବା ଯାହାଙ୍କ ଡକ୍ୟୁମେଣ୍ଟର ମିଆଦ ଶେଷ ହୋଇସାରିଛି ସେମାନଙ୍କୁ ଆଶ୍ୱସ୍ତି ଦିଆଯିବ । ପୂର୍ବରୁ ସିଏଏ ଅଧୀନରେ ଯେଉଁମାନେ ଡିସେମ୍ବର ୩୧, ୨୦୧୪ ପର୍ଯ୍ୟନ୍ତ ଭାରତକୁ ଆସିଥିଲେ, ସେମାନଙ୍କୁ ରହିବାକୁ ଅନୁମତି ଦେଇଥିଲା ଭାରତ । ଅର୍ଥାତ ଏହା ପରେ ଭାରତ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକମାନେ ଏଠାରେ ରହିପାରିବେ ନାହିଁ ସିଏଏ ଅଧୀନରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଇମିଗ୍ରେସନ ଆଣ୍ଡ ଫରେନର୍ସ ଆକଟ, ୨୦୨୫ ଅନୁଯାୟୀ, ଏଥିରେ ପରିବର୍ତ୍ତନ ଅଣାଯାଇଛ । ସମୟସୀମାକୁ ଡିସେମ୍ବର ୩୧, ୨୦୨୪ କରାଯାଇଛି ।

## ଭେନେଜୁଏଲା ଜାହାଜ ଉପରେ ସାମରିକ ଆକ୍ରମଣ : ୧୧ ମୃତ

ନୂଆଦିଲ୍ଲୀ: ଭେନେଜୁଏଲା ଜାହାଜ ଉପରେ ସାମରିକ ଆକ୍ରମଣ କରିଛି ଆମେରିକା । ଏହି ଆକ୍ରମଣରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜେ ସୋସିଆଲ ମିଡିଆରେ ପୋଷ୍ଟ କରି ଏ ବିଷୟରେ ସୂଚନା ଦେଇଛନ୍ତି। ତାଙ୍କ ପୋଷ୍ଟ୍ରେ ଟ୍ରମ୍ପ କହିଛନ୍ତି ଯେ "ଆଜି ସକାଳେ ମୋ ନିର୍ଦ୍ଦେଶରେ, ଆମେରିକୀୟ ସାମରିକ ବାହିନୀ "ସାଉଥକମ୍' ଅଞ୍ଚଳରେ ଟ୍ରେନ୍ ଡି ଆରାଗୁଆ (ଟିଡିଏ) ନାର୍କୋ ଗ୍ୟାଙ୍ଗ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଟିଡିଏ ହେଉଛି ଏକ ବିଦେଶୀ ଆତଙ୍କବାଦୀ ସଂଗଠନ, ଯାହାକି ନିକୋଲାସ ମାଦୁରୋଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରେ । ଏହା ଉପରେ ଗଣହତ୍ୟା, ଡ୍ରଗ୍ସ ଚାଲାଣ, ମାନବ ଚାଲାଣ ଏବଂ ଆମେରିକା ବିରୋଧରେ ଦାଦାବଟି ଆଦାୟ ଅଭିଯୋଗ ରହିଛି । ଟ୍ରମ୍ପ କହିଛନ୍ତି ଯେ ଯେତେବେଳେ ଆତଙ୍କବାଦୀମାନେ ଅନ୍ତର୍ଜାତୀୟ ଜଳସୀମାରେ ଡ୍ରଗ୍ସର ଏକ ମାଲ ନେଇ ଆମେରିକା ଅଭିମୁଖେ ଆସୁଥିଲେ ସେତେବେଳେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଏହି ଆକ୍ରମଣରେ ୧୧ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଏହି ଅପରେସନରେ ଆମେରିକୀୟ ସେନାର କୌଣସି କ୍ଷତି ହୋଇନାହିଁ ।

## ବିହାର ବିଧାନସଭା ନିର୍ବାଚନ ଲଢ଼ିବେ ପ୍ରଶାନ୍ତ କିଶୋର

ପାଟନା: ଏବେ ଚର୍ଚ୍ଚାରେ ରହିଛି ବିହାର ବିଧାନସଭା ନିର୍ବାଚନ । ଜନ ସୁରଜର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର କରଗହର ଆସନରୁ ବିହାର ବିଧାନସଭା ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ହେଉଛି । ପ୍ରଶାନ୍ତ କହିଛନ୍ତି ଯେ, ମୁଁ ନିଜ ଜନ୍ମଭୂମି ଏବଂ କର୍ମଭୂମିରୁ



ନିର୍ବାଚନ ଲଢିବାକୁ ଚାହେଁ । ପୂର୍ବରୁ ରାଜନେତିକ ଦଳର ପରାମର୍ଶଦାତା ଭାବେ କାମ କରିଥିବା ପ୍ରଶାନ୍ତ ଏବେ ନିର୍ବାଚନ ଲଢିବାକୁ ଯାଉଛନ୍ତି । ଗତ ଦୁଇ ବର୍ଷ ଧରି ପ୍ରଶାନ୍ତ କିଶୋର ବିହାର ସାରା ଜନ ସୁରଜ ଯାତ୍ରା ମାଧ୍ୟମରେ ଲୋକଙ୍କ ସହିତ ଯୋଡ଼ି ହେବା ପାଇଁ ନିରନ୍ତର ପ୍ରଚାର କରିଆସୁଛନ୍ତି । ବିରୋଧୀଙ୍କୁ ଟାର୍ଗେଟ କରି ସେ ଅଭିଯୋଗ କରିଛନ୍ତି ଯେ, ଗତ ତିନି ଦଶନ୍ଧି ମଧ୍ୟରେ ବିହାରର ସ୍ଥିତିରେ କୌଣସି ଉନ୍ନତି ହୋଇନାହିଁ ।

## ଆମେରିକା ସାମଗ୍ରୀ ଉପରୁ ଟିକସ ହ୍ରାସ ପ୍ରସଙ୍ଗ

# ଭାରତକୁ ଦୋଷ ଦେଲେ ଟ୍ରମ୍ପ



ନୂଆଦିଲ୍ଲୀ,୩।୯ : ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ୫୦% ଶୁଳ୍କ ଲଗାଇଛନ୍ତି। ତେବେ ଏହାକୁ ହ୍ରାସ କରିବା ପାଇଁ ଟ୍ରମ୍ପ କୌଣସି ପଦକ୍ଷେପ ନେଉ ନଥିବାବେଳେ ପାଲଟା ଭାରତ ଉପରେ ଦୋଷ ଲଦିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଟିକସରେ ଭାରତ ଆମକୁ ମାରିସାରିଛି। ଆମେରିକାରୁ ଭାରତ ଆମଦାନୀ କରୁଥିବା ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲଗାଯାଉଛି। ତେବେ ଆମେରିକା ସାମଗ୍ରୀକୁ ଟିକସ ମୁକ୍ତ କରିବା ନେଇ ଭାରତ କୌଣସି ପ୍ରସ୍ତାବ ଦେଇନାହିଁ।

ଟ୍ରମ୍ପ କହିଛନ୍ତି ଯେ ଚୀନ୍ ଓ ବ୍ରାଜିଲ ଭଳି ଭାରତ ଆମ ଉପରେ ଅଧିକ ଶୁଳ୍କ ଲଗାଇଛି। ସେମାନେ ତାଙ୍କ ଶୁଳ୍କକୁ ସଠିକ୍ ଦର୍ଶାଉଛନ୍ତି। ମୁଁ ବୁଝିପାରୁଛି ଯେ ଶୁଳ୍କ ଲଗାଇବା ବିଶ୍ୱର ମାନବ ସମାଜ ପାଇଁ ଭଲ ହୋଇପାରେ। ତେବେ ଭାରତରେ ଯେଉଁ ଶୁଳ୍କ ଲାଗିଛି ତାହା ଅତ୍ୟଧିକ। ଏପର୍ଯ୍ୟନ୍ତ ଭାରତ ପକ୍ଷରୁ ଶୂନ ଶୁଳ୍କ ନେଇ କୌଣସି ପ୍ରସ୍ତାବ ଦିଆଯାଇ ନାହିଁ। ଶୁଳ୍କ ବ୍ୟବସ୍ଥା ଆମେରିକାକୁ ବୁଝାମଣା ଲାଗି ଅଧିକ କ୍ଷମତାଶାଳୀ କରିଛି। ଭାରତ ଏବେ ଏକପାଖିଆ ଭାବେ କାର୍ଯ୍ୟ କରୁଛି। ଭାରତ ଆମ ଦେଶରେ ଅତ୍ୟଧିକ ସାମଗ୍ରୀ ବିକ୍ରି କରୁଥିଲା ବେଳେ ଆମେରିକା ଭାରତରେ କମ ସାମଗ୍ରୀ ବିକ୍ରି କରୁଛି। ଭାରତ ରୁଷରୁ ଶସ୍ତା ତେଲ ବାରଣ ସତ୍ତ୍ୱେ ବି କିଣିବା ଜାରି ରଖିଛି। ଇତିମଧ୍ୟରେ ଭାରତ ତା'ର ସ୍ଥିତିକୁ ସ୍ପଷ୍ଟ କରିଛି। ବାଣିଜ୍ୟ ମନ୍ତ୍ରୀ ପିୟୁସ ଗୋଏଲ୍ କହିଛନ୍ତି ଯେ ଆମେରିକା ସହ କଥାବାର୍ତ୍ତା ଚାଲିଛି। ଆଶା କରୁଛୁ ନଭେମ୍ବର ସୁଦ୍ଧା ଦ୍ୱିପାକ୍ଷିକ ବାଣିଜିକ ଚୁକ୍ତି ହୋଇପାରେ। ପୂର୍ବରୁ ପ୍ରଧାନମନ୍ତ୍ରୀ କହିଥିଲେ ଆମେ ଘରୋଇ ଉତ୍ପାଦନକାରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବୁ।

# ଏଆଇ ଉପରେ ଗୁରୁତ୍ୱ : ଗୁଗୁଲ- ମେଟା ସହିତ ସହଭାଗିତା ସ୍ଥାପନ

ମୁମ୍ବାଇ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏକ ନୂତନ ସହାୟକ କମ୍ପାନୀ, 'ରିଲାଏନ୍ସ ଇଣ୍ଟେଲିଜେନ୍ସ' ଗଠନ ଘୋଷଣା କରିଛନ୍ତ । ଏଥିରେ ବ୍ୟାପକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭିତ୍ତିଭୂମି ରହିବ। ଏଥିସହିତ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ମେଟା ଏବଂ ଗୁଗୁଲ ସହିତ ନୂତନ ସହଭାଗିତା ସମ୍ପର୍କରେ ସେ ସୂଚନା ଦେଇଛନ୍ତି । ସବୁଠାରେ ଏବଂ ସଭିଙ୍କ ପାଇଁ ଏଆଇର ଦୃଷ୍ଟିକୋଣକୁ କମ୍ପାନୀ ଆଗକୁ ବଢାଉଥିବା ପ୍ରକାଶ କରି ରିଲାଏନ୍ସର ୪୮ତମ ବାର୍ଷିକ ସାଧାରଣ ବୈଠକରେ ସେ ଏହା କହିଛନ୍ତ । ରିଲାଏନ୍ସ ଇଣ୍ଟେଲିଜେନ୍ସ ଗିଗାଓ୍ୱାଟ୍-ସ୍କେଲ, ଏଆଇ-ରେଡି ଡାଟା ସେଣ୍ଟର ନିର୍ମାଣ କରିବ, ଯାହା ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ ବୋଲି ଅମ୍ବାନୀ କମ୍ପାନୀର ଏଜିଏମରେ ସୂଚନା ଦେଇଛନ୍ତି ।



ରିଲାଏନ୍ସ ଏଜିଏମରେ ଅମ୍ବାନୀ ମଧ୍ୟ ମେଟା ଏବଂ ଗୁଗୁଲ ସହିତ ନୂତନ ସହଭାଗିତା ସ୍ଥାପନ ନେଇ ଘୋଷଣା କରିଛନ୍ତି ।

ଏହି ସହଭାଗିତା ସମ୍ପର୍କରେ ମେଟାର ପ୍ରତିଷ୍ଠାତା ଓ ସିଇଓ ମାର୍କ ଜୁକରବର୍ଗ ଏବଂ ଆଲଫାବେଟ ଓ ଗୁଗୁଲର ସିଇଓ ସୁନ୍ଦର ପିଚାଇ ରିଲାଏନ୍ସ ଏଜିଏମରେ ସମ୍ବୋଧିତ କରିଥିଲେ ।

ଏକ ଦଶନ୍ଧି ପୂର୍ବରୁ, ଡିଜିଟାଲ ସେବା ରିଲାଏନ୍ସ ପାଇଁ ଏକ ନୂତନ ଅଭିବୃଦ୍ଧି ଇଞ୍ଜିନ ହୋଇଥିଲା । ବର୍ତ୍ତମାନ, ଏଆଇ ସହିତ ଆମ ସାମ୍ନାରେ ସମାନ ଧରଣର ସୁଯୋଗ ରହିଛ । ଅମ୍ବାନୀ କହିଛନ୍ତି ଯେ ରିଲାଏନ୍ସ ଇଣ୍ଟେଲିଜେନ୍ସ ଚାରୋଟି ସ୍ପଷ୍ଟ ଲକ୍ଷ୍ୟ ସହିତ ପରିକଳ୍ପିତ ହୋଇଛି, ଯାହା ମଧ୍ୟରେ ରହିଛି ଭାରତର ପରବର୍ତ୍ତୀ ପିଢ଼ିର ଏଆଇ ଭିତ୍ତିଭୂମିକୁ ସ୍ଥାନ ଦେବା, ବିଶ୍ୱସ୍ତରୀୟ ସହଭାଗୀତା ସ୍ଥାପନ କରିବା, ଭାରତ ପାଇଁ ଏଆଇ ସେବା ନିର୍ମାଣ କରିବା ଏବଂ ଏଆଇ ପ୍ରତିଭାକୁ ପ୍ରୋତ୍ସାହିତ କରିବା ।

ରିଲାଏନ୍ସ ଓ ମେଟା ସହଭାଗିତାରେ ହେବାକୁ ଥିବା ଭାରତ-କେନ୍ଦ୍ରିତ ଏଆଇ ମିଳିତ ଉଦ୍ୟମ ଭାରତରେ ଉଦ୍ୟୋଗ ଏବଂ ଚୟନିତ ଅନ୍ତର୍ଜାତୀୟ ବଜାର ପାଇଁ ଏଆଇ ସମାଧାନ ନିର୍ମାଣ ଏବଂ ସମ୍ପ୍ରସାରଣ କରିବ । ଏହି ମିଳିତ ସହଭାଗିତା ରାଜିନାମା ଅନୁଯାୟୀ, ରିଲାଏନ୍ସ ଏବଂ ମେଟା ମିଳିତ ଭାବରେ ୮୫୫ କୋଟି ଟଙ୍କା (ପ୍ରାୟ ୧୦୦ ନିୟୁତ ଡଲାର)ର ପ୍ରାରମ୍ଭିକ ନିବେଶ କରିବେ, ଯାହା ୭୦ ପ୍ରତିଶତ ଏବଂ ୩୦ ପ୍ରତିଶତ ଅନୁପାତରେ ରହିବ ।



## ଚିନ୍ନାସ୍ୱାମୀ ଷ୍ଟାଡିୟମ ଦଳାଚକଟା

# ଯତ୍ନ, ସମ୍ମାନ, ଦାୟିତ୍ୱ ସହିତ ଆଗକୁ ବଢ଼ିବା : କୋହଲି

ବେଙ୍ଗାଲୁରୁ, ୩।୯ (ଏଜେନ୍ସି) : ଗତ ଜୁନ ୪ରେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣା ଘଟିଥିଲା। ଯେଉଁଥିରେ ୧୧ ଜୀବନ ଯାଇଥିବାବେଳେ ୫୬ ଜଣ ଗୁରୁତର ଆହତ ହୋଇଥିଲେ। ଆଇପିଏଲ୍-୨୦୨୫ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟ ପରେ ବେଙ୍ଗାଲୁରୁରେ ଏହି ଦୁର୍ଘଟଣା ଘଟିଥିଲା। ଆୟୋଜକ ଇଭେଣ୍ଟକୁ ଠିକ୍ ଭାବେ ପରିଚାଳନା କରିନଥିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଯାହାକୁ ନେଇ ସରକାର ମଧ୍ୟ ଆର୍‌ସିବି ଉପରେ ସମସ୍ତ ଦୋଷ ଲଦିଥିଲେ। ଦଳର ମୁଖିଆ ବିରାଟ କୋହଲି ଭିଡିଓ ମେସେଜ ପରେ ଭିଡ଼ ବଢ଼ିଥିଲା ବୋଲି ଦାବି ହୋଇଥିଲା। ସେତେବେଳେ କିଛି କହି ନଥିଲେ କୋହଲି। କିନ୍ତୁ ଏବେ ଦଳଚକଟା ଘଟଣାରେ ସେ ନୀରବତା ଭାଙ୍ଗିଛନ୍ତି। ଆ ର୍ ସି ବି କେୟାର୍ସ ନାମରେ ଏକ ଫାଉଣ୍ଡେସନ ଆରମ୍ଭ ହେବାକୁ ଯାଉଛି। ଏହି ଫାଉଣ୍ଡେସନ ଦଳାଚକଟା ଘଟଣାରେ ଜୀବନ ହରାଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ପରିବାରକୁ ସାହାଯ୍ୟ କରିବ। ଏହାପରେ ବିରାଟଙ୍କ ବୟାନ ଆର୍‌ସିବିର ଅଫିସିଆଲ ୱେବ୍‌ସାଇଟ୍‌ରେ ପୋଷ୍ଟ କରାଯାଇଛି। ବିରାଟ କହିଛନ୍ତି, ଜୁନ୍ ୪ ତାରିଖରେ ଘଟିଥିବା ହୃଦୟ ବିଦାରକ ଦୁର୍ଘଟଣା ପାଇଁ କେହି ପ୍ରସ୍ତୁତ ନଥିଲେ। ଆମ ଫ୍ରାଞ୍ଚାଇଜ୍‌ର ସବୁଠାରୁ ଖୁସିର ମୁହୂର୍ତ୍ତ ଯାହା ଥିଲା, ତାହା ଦୁଃଖଦ ଘଟଣାରେ ପରିଣତ ହୋଇଥିଲା। ମୁଁ ସେହି ସମସ୍ତ ପରିବାର ବିଷୟରେ ଭାବୁଛି ଏବଂ ପ୍ରାର୍ଥନା କରୁଛି ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି କିମ୍ବା ଆହତ ହୋଇଛନ୍ତି । ଆପଣଙ୍କ କ୍ଷତି ଏବେ ଆମ କାହାଣୀର ଏକ ଅଂଶ। ଏକାଠି ଆମେ ଯତ୍ନ, ସମ୍ମାନ ଓ ଦାୟିତ୍ୱର ସହିତ ଆଗକୁ ବଢ଼ିବା।

୧୮ ବର୍ଷ ପରେ ଆର୍‌ସିବି ଆଇପିଏଲ୍ ଜିତିବା ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଉତ୍ସବ ହେବା ନେଇ ଘୋଷଣା ହୋଇଥିଲା। ଠିକ ଭାବେ ଯୋଜନା କରାଯାଇ ନଥିଲା। ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପୋଲିସ କର୍ମୀ ନଥିଲେ। ଏହାବ୍ୟତୀତ ଆର୍‌ସିବିର ଆଇପିଏଲ୍ ବିଜୟ ପାଳନ କରିବା ପାଇଁ ଆଶାଠାରୁ ଅଧିକ ଲୋକ ଏକାଠି ହୋଇଥିଲେ। ଏହି କାରଣରୁ ଷ୍ଟାଡିୟମ ବାହାରେ ଦଳାଚକଟା ହୋଇଥିଲା ଏବଂ ୧୧ ଜଣଙ୍କ ଜୀବନ ଯାଇଥିଲା। କର୍ଣ୍ଣାଟକ ହାଇକୋର୍ଟ ଆର୍‌ସିବି, କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ଏବଂ ଇଭେଣ୍ଟ ପରିଚାଳନା କମ୍ପାନୀକୁ ଦାୟୀ କରିଥିଲେ। କର୍ଣ୍ଣାଟକ ସରକାର ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଅସୁରକ୍ଷିତ ଘୋଷଣା କରିଥିଲେ। ଏହି କାରଣରୁ ମହିଳା ବିଶ୍ୱକପ ମ୍ୟାଚ୍ ବେଙ୍ଗାଲୁରୁରୁ ସ୍ଥାନାନ୍ତରିତ ହୋଇଥିଲା। ଏହି ମ୍ୟାଚ୍‌ଗୁଡ଼ିକ ନଭି ମୁମ୍ବାଇରେ ଖେଳାଯାଇଥିଲା। କର୍ଣ୍ଣାଟକର ସ୍ଥାନୀୟ କ୍ରିକେଟ ଲିଗ୍ ମହାରାଜା ଟି-୨୦ ଲିଗ୍ ମ୍ୟାଚ୍ ମଧ୍ୟ ବେଙ୍ଗାଲୁରୁରୁ ମହୀଶୂରକୁ ସ୍ଥାନାନ୍ତରିତ ହୋଇଛି। ବେଙ୍ଗାଲୁରୁରେ ଏକ ନୂତନ ଷ୍ଟାଡିୟମ ନିର୍ମାଣ କରିବାକୁ ଯାଉଛନ୍ତି ସରକାର। ଯେଉଁଥିରେ ୬୦ହଜାର ଲୋକଙ୍କ ପାଇଁ ବସିବା ବ୍ୟବସ୍ଥା ରହିବ।

## ଇଂଲଣ୍ଡରେ ଫିଟ୍‌ନେସ୍ ଟେଷ୍ଟ ଦେଲେ କୋହଲି

ନୂଆଦିଲ୍ଲୀ, ୩।୯ (ଏଜେନ୍ସି) : ଭାରତୀୟ ତାରକା କ୍ରିକେଟର ବିରାଟ କୋହଲି ଇଂଲଣ୍ଡରେ ଫିଟ୍‌ନେସ୍ ଟେଷ୍ଟ ଦେଇଛନ୍ତି। କୋହଲି ଏଥିରେ ସଫଳ ହୋଇଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ସେ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। ବିସିସିଆଇଠାରୁ ଅନୁମତି ପାଇବା ପରେ କୋହଲି ଇଂଲଣ୍ଡରେ ଫିଟ୍‌ନେସ୍ ଟେଷ୍ଟ ଦେଇଥିଲେ। ପରିବାର ସହ କୋହଲି ଇଂଲଣ୍ଡରେ ଛୁଟି କାଟୁଛନ୍ତି। ରୋହିତ ଶର୍ମା ଓ ଅନ୍ୟ କେତେଜଣ ଖେଳାଳି ମଧ୍ୟ ଫିଟ୍‌ନେସ୍ ଟେଷ୍ଟ ଦେଇଛନ୍ତି। ଖୁବ୍‌ଶୀଘ୍ର ରବୀନ୍ଦ୍ର ଜାଡେଜା,ଲୋକେଶ ରାହୁଲ, ଆକାଶଦୀପ ଓ ନୀତିଶ କୁମାର ରେଡ୍ଡୀ ମଧ୍ୟ ଫିଟ୍‌ନେସ୍ ଟେଷ୍ଟ ଦେବେ।

ରୋହିତ ଓ କୋହଲିଙ୍କ ବ୍ୟତୀତ ମହମ୍ମଦ ସିରାଜ, ଶୁଭମନ ଗିଲ୍, ଜିତେଶ ଶର୍ମା, ପ୍ରସିଦ୍ଧ କ୍ରିଷ୍ଣା, ରୁତୁରାଜ ଗାଏକ୍ୱାଡ୍, ଅଭିଶେକ ଶର୍ମା, ହର୍ଷିତ ରାଣା, ଶ୍ରେୟାସ ଆୟର, ରିଙ୍କୁ ସିଂ, ଅକ୍ଷର ପଟେଲ, ରଜତ ପାଟିଦାର, ରବି ବିଷ୍ଣୋଇ, ସଞ୍ଜୁ ସାମସନ, ଶିବମ ଦୁବେ, ମହମ୍ମଦ ସାମି, ବରୁଣ ଚକ୍ରବର୍ତ୍ତୀ, ମୁକେଶ କୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ସର୍ଫରାଜ ଖାନ୍, ତିଲକ ବର୍ମା, ଅଭିମନ୍ୟୁ ଇଶ୍ୱରନ, ଅର୍ଶଦୀପ୍ ସିଂ, କୁଲଦୀପ ଯାଦବ, ଧ୍ରୁବ ଜୁରେଲ, ସାର୍ଦ୍ଦୁଲ ଠାକୁର, ୱାଶିଂଟନ ସୁନ୍ଦର ଓ ଯଶସ୍ୱୀ ଜୟସ୍ୱାଲ ଫିଟ୍‌ନେସ୍ ଟେଷ୍ଟ ସହଜରେ ପାସ୍ କରିଛନ୍ତି।



## ଅନ୍ୱିତାଙ୍କୁ ବ୍ଲାକ୍ ବେଲ୍ଟ



ଭୁବନେଶ୍ୱର, ୩।୯ (ସବ୍ୟୁ) : ଉତ୍କଳ କରାଟେ ସ୍କୁଲର ଯୁବ ପ୍ରତିଭା ଅନ୍ୱିତା ପଟ୍ଟନାୟକଙ୍କୁ କଳାର ଅଧ୍ୟୟନର ସ୍ୱୀକୃତି ସ୍ୱରୂପ ଶୀତୋ ରିୟୁ ସୁକୋକାଇ କରାଟେ ଡୋ କଳାରେ ବ୍ଲାକ୍ ବେଲ୍ଟ ପ୍ରଦାନ କରାଯାଇଛି। ଦୀର୍ଘ ୫ ବର୍ଷର ଉତ୍ସର୍ଗୀକୃତ ତାଲିମ ଯୋଗୁ ଅନ୍ୱିତା ବ୍ଲାକ୍ ବେଲ୍ଟ ଅର୍ଜନ କରିଛନ୍ତି। ବ୍ଲାକ୍ ବେଲ୍ଟ ହାସଲ କରିବା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଯାହା କେବଳ ଉଚ୍ଚସ୍ତରର ବୈଷୟିକ ଦକ୍ଷତା ନୁହେଁ ବରଂ ଶୃଙ୍ଖଳା, ଦୃଢ଼ତା ଏବଂ ସମ୍ମାନ ସମେତ ସାମରିକ କଳାର ମୌଳିକ ନୀତିଗୁଡ଼ିକର ନିପୁଣତାକୁ ମଧ୍ୟ ସୂଚିତ କରେ। ଏହି ର୍‍ୟାଙ୍କ ହାସଲ କରିବା ପାଇଁ ଅନ୍ୱିତା ସଫଳତାର ସହିତ ଏକ କଠୋର ପରୀକ୍ଷା ସମାପ୍ତ କରିଛନ୍ତି। ଯାହା କିହୋନ କାଟା ଏବଂ କୁମିତେରେ ଦକ୍ଷତା ପରୀକ୍ଷା କରିଥିଲେ।

ମୋର ବ୍ଲାକ୍ ବେଲ୍ଟ ଅର୍ଜନ କରିବା ଅତ୍ୟନ୍ତ କଷ୍ଟଦାୟକ ତଥା ସ୍ମରଣୀୟ ଯାତ୍ରା ହୋଇଛି ବୋଲି ଅନ୍ୱିତା କହିଛନ୍ତି। ଏହା କେବଳ ଏକ ବେଲ୍ଟ ନୁହେଁ, ଏହା ବର୍ଷ ବର୍ଷର କଠିନ ପରିଶ୍ରମ। ଆତ୍ମ ଉନ୍ନତି ଓ ମୋର ପ୍ରଶିକ୍ଷକ ହରିପ୍ରସାଦ ପଟ୍ଟନାୟକ, ଖାରବେଳ ମଲ୍ଲିକ ଓ ସାଥୀ ଛାତ୍ରମାନଙ୍କ ସମର୍ଥନକୁ ପ୍ରତିନିଧିତ୍ୱ କରେ। ମେନ୍ ଡୋଜୋ ଭିତରେ ମୁଁ ଯେଉଁ ଶିକ୍ଷା ପାଇଛି ସେଥିପାଇଁ ମୁଁ କୃତଜ୍ଞ।

## ହୋଇନି ରୋହିତଙ୍କ ବ୍ରୋଙ୍କୋ ଟେଷ୍ଟ



ନୂଆଦିଲ୍ଲୀ, ୩।୯ (ଏଜେନ୍ସି) : ଭାରତୀୟ କ୍ରିକେଟ ଦଳର ଓପନିଂ ବ୍ୟାଟର ତଥା ଅଧିନାୟକ ରୋହିତ ଶର୍ମା ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପାଇଁ ବ୍ୟଗ୍ର ଅଛନ୍ତି। ଗତ ସପ୍ତାହରେ ରୋହିତ ବେଙ୍ଗାଲୁରରେ ଥିବା ସେଣ୍ଟର ଏକ୍ସିଲେନ୍ସରେ ୟୋୟୋ ଫିଟ୍‌ନେସ୍ ଟେଷ୍ଟ ପାସ୍ କରିଛନ୍ତି। ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପୂର୍ବରୁ ରୋହିତ ଓ ଅନ୍ୟ ଖେଳାଳିଙ୍କ ବ୍ରୋଙ୍କୋ ଟେଷ୍ଟ ହେବ ବୋଲି ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ବିବାଦୀୟ ସ୍ଥିତି ଉପୁଜିଥିଲା। ଏବେ ସ୍ପଷ୍ଟ ହୋଇଛି ରୋହିତଙ୍କ ବ୍ରୋଙ୍କୋ ଟେଷ୍ଟ ହୋଇନି। ତାହା କେବଳ ଗୁଜବ ଥିଲା। ବ୍ରୋଙ୍କୋ ଟେଷ୍ଟ ସାଧାରଣତଃ ବୋଲରଙ୍କ କ୍ଷେତ୍ରରେ ହୋଇଥାଏ। ରୋହିତ ଜଣେ ଓପନିଂ ବ୍ୟାଟର। ତେଣୁ ସେ ୟୋୟୋ ଫିଟ୍‌ନେସ ଟେଷ୍ଟ ଦେଇଛନ୍ତି। ଏଥିରେ ମଧ୍ୟ ସେ କୃତକାର୍ଯ୍ୟ ହୋଇଛନ୍ତି। ବ୍ରୋଙ୍କୋ ଟେଷ୍ଟ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ଼ ବିଧିବଦ୍ଧ ଭାବେ ଲାଗୁ କରିନାହିଁ। ଫଳରେ ରୋହିତଙ୍କୁ ଏହି ଟେଷ୍ଟ ଦେବାକୁ ପଡ଼ି ନଥିଲା। ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ ଟିମ୍ ଇଣ୍ଡିଆ ସେପ୍ଟେମ୍ବର ୪ରେ ଏସିଆ କପ ଟି-୨୦ ଟ୍ରଫି ପାଇଁ ଦୁବାଇ ଗସ୍ତରେ ଯିବ। ସେପ୍ଟେମ୍ବର ୫ରେ ବିସିସିଆଇ ଯଦି ଚାହିଁବ, ସେଠାରେ ଖେଳାଳିଙ୍କ ବ୍ରୋଙ୍କୋ ଟେଷ୍ଟ କରିପାରିବ। ରୋହିତ ଓ ବିରାଟ କୋହଲି ଅନ୍ତର୍ଜାତୀୟ ଟି-୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ଉଭୟ ଦିନିକିଆ କ୍ରିକେଟ ଖେଳିବା ଜାରି ରଖିଛନ୍ତି।

## ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଓଡିଶା ଏଫସି ବିଜୟୀ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ କେନ୍ଦୁଆ ପଞ୍ଚାୟତ ର ଭାଲିଆଡିହା ଠାରେ ଥିବା ଜିଆଲ ଝରନା ନୁଆନ ସେମଲେଦ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୫ ତମ ଦ୍ୱୀଦିବସୀୟ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ ଉଦଯାପିତ ହୋଇଯାଇଛି । କ୍ଲବର ସଭାପତି ପପୁ ମାଝୀ , ସମ୍ପାଦକ ଲାଡୁ ମାଝୀଙ୍କ ସଂଯୋଜନାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଗୋଟି ଦଳ ଖେଳିଥିବା ବେଳେ କ୍ଲବର ସଦସ୍ୟ ଗୋପାଲ ମାଝୀ ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ ।

ସୋମବାର କେନ୍ଦୁଆ ଗ୍ରାମପଞ୍ଚାୟତର ସରପଞ୍ଚ ମନମୋହନ ମାଝୀ ଏହି ଦିବସୀୟ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା ୧୬ ଗୋଟି ଦଳ ମଧ୍ୟରୁ ପ୍ରଥମ ଦିନରେ ୮ ଗୋଟି ଦଳ ଏବଂ ଦ୍ୱିତୀୟ ଦିନରେ ମଧ୍ୟ ୮ ଗୋଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ଫାଇନାଲ ମ୍ୟାଚ ଓଡିଶା ଏଫସି ଏବଂ ନାଣ୍ଟୁ ବାବୁ ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୧-୦ ଗୋଲରେ ଓଡିଶା ଏଫସି ଫାଇନାଲ ମ୍ୟାଚ ଜିତିଯାଇଥିଲା । ଉଦଯାପନୀ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଲୋକପ୍ରିୟ ବଡସାହି ବିଧାୟକ ସନାତନ ବିଜୁଳି ପହଞ୍ଚି ସମସ୍ତ ଖେଳାଳି ଏବଂ ଦର୍ଶକ ମାନଙ୍କର ଉତ୍ସାହ ବଢ଼ାଇବା ସହ ଆୟୋଜକ କ୍ଲବର ସଦସ୍ୟମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ ନନ୍ଦୀ , ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡ଼ା , ସାଧାରଣ ସମ୍ପାଦକ ବିକାଶ କୁମାର ଦାସ , ଯୁବ ସଂଗଠକ କ୍ଷିତିଶ ମହାନ୍ତ , ସଂଜୀବ ଜେନା , ପଦ୍ମନାଭ ପଣ୍ଡା , ସାମ୍ବାଦିକ ଅନୁପ ଦଣ୍ଡପାଟ, ସରପଞ୍ଚ ମନମୋହନ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ଦ୍ୱୀଦିବସୀୟ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବିଜେତା ଓଡ଼ିଶା ଏଫସିକୁ ୨ଲକ୍ଷ ଟଙ୍କା ସମେତ ଟ୍ରଫି , ୨ୟରେ ଥିବା ନାଣ୍ଟୁବାବୁ ଏଫସିଙ୍କୁ ୧.୫ ଲକ୍ଷ ଟଙ୍କା , ୩ୀୟ ରେ ବ୍ଲାକ ହିଲ ଏଫସିକୁ ୭୦ ହଜାର ଟଙ୍କା ଏବଂ ଚତୁର୍ଥରେ ଥିବା ଜି ମାନ ଜି ଏଫସି କୁ ୭୦ ହଜାର ଟଙ୍କା ଲେଖାଏଁ ବିଜେତା ରାଶି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବିଜୁଳି ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଆନ୍ତରାଜ୍ୟ ଟୁର୍ଣ୍ଣାମେଣ୍ଟରେ ଭାରତର ବିଭିନ୍ନ ରାଜ୍ୟ ତଥା ବିଦେଶରୁ ମଧ୍ୟ ଆସିଥିବା ଖେଳାଳିଙ୍କ ଖେଳ ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା ଯାହାକି ଆକର୍ଷଣୀୟର ବିଷୟ ଥିଲା ।



## ୟୁଏସ୍ ଓପନ : ସେମିରେ ଜୋକୋଭିକ୍

ନୂଆଦିଲ୍ଲୀ, ୩।୯ (ଏଜେନ୍ସି) : ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନରେ ସର୍ବିୟାର ପେଶାଦାର ପୁରୁଷ ଟେନିସ୍ ଖେଳାଳି ନୋଭାକ ଜୋକୋଭିକ୍‌ଙ୍କ ଜୟଯାତ୍ରା ଜାରି ରହିଛି। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲ୍‌ରେ ଜୋକୋଭିକ୍ ଜମାଣିଆ ବିଜୟ ହାସଲ କରି ସେମିରେ ପ୍ରବେଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ସପ୍ତମ ସିଡ୍ ମାନ୍ୟତା ହାସଲ କରିଥିବା ଜୋକୋଭିକ ଏପର୍ଯ୍ୟନ୍ତ ଅପରାଜିତ ରହିଛନ୍ତି। କ୍ୱାର୍ଟର୍‌ରେ ଜେକୋଭିକ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଟେଜଙ୍କୁ ଧରାଶାୟୀ କରିଥିଲେ। ସେମିଫାଇନାଲରେ ଜୋକୋଭିକ ଏବଂ ସ୍ପେନ୍‌ର କାର୍ଲୋସ ଆଲକାରେଜଙ୍କ ମଧ୍ୟରେ ଲଢ଼େଇ ହେବ। ଜୋକୋଭିକ ବିଜୟୀ ହୋଇପାରିଲେ ଫାଇନାଲରେ ପ୍ରବେଶ କରିବା ସହ ଆଉ ଏକ ଗ୍ରାଣ୍ଡସ୍ଲାମ୍ ଟାଇଟଲର ନିକଟତର ହେବେ। ଆଲକାରେଜ କ୍ୱାର୍ଟର ଲଢ଼େଇରେ ଜିରି ଲେହେକାଙ୍କୁ ୬-୪, ୬-୨, ୬-୪ ସେଟ୍‌ରେ ପରାଜିତ କରି ସେମିରେ ପ୍ରବେଶ କରିଥିଲେ। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଆର୍ୟାନା ସାବାଲେଙ୍କା ୱାକ୍‌ଓଭର ପାଇ ବିଜୟୀ ହୋଇଛନ୍ତି। ସାବାଲେଙ୍କା ଓ ଭଣ୍ଡୌଶୋଭାଙ୍କ ମଧ୍ୟରେ କ୍ୱାର୍ଟର ଲଢ଼େଇ ହେବାର ଥିଲା। ଆହତ ସମସ୍ୟା ଯୋଗୁ ମାର୍କେଟା ଭଣ୍ଡୌଶୋଭା ଲଢ଼େଇ ପୂର୍ବରୁ ଓହରିଯାଇଥିଲେ। ଫଳରେ ସାବାଲେଙ୍କାଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ତେଣୁ ବିନା ଲାଢ଼େଇରେ ସାବାଲେଙ୍କା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ଜୋନ ସ୍ତରୀୟ କ୍ରୀଡା ପ୍ରତିଯୋଗିତା

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ଜୋନ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ନେଇ ୪ଟି ଜୋନରେ ବିଭକ୍ତ କରାଯାଇଥିବା ବେଳେ ରାଧାକାନ୍ତସାଉଥ ଜୋନ ଅଧୀନ ମାଛପଡା, ଇନ୍ଦିପୁର, ଶ୍ରୀପୁରୁଷୋତମପୁର, ବୋଲକଣା, ହାକପଡା, ଗେଂଚ, ବେରବୋଇ ଆଦର୍ଶ ବିଦ୍ୟାଳୟ, ଧାନକେରା, ଅଭୟମୁଖୀ ପ୍ରମୁଖ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୫୦ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ପ୍ରତିଯୋଗିମାନଙ୍କ ମଧ୍ୟରେ ୧୪ବର୍ଷରୁ କମ ଓ ୧୭ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ବିଭକ୍ତ କରାଯାଇଥିବା ବେଳେ ପ୍ରତିଯୋଗିମାନଙ୍କ ମଧ୍ୟରେ କବାଡି, ଖୋଖୋ, ଭଲି ବଲ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଡେଲାଙ୍ଗ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ, ସିଆରସିସି ସୁଦୀପ୍ତ ପରିଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଶାରିରୀକ ଶିକ୍ଷା ଶିକ୍ଷକ ଜିତେନ୍ଦ୍ର ନାଥ ଦାସ, ଲକ୍ଷ୍ମିନାରାୟଣ ଜେନା, ବୈଶାଂଧର ମହାପାତ୍ର, ନନ୍ଦିତାରାଣୀ ବେହେରା, ରୋଜାଲିନୀ ପରିଡା, ବିଷ୍ଣୁପ୍ରିୟା ପରିଡା, ସଂଘମିତ୍ରା ପରିଡା ପ୍ରମୁଖ କ୍ରୀଡା ପରିଚାଳନା କରିବା ସହିତ କୃତି ପ୍ରତିଯୋଗିମାନଙ୍କୁ ଚୟନ କରିଥିଲେ । ଶିକ୍ଷକ ନଟବର ସେଠୀଙ୍କ ତତ୍ୱାବଧାନରେ ଏହି କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ କୃତି ପ୍ରତିଯୋଗିମାନେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି ।

## ପାରା ଫେନସିଂ ବିଶ୍ୱ ଚାମ୍ପିଅନସିପ୍ : ଦ୍ୱିତୀୟ ଦିନ ଭାରତର ଦମଦାର ପ୍ରଦର୍ଶନ

ଭୁବନେଶ୍ୱର, ୩।୯ (ସବ୍ୟୁ): ପାରା ଫେନ୍ସିଂ ବିଶ୍ୱ ଚାମ୍ପିଅନସିପ୍‌ରେ ଭାରତୀୟ ଦଳର ଉତ୍ସାହଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି । ପୁରୁଷ ସାବର ଦଳ ଓ ମହିଳା ଏପେ ଦଳ ବିଶ୍ୱର ଶକ୍ତିଶାଳୀ ଫେନ୍ସିଂ ଦେଶ ବିପକ୍ଷରେ ସ୍ଥିରତା ଏବଂ ଦୃଢ଼ ପ୍ରଦର୍ଶନ ଦେଖିବାକୁ ମିଳିଛି।

ରାଖାଲ କୁମାର ସେଠି (ଏ), ପରବୀନ (ଏ), ପବିତ୍ର ସାହୁ (ଏ), ଏବଂ ରୁଦ୍ରନାରାୟଣ ବେହେରା (ବି)ଙ୍କୁ ନେଇ ଗଠିତ ଭାରତର ପୁରୁଷ ସାବର୍ ଦଳ ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ ଏକ ପ୍ରେରଣାଦାୟକ ବିଜୟ ସହିତ ସେମାନଙ୍କର ଅଭିଯାନ ଆରମ୍ଭ କରିଥିଲା। ଏକ ରୋମାଞ୍ଚକର ପ୍ରତିଯୋଗିତାରେ ଭାରତୀୟ ଦଳ ୪୫-୪୦ ସ୍କୋରରେ ଆମେରିକାକୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ସେମାନଙ୍କର ସ୍ଥାନ ସୁରକ୍ଷିତ କରିଥିଲେ।

ପ୍ରି-କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ, ଭାରତ ୟୁକ୍ରେନ୍ ଦଳ ବିପକ୍ଷରେ ଏକ କଠିନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ଏକ ଉତ୍ସାହୀ ଲଢ଼େଇ ସତ୍ତ୍ୱେ, ଭାରତ ୩୦ ପଏଣ୍ଟ ହାସଲ କରିପାରିଥିଲା। କିନ୍ତୁ ଶେଷରେ ୩୦-୪୫ ପଛରେ ରହିଥିଲା, ଯାହା ସେମାନଙ୍କର କ୍ୱାର୍ଟରଫାଇନାଲ ଆକାଂକ୍ଷାକୁ ଶେଷ କରିଦେଲା।

ପରାଜୟ ପରେ, ଭାରତ ୫ରୁ ୮ ସ୍ଥାନ ପାଇଁ ବର୍ଗୀକରଣ ମ୍ୟାଚ୍‌ଗୁଡ଼ିକରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଦଳ ସେମାନଙ୍କର ତୃତୀୟ ମ୍ୟାଚ୍‌ରେ ଫ୍ରାନ୍ସକୁ ଭେଟିଥିଲା, ଯେଉଁଠାରେ ସେମାନେ ୨୬-୪୫ ପରାସ୍ତ ହୋଇଥିଲେ, ତା'ପରେ ଥାଇଲ୍ୟାଣ୍ଡ ବିପକ୍ଷରେ ଆଉ ଏକ ପ୍ରତିଯୋଗିତା ହୋଇଥିଲା, ଯାହା ୩୩-୪୫ରେ ସମାପ୍ତ ହୋଇଥିଲା। ଏହି ଫଳାଫଳ ସହିତ, ଭାରତ ବିଶ୍ୱ ଚାମ୍ପିଅନସିପରେ ଏକ ପ୍ରଶଂସନୀୟ ୮ମ ସ୍ଥାନରେ ପୁରୁଷ ସାବର୍ ଅଭିଯାନ ଶେଷ କରିଥିଲା, ଯାହା ପାରା ଫେନ୍ସିଂ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା।

ମହିଳା ଏପେ ଇଭେଣ୍ଟରେ ଭାରତୀୟ ଦଳ - ମାଳତୀ ପାନାଉରେ (ଏ), ରେଖା (ଏ), ପୂଜାସ୍ୱିନୀ ନାୟକ (ବି), ଏବଂ ଥମାସ ଶେରନ୍ତି (ବି) - ଏକ ଶକ୍ତିଶାଳୀ ବ୍ରାଜିଲୀୟ ଦଳ ବିପକ୍ଷରେ ଖେଳିଥିଲା। ମ୍ୟାଚ୍‌ଟି କଡ଼ା ସଂଘର୍ଷପୂର୍ଣ୍ଣ ଥିଲା। ଭାରତୀୟ ମହିଳାମାନେ ଦୃଢ଼ ପ୍ରଦର୍ଶନ କରିଥିଲେ, କିନ୍ତୁ ବ୍ରାଜିଲ ଶେଷରେ ୪୫-୩୯ ସ୍କୋର ସହିତ ବିଜୟ ହାସଲ କରିଥିଲା।



ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି